
₹: 25
www.amarisatya.in
@amarisatya

# ଆମରି ସତ୍ୟ
# AMARI SATYA





ଚତୁର୍ଦ୍ଦଶ ବର୍ଷ, ଅଷ୍ଟମ ସଂଖ୍ୟା
ଫେବୃୟାରୀ ୨୦୨୪, ପୃଷ୍ଠା ସଂଖ୍ୟା ୩୬
RNI Regn. No. : ODI/ODI/2010/350521
Postal Regd. No. : PURI-33/2022-24









# ଆଲୋଚନା ଚକ୍ର



ଗତ ତା୧୪.୧.୨୪ରିଖ ରବିବାର ଦିନ **'ଆମରି ସତ୍ୟ ବିକାଶ ପରିଷଦ'** ଆନୁକୁଲ୍ୟରେ ଶ୍ରୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ହରିପୁର, ଖୋର୍ଦ୍ଧାରେ ଶ୍ରୀଯୁକ୍ତ ଜବାହରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ **'ଭାଗବତ ଟୁଙ୍ଗିର ପ୍ରାସଙ୍ଗିକତା'** ପ୍ରସଙ୍ଗରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ ଶ୍ରୀଯୁକ୍ତ ଆଦିନାରାୟଣ ଖୁଣ୍ଟିଆଳ ସମସ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶ୍ରୀଯୁକ୍ତ ପ୍ରମୋଦ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀଯୁକ୍ତ ବିନାୟକ ରଥ ଭାଗବତ ଟୁଙ୍ଗିରେ କିପରି ଭାଇଚାରା ଭାବ ସୃଷ୍ଟି ହେଉଥିଲା ଏବଂ ସତ୍ୟର ଅନୁସନ୍ଧାନ କରିବା ପାଇଁ ପ୍ରେରଣାପ୍ରଦ ଥିଲା, ତାହା ବର୍ଣ୍ଣନା କରିଥିଲେ। ସମ୍ମାନୀତ ଅତିଥି ପଣ୍ଡିତ ରମାକାନ୍ତ ମିଶ୍ର ଭାଗବତ ଟୁଙ୍ଗିର ଇତିହାସ ଓ ତା'ର ପୁନରୁଦ୍ଧାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଭାଗବତ ଟୁଙ୍ଗି ଦ୍ୱାରା ଗ୍ରାମଗୁଡ଼ିକରେ କିପରି ଆଧାତ୍ମିକ ପରିବେଶ ସୃଷ୍ଟି ହେଉଥିଲା ଏବଂ ଭାଗବତ ପାଠ ଦ୍ୱାରା ଆଚରଣ, ଉଚ୍ଚାରଣ କିପରି ମାର୍ଜିତ ହୋଇପାରିବ, ସେ ବିଷୟରେ ଆଲୋଚନା କରିଥିଲେ। 'ଆମରି ସତ୍ୟ'ର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ଘରେ ଘରେ ନିୟମିତ ଭାଗବତ ପାଠ ଦ୍ୱାରା ସଦାଚାର ଭାବର ପରିପ୍ରକାଶ ହୋଇଥାଏ, ସେ ବିଷୟରେ ଆଲୋଚନା କରିଥିଲେ।

ଆଲୋଚନା ଚକ୍ରର ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା କବିତା ପାଠ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ବାସୁଦେବ ସାହୁ ସଭାପତିତ୍ୱରେ ଅଧାପିକା ସୌଦାମିନୀ ବେହେରା ସଂଯୋଜନା କରିଥଲେ। ଉକ୍ତ କାର୍ଯ୍ୟକ୍ରମରେ **'ଶ୍ରୀ ରାମେଶ୍ୱର ପୂଜା କମିଟି'**କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ହରିପୁର ଗ୍ରାମ ବାସିନ୍ଦା ପ୍ରଦୀପ ଜେନା, ପୂର୍ଣ୍ଣ ଚନ୍ଦ୍ର ଜେନା, ପ୍ରସନ୍ନ ପଣ୍ଡା, ସରୋଜ ଜେନା, ମଙ୍ଗୁଳି ପରିଡ଼ା, ଦିଲୀପ ଜେନା, ସୌମେନ୍ଦ୍ର ଜେନା, ନାରାୟଣ ପଣ୍ଡା, ପତିତପାବନ ଜେନା, ନିଲୁ ଜେନା ପ୍ରଭୃତି ସହଯୋଗ କରିଥିଲେ। ଶ୍ରୀଯୁକ୍ତ ପ୍ରମୋଦ ମହାନ୍ତି, ପଦ୍ମଲୋଚନ ସାହୁ, ଡ. ସୁକାନ୍ତି ମହାପାତ୍ର, ଡ. ରଜନୀ ରଣସିଂହ, ଆରତୀ ସେନ୍, ଜଗନ୍ନାଥ ନାୟକ, ସୁଦର୍ଶନ ମହାପାତ୍ର ସମେତ ଅନ୍ୟମାନେ କବିତା ପାଠ କରିଥଲେ। ପରିଶେଷରେ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

www.amarisatya.in

# ଆମରି ସତ୍ୟ

ପ୍ରତିଷ୍ଠାତା : ଡ. ପ୍ରମୋଦ ଚନ୍ଦ୍ର ଦାଶ

ଭିନ୍ନସ୍ୱାଦର ମାସିକ ପତ୍ରିକା...

ଚତୁର୍ଦ୍ଦଶ ବର୍ଷ ❖ ଅଷ୍ଟମ ସଂଖ୍ୟା ❖ ଫେବୃୟାରୀ ୨୦୨୪

**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮

**ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା):**
**'ଆମରି ସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋର୍ଦ୍ଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରି ସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩, ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ, ଜଟଣୀ
ଫୋନ୍ ନଂ:୭୮୪୮୮୪୬୦୬

## ଗ୍ରାହକମାନଙ୍କ ପାଇଁ ସୂଚନା

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ଆଜୀବନ ସଦସ୍ୟତା (୧୪ ବର୍ଷ ପାଇଁ ) | ଟ.୩୦୦୦/- |

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରତ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା


**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା

ଦେୟ 'ଆମରିସତ୍ୟ' ନାମରେ ମନି ଅର୍ଡର, ଡ୍ରାଫ୍ଟ, ଚେକ୍ ତଥା UPI ମାଧ୍ୟମରେ ପଠାଇବାକୁ ଅନୁରୋଧ ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ ।

**AMARISATYA** : AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS
Website: www.amarisatya.in Email:amarisatya@gmail.com



## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ



ହେ' କଳା ଠାକୁର ଦିନ ବିତୁ ମୋର
କେବଳ ତୁମରି ନାମେ,
ତୁମେ ମୋ' ଅତୀତ ତୁମେ ଭବିଷ୍ୟତ
ବର୍ତ୍ତମାନ ମୋର ତୁମେ ।।୦।।

ଷୋଳକଳା ପରା ତମେ ନନ୍ଦବଳା
ଦେଖି ଲାଖିଯାଏ ଆଖି,
ତମ ଚକାଆଖି ସବୁ ଦେଖୁଥାଏ
ଦୁନିଆ ଯାକର ସାକ୍ଷୀ,
ତୁମରି ଶ୍ରୀକ୍ଷେତ୍ର ମର୍ତ୍ତ୍ୟ ବଇକୁଣ୍ଠ
ଲୀଳାମୟ ପ୍ରଭୁ ତମେ ।।୧।।

ହେ' କଳା ଠାକୁର ....
ତମେ ଦେଲାବାଲା ଆହେ' ଦୀନବନ୍ଧୁ
ନେବାକୁ ଶକତି ନାହି,
ଏଭଳି ଦିଅଁକୁ ହାତପାତି ଅବା
କ'ଣ ମାଗିବି ମୁହିଁ,
ଏତିକି କରୁଣା କରିବ ପ୍ରଭୁ ହେଁ
ଜୀବ ଯାଉ ତମ ଧାମେ ।।୨।।
ହେ କଳା ଠାକୁର......

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା
ମୋ - ୯୧୭୮୬୨୬୨୮୦

## ଅମର ଲେଖନୀରୁ

ଉତ୍ତମ ଲୋକ ଦେଖିଣ ମନ୍ତ୍ରୀ ଯେ କରିବୁ,
କିନ୍ତୁ ତା'ର ହାତେ ଦଣ୍ଡ ବିଧି ଯେ ନ ଦେବୁ ।
କୃଷିକାରୀକି ଗୋ ଧନ ଦ୍ୱାରା ନ ଦଣ୍ଡିବୁ
ନିର୍ଦ୍ଦୋଷୀ ଦେଖିଲେ ତା'କୁ କ୍ଷମା ଯେ କରିବୁ ।
(ଆଦିକବି ସାରଳା ଦାସ)

## ହିତବାଣୀ

### ଗୀତା

ନ ଜାୟତେ ମ୍ରିୟତେ ବା କଦାଚିନ୍-
ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ।।

ଏହି ଆତ୍ମା କୌଣସି କାଳରେ ବି ଜନ୍ମ ହୁଏନାହିଁ, କି ମରେ ନାହିଁ, ତଥା ଏହା ଉତ୍ପନ୍ନ ହେବା ପରେ ଯେ ହୁଏ, ସେପରି ନୁହେଁ; କାରଣ ଏହା ହେଉଛି ଅଜନ୍ମା, ନିତ୍ୟ, ସନାତନ ଏବଂ ପୁରାତନ। ଶରୀରକୁ ବଧ କରିଦେଲେ ମଧ୍ୟ ଏହା ନିହତ ହୁଏନାହିଁ।

### ଭାଗବତ ବାଣୀ

ଯହିଁ ଅନେକ ଲୋକ ମିଳି। ଅବଶ୍ୟ ଉପୁଜଇ କଳି।।
ମର୍ତ୍ତ୍ୟମଣ୍ଡଳେ ଦେହ ବହି। ଦେବତା ହୋଇଲେ ମରଇ।।

### ଚାଣକ୍ୟ ନୀତି

ନ ବିଶ୍ୱସେତ୍ କୁମିତ୍ରେ ଚ ମିତ୍ରେ ଚାପି ନ ବିଶ୍ୱାସେତ୍।
କଦା ଚିତ୍ କୁପିତଂ ମିତ୍ରଂ ସର୍ବଂ ଗୁହ୍ୟେଂ ପ୍ରକାଶୟେତ୍।।

ଆଚାର୍ଯ୍ୟ ଚାଣକ୍ୟଙ୍କ କହିବାର କଥା ହେଉଛି ଯେ, କୁମିତ୍ର ଉପରେ କୌଣସି ପ୍ରକାରରେ ବିଶ୍ୱାସ କରି ହେବନାହିଁ କି ସଂପୂର୍ଣ୍ଣ ଭାବରେ ମିତ୍ରଙ୍କ ଉପରେ ମଧ୍ୟ ଭରସା କରି ହେବନାହିଁ। କେବେ ରାଗରେ ସେ ମିତ୍ର ହେଲେ ମଧ୍ୟ ତୁମର ଗୁପ୍ତ କଥାକୁ ସମସ୍ତଙ୍କ ସମ୍ମୁଖରେ ପ୍ରକାଶକରି ଦେଇପାରେ।

### ନୀତିଶ୍ଳୋକ

ଚଳଚ୍ଚିତ୍ତଂ ଚଳଦ୍‌ବିତ୍ତଂ ଚଳଜୀବନ ଯୌବନମ୍
ଚଳାଚଳ ମିଦଂ ସର୍ବଂ, କୀର୍ତ୍ତିର୍ଯସ୍ୟ ସ ଜୀବତି।।

ଚିତ୍ତ ଚଞ୍ଚଳ, ସମ୍ପଦ ମଧ୍ୟ ଅସ୍ଥିର, ଜୀବନ ଯୌବନ ଚିରସ୍ଥାୟୀ ନୁହେଁ, ଯାହାର କୀର୍ତ୍ତିଅଛି ସେ ହିଁ ବଞ୍ଚିରହେ।

### ଢଗଢ଼ମାଳି

ଅଙ୍ଗ ନଉଡ଼ି ଭଙ୍ଗରେ ଯାଏ
ଚିତା କଉଡ଼ି ସଙ୍ଗରେ ଯାଏ।

ନିଜେ ଅର୍ଜିଥିବା ଧନ ମରିଗଲା ପରେ ଅନ୍ୟମାନେ ଖାଆନ୍ତି। ମାତ୍ର ସ୍ୱ ଅର୍ଜିତ ଯଶ ହିଁ ମଲାପରେ ସାଥୀ ହୋଇଥାଏ।

### ରୂଢ଼ି ପ୍ରୟୋଗ

ଅତି ଭକ୍ତି ଚୋରର ଲକ୍ଷଣ -
ଭିତରେ ଶଠତା ରଖି ସାଧୁତା ଦେଖାଇବା



# ସମ୍ପାଦକୀୟ....

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର ପ୍ରସାର ପ୍ରଚାର ବିସ୍ତାର ତଥା ବିଶ୍ୱ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବା ଦିଗରେ ଏକ ସ୍ୱାଗତଯୋଗ୍ୟ ଅଭିନନ୍ଦନୀୟ ପଦକ୍ଷେପ। ଓଡ଼ିଆ ଭାଷା ଏକ ପ୍ରାଚୀନତମ ଶାସ୍ତ୍ରୀୟ ଭାଷା। ଅଶୋକଙ୍କ ଶିଳାଲିପିରେ ବ୍ୟବହାର ହୋଇଥିବା ମାଗଧି-ପ୍ରାକୃତ ଭାଷା ଓଡ଼ିଶାର ପ୍ରାକୃତ ଭାଷାଦ୍ୱାରା ସମୃଦ୍ଧ ହୋଇ ଉଡ୍ର ମାଗଧି ଭାଷାର ଉତ୍ପତ୍ତି ହୋଇଥିଲା। ଖାରବେଳଙ୍କ ଶିଳାଲିପି ପ୍ରକୃତ କଳିଙ୍ଗର କଥିତ ଭାଷା ବ୍ୟବହାର ହୋଇଥିଲା ଓ ଏହା ପ୍ରାଚୀନ ପାଲି ଭାଷାରେ ଲିଖିତ ହୋଇଥିଲା। ପାଲି ଭାଷାର ଗବେଷକ ଓଲଡେନ ବର୍ଗଙ୍କ ମତରେ ପାଲିଭାଷା କଳିଙ୍ଗର ଭାଷା ଥିଲା ଓ ଏହା କଳିଙ୍ଗରୁ ସିଂହଳ ଯାଇଥିଲା। ପାଲିଭାଷା ବୌଦ୍ଧ ସାହିତ୍ୟର ଭାଷା ଥିଲା। କ୍ରମଶଃ ଓଡ଼ିଶାରେ ପ୍ରଚଳିତ ପାଲି ଭାଷାରେ ଅନେକ ପରିବର୍ତ୍ତନ ହୋଇ ନୂତନ କଥିତ ଭାଷା ଉଡ୍ର-ପ୍ରାକୃତ ଭାଷାର ଉତ୍ପତ୍ତି ହୋଇଥିଲା। ତୃତୀୟ ଶତାବ୍ଦୀ ବେଳକୁ ଉଡ୍ର-ପ୍ରାକୃତ ରାଜଭାଷା ରୂପେ ବ୍ୟବହୃତ ହୋଇଥିଲା (ଭଦ୍ରକ ଶିଳାଲିପି)। ପରେ ଉଡ୍ର-ପ୍ରାକୃତ ଭାଷା ସଂସ୍କୃତ ସହିତ ମିଶି ଏକ ନୂତନ ଲୋକଭାଷା- ଅପଭ୍ରଂଶ ଭାଷାର ଉତ୍ପତ୍ତି ହୋଇଥିଲା। ଅପଭ୍ରଂଶ ଭାଷା ଅଧିକ ପରିମାର୍ଜିତ ହୋଇ ଦଶମରୁ ଷୋଡଶ ଶତାବ୍ଦୀ ମଧ୍ୟରେ ବିକଶିତ ଓଡ଼ିଆ ଭାଷାରେ ପରିଣତ ହୋଇଥିଲା। ଉଡ୍ର-ପ୍ରାକୃତ କ୍ରମ ବିକଶିତ ହୋଇ ଅପଭ୍ରଂଶ ଓ ସଂସ୍କୃତ ଭାଷାର ସମିଶ୍ରଣରେ ଆଧୁନିକ ଓଡ଼ିଆ ଭାଷାରେ ପରିଣତ ହୋଇଥିଲା।

ଓଡ଼ିଆ ଭାଷାର ଶାସ୍ତ୍ରୀୟତା ଓ ପ୍ରାଚୀନତା ଆଧାରରେ ୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖରେ ଭାରତ ସରକାର ଏହାକୁ ଶାସ୍ତ୍ରୀୟ ଭାଷା ହିସାବରେ ମାନ୍ୟତା ପ୍ରଦାନ ରାଜପତ୍ର ପ୍ରକାଶ କଲେ। ଏହି ଦିନକୁ ଓଡ଼ିଆ ଭାଷା ଦିବସ ରୂପେ ପାଳନ କରାଯାଉଛି।

ଓଡ଼ିଆ ଭାଷା ଏକ ପ୍ରାଚୀନତମ ଶାସ୍ତ୍ରୀୟ ଭାଷା ହୋଇଥିଲେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିବାକୁ ଅନେକ ସଙ୍ଘର୍ଷ ମଧ୍ୟଦେଇ ଗତି କରିଛି। ଓଡ଼ିଶା ସାମ୍ରାଜ୍ୟ ଓ ଓଡ଼ିଶା ରାଜ୍ୟର ପତନ ପରେ ପରେ ଖଣ୍ଡବିଖଣ୍ଡିତ ଓଡ଼ିଶା, ବିଭିନ୍ନ ପ୍ରାଦେଶିକ ପ୍ରଶାସନିକ ଅଧିନରେ ରହି ନିଜର ସ୍ୱତନ୍ତ୍ର ରାଜନୈତିକ ସ୍ଥିତି ହରାଇଥିଲା। ସରକାରୀ ଓ ବିଦ୍ୟାଳୟମାନଙ୍କରୁ ଏହି ଭାଷାର ବ୍ୟାବାହର ଲୋପ କରିବା ପାଇଁ ଚକ୍ରାନ୍ତ ହୋଇଥିଲା। ଓଡ଼ିଶା ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ମଧ୍ୟ ଅପପ୍ରଚାର ହୋଇଥିଲା। ନିଜ ଭାଷାକୁ ବଞ୍ଚାଇ ରଖିବାକୁ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାଷା ଆନ୍ଦୋଳନ ଆରମ୍ଭ ହେଲା। ଭାଷା ଆନ୍ଦୋଳନରୁ ଜନ୍ମ ନେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବୀ ଓ ଉଦ୍ୟମ। ଅବଶେଷରେ ଓଡ଼ିଶା ପ୍ରବେଶ ଗଠନ ହେଲା। ଓଡ଼ିଶା ହେଉଛି ଭାଷା ଭିତ୍ତିରେ ଗଠିତ ଭାରତର ପ୍ରଥମ ପ୍ରଦେଶ। ଭାଷା ବଞ୍ଚିଗଲା ବୋଲି ସ୍ୱତନ୍ତ୍ର ପ୍ରଦେଶ ଓ ରାଜନୈତିକ ପରିଚୟ ମିଳିଲା। ଭାଷା ହିଁ ଓଡ଼ିଶା ଓ ଓଡ଼ିଆଙ୍କର ସ୍ୱତନ୍ତ୍ର ପରିଚୟ। ଭାଷା ହିଁ ଆମର ଅତୀତର ଅସ୍ତିତ୍ୱ ଓ ଭବିଷ୍ୟତର ପରିଚୟ।

ବର୍ତ୍ତମାନର ସ୍ଥିତି ଉତ୍ସାହ ଜନକ ନୁହେଁ। କିଛି ବର୍ଷ ପୂର୍ବରୁ ହୋଇଥିବା ଭାଷା ସୁରକ୍ଷା ଆନ୍ଦୋଳନକୁ ଏକ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ। ଓଡ଼ିଆ ଭାଷା ପ୍ରତି ଶିକ୍ଷିତ ଓଡ଼ିଆମାନଙ୍କର ଅନାଗ୍ରହ ଓ ଉପେକ୍ଷା ଚିନ୍ତାର ବିଷୟ ନିଶ୍ଚୟ। କିନ୍ତୁ ପରିବର୍ତ୍ତନ ଆଭାସ ମିଳୁଛି। ଓଡ଼ିଆ ଭାଷା ସାହିତ୍ୟ, ଇତିହାସ, ସଂସ୍କୃତି, କଳାକୃତିର ମହାନତା, ପ୍ରାଚୀନତା ଓ ସ୍ୱତନ୍ତ୍ରତାକୁ ରାଷ୍ଟ୍ରୀୟ ଓ ବିଶ୍ୱସ୍ତରରେ ଉପସ୍ଥାପିତ କରାଯିବାର ଆବଶ୍ୟକତା ରହିଛି। ଏ ଦିଗରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏକ ସମୟୋପଯୋଗୀ ପଦକ୍ଷେପ। ସାରା ଦେଶରେ ସଚେତନା ଓ ଆଗ୍ରହ ସୃଷ୍ଟି ହୋଇଛି। ନୂତନ ଯାଗରଣ ଦେଖାଦେଇଛି। ଏହି ଉତ୍ସାହ ଓ ଆଗ୍ରହକୁ ପ୍ରଜ୍ୱଳିତ କରି ରଖିବା ସବୁ ଓଡ଼ିଆମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ।

**।। ବନ୍ଦେ ଉତ୍କଳ ଜନନୀ ।।**

**ଡ ପ୍ରସନ୍ନ କୁମାର ଜେନା**

# ସୂଚୀପତ୍ର


| କ୍ର.ସଂ. | ବିଷୟ | ବ୍ୟକ୍ତିତ୍ୱ | ପୃଷ୍ଠା |
|---|---|---|---|
| ୧. | ଭାରତରତ୍ନ ୨୦୨୪ | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୫ |
| ୨. | ପଦ୍ମ ସମ୍ମାନ ୨୦୨୪ | | ୭ |
| ୩. | ଧୀରସ୍ତନ୍ତ୍ର ନ ମୁହ୍ୟତି | ଡ. ଅଭୟ କୁମାର ନାୟକ | ୯ |
| ୪. | ମୁଁ ଓଡ଼ିଆ | ଜ୍ୟୋତିପ୍ରଭା ପଟ୍ଟନାୟକ | ୧୦ |
| ୫. | ଗାନ୍ଧିଜୀଙ୍କ ଗୁରୁଭକ୍ତି | ବିଭୂତିଭୂଷଣ ସେନାପତି | ୧୧ |
| ୬. | ସୁଦୃଢ଼ ଇଚ୍ଛାଶକ୍ତି ହିଁ ଅସାଧ୍ୟ ସାଧିକା | ପଣ୍ଡିତ ରମାକାନ୍ତ ମିଶ୍ର | ୧୨ |
| ୭. | ଆଉ କଲବଲ କରନା ମାମୁ | ମହେନ୍ଦ୍ର କୁମାର ଘଡ଼େଇ | ୧୩ |
| ୮. | ମୁକ୍ତି ମାର୍ଗ | ପଦ୍ମନାଭ ପାଣିଗ୍ରାହୀ | ୧୪ |
| ୯. | ରାମ ନୁହେଁ ନୁହେଁ ଦିଅଁ | ଶିବ ମିଶ୍ର | ୧୫ |
| ୧୦. | ବିଷର୍ଣ୍ଣ ଶୈଶବ | ନୀଳକଣ୍ଠ ତ୍ରିପାଠୀ | ୧୬ |
| ୧୧. | ଆମେ ହିଁ ସେହି ନାରୀ... | ଡକ୍ଟର ସୁଷମା ମିଶ୍ର | ୧୭ |
| ୧୨. | ଚର୍ଚ୍ଚିତ ତାରକା ରୋହନ ବୋପାନ୍ନା | ଆଶିଷ କୁମାର ରାୟ | ୧୮ |
| ୧୩. | କାଶତଣ୍ଡୀ | ନାରାୟଣ ଦାସ | ୧୯ |
| ୧୪. | ଭୌଗୋଳିକ ସୂଚକ | | ୨୦ |
| ୧୫. | ବିଜ୍ଞାନ ବିଚିତ୍ରା | ଡ. ପ୍ରେମଚାନ୍ଦ ମହାନ୍ତି | ୨୧ |
| ୧୬. | ସମ୍ବାଦ ବିଚିତ୍ରା | | ୨୪ |
| ୧୭. | ସାଧାରଣ ଜ୍ଞାନ ଏବଂ ପ୍ରତିଯୋଗିତାମୂଳକ ପ୍ରଶ୍ନୋତ୍ତର | | ୨୫ |
| ୧୮. | ପର୍ବପର୍ବାଣୀ ଓ ମୁଖ୍ୟ ଦିବସ | | ୩୨ |



## ବିଶେଷ ସୂଚନା

ଆପଣଙ୍କ ପ୍ରିୟ ଏହି ସୁପରିଚିତ ମାସିକ ଜ୍ଞାନବର୍ଦ୍ଧକ ପତ୍ରିକା ମାଧ୍ୟମରେ ଅତି ସୁଲଭ ମୂଲ୍ୟରେ **'ବିଜ୍ଞାପନ'** ପ୍ରକାଶିତ କରିବାର ସୁଯୋଗର ଲାଭ ଉଠାଇବାକୁ ଅନୁରୋଧ।


**ଯୋଗାଯୋଗ : ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା)**
**'ଆମରି ସତ୍ୟ'**
**ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ**
**ପୋ - ପି.ଏନ୍. କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା**
**ମୋ : ୯୪୩୭୨୮୧୬୫୫**


# ପ୍ରଭୁ ଆଗମନେ ଆବେଗ ପ୍ରଣତି

**ନୀହାରିକା ପଣ୍ଡା**

ପ୍ରଭୁ ଆଗମନେ ଏ ଧରା ଧାମରେ
ଉତ୍ସବମୁଖର ରାଜ୍ୟ,
ରାମ ରାଜ୍ୟ ସ୍ୱପ୍ନ ସତ ଭାରତରେ
ଆହା କେତେ ଖୁସି ଆଜ !
ପୁରୁଷ ଉତ୍ତମ ମୋ ପ୍ରଭୁ ଶ୍ରୀରାମ
ଅଭୟ ହାତରେ ତାଙ୍କ,
ଅନୁଜ ଲକ୍ଷ୍ମଣ ପତ୍ନୀ ସୀତା ସତୀ
ଉପସ୍ଥିତ ସଦା ପାଖ।
ପ୍ରାଣ ପୁଲକିତ ପ୍ରଭୁ ରଘୁବଂଶୀ
ମଥାପରେ ହାତ ରଖ,
ତବ ପାଦତଳେ କେତେ ଯେ ପ୍ରଣତି
ମାରୁତି ମମତା ମୁଖ।
ଅଯୋଧ୍ୟା ପୁରୀରେ ଆରାଧନା ଧାମ
ଜନ୍ମଭୂମି ଗୁରୁଦ୍ୱରେ,
ଜନନୀ ଜନମ ଭୂମି ଗରିୟସୀ
ପ୍ରତିମୂର୍ତ୍ତି ପ୍ରେରଣାରେ।
ଭକ୍ତ ହନୁମାନ୍ ଭକ୍ତିରେ ବିଭୋର
ମନ ଧ୍ୟାନ ହେଉ ସଦା,
ରାମାୟଣ ଗିର ରାମ ନାମ ସାର
ଦୂରକାରୀ ବିଘ୍ନବାଧା।
ତବ ଶ୍ରୀପୟରେ ମନର ସରାଗେ
ଭକ୍ତି ପୁଷ୍ପ ପୂଜା ଅର୍ଘ୍ୟ,
ଆହା ବଳିଦାନ ଶ୍ରେୟ ଏ ମର୍ତ୍ତ୍ୟରେ
ତ୍ୟାଗ ନିଷ୍ଠା ଅନୁରାଗ।
ପରିଚୟ ବାଢେ ପିତୃଭକ୍ତି ଏଠି
ରାମଧୂନ୍ ଲୋକପ୍ରିୟ,
ଶ୍ରୀରାମ ଲକ୍ଷ୍ମଣ ମାତା ସୀତା ସତୀ
ପାଦେ ସଦା ରହୁ ଲୟ।

**ରାକମା, ଭାପୁର,**
**ନୟାଗଡ଼**



# ଭାରତରତ୍ନ ସ୍ୱର୍ଗତଃ କର୍ପୂରୀ ଠାକୁର

## ସରଳତାର ଉଦାହରଣ ତଥା ସାମାଜିକ ନ୍ୟାୟର ପୁରୋଧା



ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କୁ କେନ୍ଦ୍ର ସରକାର ୨୦୨୪ର ଭାରତରତ୍ନ ସମ୍ମାନରେ ସମ୍ମାନିତ କରଛନ୍ତି। ଜାନୁଆରୀ ୨୪, ୨୦୨୪ରେ ତାଙ୍କର ୧୦୦ତମ ଜନ୍ମବାର୍ଷିକୀର ଗୋଟିଏ ଦିନ ପୂର୍ବରୁ ତାଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି।

କର୍ପୂରୀ ଠାକୁର ଅତ୍ୟନ୍ତ ପଛୁଆ ଶ୍ରେଣୀର ସବୁଠାରୁ ବଡ ନେତା ଥିଲେ। ତାଙ୍କ ବିଷୟରେ କୁହାଯାଇଛି ଯେ କର୍ପୂରୀ ଠାକୁର ବିହାର ରାଜନୀତିରେ ଏକ ସୋପାନ ପହଞ୍ଚିଥିଲେ, ଯେଉଁଠାରେ ସମ ପୃଷ୍ଠଭୂମିରୁ ଆସୁଥିବା କୌଣସି ନେତାଙ୍କ ନିକଟରେ ପହଞ୍ଚିବା ପ୍ରାୟ ଅସମ୍ଭବ ଥିଲା।

କର୍ପୂରୀ ଠାକୁର ୨୪ ଜାନୁଆରୀ ୧୯୨୪ରେ ସମସ୍ତିପୁରର ପିତୌଝିଆ (ବର୍ତ୍ତମାନ କର୍ପୁରିଗ୍ରାମ)ରେ ଜନ୍ମଗ୍ରହଣ କରିଥିଲେ। ସେ ନାପିତ ସମ୍ପ୍ରଦାୟରୁ ଆସିଥିଲେ, ଯାହା ଅତ୍ୟନ୍ତ ପଛୁଆ ଶ୍ରେଣୀର ଅଟେ। କର୍ପୂରୀ ଠାକୁର ବିହାରର ଦୁଇଥର ମୁଖ୍ୟମନ୍ତ୍ରୀ, ଥରେ ଉପମୁଖ୍ୟମନ୍ତ୍ରୀ ଏବଂ ବହୁ ଥର ବିଧାୟକ ତଥା ବିରୋଧୀ ଦଳର ନେତା ଭାବରେ କାର୍ଯ୍ୟ କରିଛନ୍ତି। ୧୯୫୨ ମସିହାରେ ସେ ସମାଜବାଦୀ ପାର୍ଟିର ଟିକେଟରେ ତାଜପୁର ଆସନରୁ ପ୍ରଥମ ବିଧାନସଭା ନିର୍ବାଚନରେ ଜିତିଥିଲେ। ସେବେଠାରୁ ସେ କୌଣସି ବିଧାନସଭା ନିର୍ବାଚନରେ ହାରିନାହାନ୍ତି। କର୍ପୁରୀ ଠାକୁର ଦୁଇଥର ମୁଖ୍ୟମନ୍ତ୍ରୀ ଥିଲେ, କିନ୍ତୁ ତାଙ୍କ କାର୍ଯ୍ୟକାଳ କେବେ ବି ଶେଷ କରିପାରିନଥିଲେ। ସେ ଡିସେମ୍ବର ୧୯୭୦ରୁ ଜୁନ୍ ୧୯୭୧ ଏବଂ ଡିସେମ୍ବର ୧୯୭୭ରୁ ଏପ୍ରିଲ ୧୯୭୯ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଥିଲେ। ତେବେ ବିଶେଷ କଥା ହେଉଛି, ସେ ବିହାରର ପ୍ରଥମ ଅଣ କଂଗ୍ରେସ ମୁଖ୍ୟମନ୍ତ୍ରୀ ଥିଲେ।

୧୯୬୭ ମସିହାରେ କର୍ପୂରୀ ଠାକୁର ବିହାରର ଉପମୁଖ୍ୟମନ୍ତ୍ରୀ ହେବା ସହିତ ଶିକ୍ଷା ମନ୍ତ୍ରୀ ପଦ ମଧ୍ୟ ପାଇଥିଲେ। ସେ ଶିକ୍ଷା ମନ୍ତ୍ରୀ ହେବା ମାତ୍ରେ ଇଂରାଜୀ ଆବଶ୍ୟକତାକୁ ରଦ୍ଦ କରିଦେଲେ। ଏହି ନିଷ୍ପତ୍ତି ନିଶ୍ଚିତ ଭାବରେ ସମାଲୋଚିତ ହୋଇଥିଲା, କିନ୍ତୁ ମିଶନାରୀ ବିଦ୍ୟାଳୟଗୁଡ଼ିକ ହିନ୍ଦୀରେ ଶିକ୍ଷାଦାନ ଆରମ୍ଭ କରିଥିଲେ। କୁହାଯାଏ ଯେ, ସେହି ସମୟରେ ଯେତେବେଳେ କେହି ଇଂରାଜୀରେ ବିଫଳ ହେଉଥିଲା, ସେତେବେଳେ ତା'କୁ 'କର୍ପୂରୀ ଡିଭିଜନରେ ପାସ୍ କରିଛି' ବୋଲି କହି ଥଟ୍ଟା କରାଯାଉଥିଲା। କେବଳ ଏତିକି ନୁହେଁ, ଆର୍ଥିକ ଦୃଷ୍ଟିରୁ ପଛୁଆ ଗରିବ ପିଲାମାନଙ୍କର ସ୍କୁଲ ଫି ଛାଡ କରିବାକୁ ମଧ୍ୟ ସେ ନିଷ୍ପତ୍ତି ନେଇଥିଲେ। ସେ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ ମାଟ୍ରିକ୍ ପର୍ଯ୍ୟନ୍ତ ସ୍କୁଲ ଫି ଛାଡ କରିଥିଲେ।

୧୯୭୭ ମସିହାରେ, ଯେତେବେଳେ ସେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ, ସେତେବେଳେ ସେ ରାଜ୍ୟର ସରକାରୀ ଚାକିରିରେ ପଛୁଆ ଲୋକଙ୍କ ପାଇଁ ସଂରକ୍ଷଣ ପ୍ରୟୋଗ କରିଥିଲେ। ମୁଙ୍ଗେରିଲାଲ କମିଶନଙ୍କ ସୁପାରିଶ କ୍ରମେ ସେ ଚାକିରିରେ ପଛୁଆ ଲୋକଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ। କେବଳ ଏତିକି ନୁହେଁ, ସେ ରାଜ୍ୟର ସମସ୍ତ ବିଭାଗରେ ହିନ୍ଦୀରେ କାମ କରିବା ବାଧ୍ୟତାମୂଳକ କରିଥିଲେ। ରାଜ୍ୟରେ ସରକାରୀ କର୍ମଚାରୀଙ୍କ ପରି ସମାନ ବେତନ ଆୟୋଗ କାର୍ଯ୍ୟକାରୀ କରିବାରେ ମଧ୍ୟ ସେ ପ୍ରଥମ ମୁଖ୍ୟମନ୍ତ୍ରୀ ହୋଇଥିଲେ।

ବିହାରର ଏତେ ବଡ ନେତା ତଥା ଜନ ନେତା ହୋଇଥିଲେ ମଧ୍ୟ କର୍ପୂରୀ ଠାକୁର ସରଳତାର ଏକ ଉଦାହରଣ ଥିଲେ। ତାଙ୍କର ସରଳତାର ଏକ ଘଟଣା ବହୁତ ପ୍ରସିଦ୍ଧ। ୧୯୫୨ରେ ପ୍ରଥମ ଥର ପାଇଁ କର୍ପୁରୀ ଠାକୁର ବିଧାୟକ ହୋଇଥିଲେ। ସେହିଦିନ, ସେ ଅଷ୍ଟ୍ରିଆର ଏକ ପ୍ରତିନିଧି ଦଳରେ ମନୋନୀତ ହୋଇଥିଲେ। ତାଙ୍କର କୋଟ ନଥିଲା। ତେଣୁ ସେ ଜଣେ ବନ୍ଧୁଙ୍କୁ କୋଟ ମାଗିଲେ ଏବଂ ତାହା ମଧ୍ୟ ଫଟା ଥିଲା। କର୍ପୂରୀ ଠାକୁର ସେହି କୋଟ୍ ପିନ୍ଧି ଚାଲିଗଲେ। ସେଠାରେ ଯୁଗୋସ୍ଲାଭିଆର ଶାସକ ମାର୍ଶଲ ଟିଟୋ ଦେଖିଲେ ଯେ କର୍ପୂରୀଙ୍କର କୋଟ ଚିରିଯାଇଛି, ତେଣୁ ସେ ତାଙ୍କୁ ଏକ ନୂଆ କୋଟ ଉପହାର ଦେଲେ।

ତାଙ୍କର ରାଜନୈତିକ ଜ୍ଞାନ ସହିତ ଜଡିତ ଅନ୍ୟ ଏକ କାହାଣୀ ଯେତେବେଳେ ସେ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ଗାଁ'ର କିଛି ପ୍ରଭାବଶାଳୀ ବ୍ୟକ୍ତି ତାଙ୍କ ପିତାଙ୍କୁ ଅପମାନିତ କରିଥିଲେ। ଏହି ଖବର ପ୍ରସାରିତ ହେବା ପରେ ଡି.ଏମ୍. ଗାଁରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, କିନ୍ତୁ କର୍ପୂରୀ ଠାକୁର ତାଙ୍କୁ ପଦକ୍ଷେପ ନେବାକୁ ଅଟକାଇଥିଲେ। ସେ କହିଥିଲେ ଯେ ପ୍ରତ୍ୟେକ ଗ୍ରାମରେ ତ ନିମ୍ନମାନର ପଛୁଆ ଲୋକଙ୍କୁ ଅପମାନିତ କରାଯାଉଛି, ପୋଲିସ ସମସ୍ତଙ୍କୁ ବଞ୍ଚାଇପାରିଲେ କିଛି ଗୋଟେ ଉନ୍ନତି ହେବ।

କର୍ପୂରୀ ଠାକୁର ୧୭ ଫେବୃଆରୀ ୧୯୮୮ରେ ୬୪ ବର୍ଷ ବୟସରେ ହୃଦଘାତରେ ମୃତ୍ୟୁବରଣ କରିଥିଲେ। ରାଜନୀତିରେ ତାଙ୍କର ଯାତ୍ରା ଚାରି ଦଶନ୍ଧି ଧରି ଚାଲିଥିଲା। କିନ୍ତୁ ତାଙ୍କର ସଙ୍କୋଚତା ଏପରି ଥିଲା ଯେ, ମୃତ୍ୟୁବରଣ ସମୟରେ ତାଙ୍କ ନାମରେ ଏକ ଘର ମଧ୍ୟ ନଥିଲା। ଏମିତି କି ତାଙ୍କ ପୈତୃକ ଘରେ ସେ ଏକ ଇଞ୍ଚ ଜମି ମଧ୍ୟ ଯୋଡିପାରିଲେ ନାହିଁ।



# ଭାରତ ରତ୍ନ ଲାଲ୍ କୃଷ୍ଣ ଆଡ଼ଭାନୀ

## ଚତୁର ରାଜନୀତି ସଂସ୍କାରକ ତଥା ଆଦର୍ଶ ରାଷ୍ଟ୍ରବାଦୀ

ଭାରତ ସରକାର ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଲାଲ କୃଷ୍ଣ ଆଡଭାନୀଙ୍କୁ ୨୦୨୪ର ଭାରତ ରତ୍ନ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ଏହି ସମ୍ମାନ ପାଇବାରେ ୫୦ତମ ବ୍ୟକ୍ତି । ପାକିସ୍ଥାନର କରାଚିରେ ଜନ୍ମିତ ଆଡଭାନୀ ପ୍ରାୟ ତିନି ଦଶନ୍ଧି ଧରି ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ପ୍ରଥମେ ଗୃହମନ୍ତ୍ରୀ ହୋଇଥିଲେ ଏବଂ ପରେ ଅଟଳ ବିହାରୀ ବାଜପେୟୀ ସରକାରଙ୍କ କ୍ୟାବିନେଟରେ ଉପ-ପ୍ରଧାନମନ୍ତ୍ରୀ ହୋଇଥିଲେ ।

ଲାଲ୍ କୃଷ୍ଣ ଆଡଭାନୀ ନଭେମ୍ବର ୮, ୧୯୨୭ରେ ବିଭାଜନ ପୂର୍ବର ବିଲାତି ଭାରତର ବମ୍ବେ ପ୍ରଦେଶର କରାଚି ସହରରେ (ବର୍ତ୍ତମାନ ପାକିସ୍ତାନର ସିନ୍ଧ ପ୍ରଦେଶ) କିଶନଚାନ୍ଦ ଆଡଭାନୀ ଏବଂ ଜ୍ଞାନୀଦେବୀଙ୍କ ସୁପୁତ୍ର ଭାବରେ ଜନ୍ମଗ୍ରହଣ କରିଥିଲେ ।

ଆଡଭାନୀ ୧୯୩୬ରୁ ୧୯୪୨ କରାଚିର ସେଣ୍ଟ ପାଟ୍ରିକ୍ ସ୍କୁଲରେ ଅଧ୍ୟୟନ କରିଥିଲେ । କୁହାଯାଏ ଯେ ଆଡଭାନି ମାଟ୍ରିକ୍ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଆସୁଥିଲେ । ସେ ସ୍କୁଲରେ ପଢୁଥିବା ସମୟରେ ୧୯୪୨ରେ ମାତ୍ର ୧୪ ବର୍ଷ ବୟସରେ ରାଷ୍ଟ୍ରିୟ ସ୍ୱୟଂସେବକ ସଂଘରେ ସ୍ୱେଚ୍ଛାସେବୀ ଭାବରେ ଯୋଗ ଦେଇଥିଲେ । ସେବେଠାରୁ ସେ ନିଜ ଜୀବନକୁ ଭାରତର ସେବାରେ ଉତ୍ସର୍ଗ କରିଛନ୍ତି ।

୧୯୪୨ ମସିହାରେ ଭାରତ ଛାଡିବା ସମୟରେ ଆଡଭାନୀ ହାଇଦ୍ରାବାଦର ଦିନାରାମ ଗିଡୁମାଲ ନ୍ୟାସନାଲ କଲେଜରେ ଆଡମିଶନ ନେଇଥିଲେ । ୧୯୪୪ ମସିହାରେ ଆଡଭାନୀ କରାଚି ମଡେଲ ହାଇସ୍କୁଲରେ ଶିକ୍ଷକ ଭାବରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ । ୧୯୪୭ରୁ ୧୯୫୧ ମଧ୍ୟରେ ଆଡଭାନୀ, ରାଷ୍ଟ୍ରିୟ ସ୍ୱୟଂସେବକ ସଂଘର କରାଚି ଶାଖାର ସଚିବ ଭାବରେ ଅଲୱାର, ଭରତପୁର, କୋଟା, ବୁନ୍ଦି ଏବଂ ଝାଲାୱାରରେ ସଂଘର ସ୍ଥିତିକୁ ମଜବୁତ କରିଥିଲେ ।

୧୯୫୭ ପ୍ରାରମ୍ଭରେ, ଆଡଭାନୀ, ଅଟଳ ବିହାରୀ ବାଜପେୟୀଙ୍କୁ ସାହାଯ୍ୟ କରିବାକୁ ଦିଲ୍ଲୀ ଆସିଥିଲେ । ୧୯୫୮ରୁ ୧୯୬୩ ପର୍ଯ୍ୟନ୍ତ ଲାଲ କୃଷ୍ଣ ଆଡଭାନୀ ଦିଲ୍ଲୀ ରାଜ୍ୟ ସଚିବ ଭାବରେ କାର୍ଯ୍ୟ କରିଥିଲେ ।

ଫେବୃଆରୀ ୨୫, ୧୯୬୫ରେ ଲାଲ କୃଷ୍ଣ ଆଡଭାନୀ କମଳା ଆଡଭାନୀଙ୍କୁ ବିବାହ କରିଥିଲେ, ଯାହାଙ୍କ ସହିତ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି, କନ୍ୟା ପ୍ରତିଭା ଏବଂ ପୁତ୍ର ଜୟନ୍ତ ।

୧୯୬୦ରୁ ୧୯୬୭ ପର୍ଯ୍ୟନ୍ତ ଆଡଭାନୀ ଜନ ସଂଘର ରାଜନୈତିକ ପତ୍ରିକା 'Organiser'ରେ ସହକାରୀ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ ।

ଆଡଭାନୀ ଏପ୍ରିଲ ୧୯୭୦ରେ ରାଜ୍ୟସଭା ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ଡିସେମ୍ବର ୧୯୭୨ରେ ଭାରତୀୟ ଜନ ସଂଘର ସଭାପତି ହୋଇଥିଲେ । ୨୬ ଜୁନ୍ ୧୯୭୫ରେ, ଇନ୍ଦିରା ଗାନ୍ଧୀ ସରକାର ଲଗାଇଥିବା ଜରୁରୀକାଳୀନ ପରିସ୍ଥିତିରେ ଆଡଭାନୀଙ୍କୁ ବାଙ୍ଗାଲୋରରେ ଗିରଫ କରାଯାଇ ବାଙ୍ଗାଲୋର କେନ୍ଦ୍ରୀୟ କାରାଗାରରେ ରଖାଯାଇଥିଲା । ମାର୍ଚ୍ଚ ୧୯୭୭ରୁ ଜୁଲାଇ ୧୯୭୯ ପର୍ଯ୍ୟନ୍ତ ଆଡଭାନୀ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ।

ଆଡଭାନୀ ୨ଥର ବିଜେପିର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । ପ୍ରଥମେ ମଇ ୧୯୮୬ରେ ଏବଂ ୩ ମାର୍ଚ୍ଚ ୧୯୮୮ରେ ସେ ପୁନର୍ବାର ନିର୍ବାଚିତ ହୋଇଥିଲେ । ସେ ବର୍ଷ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ଗୃହମନ୍ତ୍ରୀ ଭାବରେ ଦାୟିତ୍ୱ ଭାର ଗ୍ରହଣ କରିଥିଲେ ।

ତାଙ୍କ ଜୀବନ କାଳରେ ଆଡଭାନୀ ଦୁଇଟି ପ୍ରମୁଖ ଯାତ୍ରା କରିଥିଲେ, ଯେଉଁଥିରେ ୧୯୯୦ ମସିହାରେ ସୋମନାଥରୁ ଅଯୋଧ୍ୟା ପର୍ଯ୍ୟନ୍ତ ପ୍ରଥମ ଯାତ୍ରା "ରାମ ରଥଯାତ୍ରା" ଆରମ୍ଭ ହୋଇଥିଲା ଏବଂ ୧୯୯୭ରେ ଭାରତର ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପାଇଁ "ସୁବର୍ଣ୍ଣ ଜୟନ୍ତୀ ରଥଯାତ୍ରା" ଆରମ୍ଭ ହୋଇଥିଲା ।

ଆଡଭାନୀ ଅକ୍ଟୋବର ୧୯୯୯ରୁ ମଇ ୨୦୦୪ ପର୍ଯ୍ୟନ୍ତ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ଗୃହମନ୍ତ୍ରୀ ଥିଲେ ଏବଂ ଜୁନ୍ ୨୦୦୨ରୁ ମଇ ୨୦୦୪ ପର୍ଯ୍ୟନ୍ତ ଦେଶର ଉପ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ । ତା'ପରେ ୨୦୧୪ ପର୍ଯ୍ୟନ୍ତ ଲଗାତାର ଭାବେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ।

ତାଙ୍କୁ ୨୦୧୫ରେ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମ ବିଭୂଷଣ'ରେ ସମ୍ମାନୀତ କରାଯାଇଥିଲା ।

୨୦୧୬ରେ ସହଧର୍ମିଣୀଙ୍କ ବିୟୋଗ ପରେ ବାର୍ଦ୍ଧକ୍ୟ ଜନିତ ସମସ୍ୟା କାରଣରୁ ସେ ଆଉ ପୂର୍ବ ପରି ସକ୍ଷମତା ଅଭାବରୁ ୨୦୧୯ରେ ସକ୍ରିୟ ରାଜନୀତିରୁ ଅବସର ନେଇଥିଲେ ।

ବର୍ତ୍ତମାନ, ଏତେ ଦୀର୍ଘ ସେବା ସତ୍ତ୍ୱେ ଆଡଭାନି ଦେଶର ପ୍ରଧାନମନ୍ତ୍ରୀ ତଥା ରାଷ୍ଟ୍ରପତି ହୋଇପାରିଲେ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଡଭାନୀଙ୍କୁ ତାଙ୍କର ଗୁରୁ ବୋଲି ବିବେଚନା କରନ୍ତି ।

**ଉପସ୍ଥାପନା - ଡ. ପ୍ରମୋଦ ଚନ୍ଦ୍ର ଦାଶ**

# ❖ ❖ ❖ ପଦ୍ମ ସମ୍ମାନ ୨୦୨୪ ❖ ❖ ❖

ଭାରତ ସରକାର ଚଳିତ ବର୍ଷର ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମ ପୁରସ୍କାର' ଘୋଷଣା କରିଛି। ଚଳିତ ବର୍ଷ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ତାଲିକାରେ ୧୩୨ଟି ନାମ ଅଛି, ସେଥିମଧ୍ୟରୁ ଦୁଇଟି ଯୁଗ୍ମ (ଏକ ଯୁଗଳ ମାମଲାରେ ସମ୍ମାନ ଗୋଟିଏ ଭାବରେ ଗଣାଯାଏ)। ଏହି ତାଲିକାରେ ୫ ପଦ୍ମ ବିଭୂଷଣ, ୧୭ ପଦ୍ମ ଭୂଷଣ ଏବଂ ୧୧୦ ପଦ୍ମଶ୍ରୀ ସମ୍ମାନ ରହିଛି। ସମ୍ମାନ ପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରୁ ୩୦ ଜଣ ମହିଳା। ଏହି ତାଲିକାରେ ୮ ଜଣ ବିଦେଶୀ ଭାରତୀୟ (NRI), ଭାରତୀୟ ମୂଳ ବାସିନ୍ଦା (PIO), ଭାରତର ବିଦେଶୀ ନାଗରିକ (OCI) ଏବଂ ୯ ଜଣ ମରଣୋତ୍ତର ସମ୍ମାନ ପ୍ରାପ୍ତ ବ୍ୟକ୍ତି ମଧ୍ୟ ଅଛନ୍ତି।

**ପଦ୍ମ ବିଭୂଷଣ (୫):** ୧. ଶ୍ରୀମତୀ ବୈଜୟନ୍ତୀମାଳା ବାଲି (କଳା, ତାମିଲନାଡୁ), ୨. ଶ୍ରୀ କୋନିଦେଲା ଚିରଞ୍ଜୀବୀ (କଳା, ଆନ୍ଧ୍ରପ୍ରଦେଶ), ୩. ଶ୍ରୀ ଏମ ଭେଙ୍କୟା ନାଇଡୁ (ଜନସମ୍ପର୍କ, ଆନ୍ଧ୍ରପ୍ରଦେଶ), ୪. ଶ୍ରୀ ବିନ୍ଦେଶ୍ୱର ପାଠକ (ମରଣୋତ୍ତର, ସାମାଜିକ କାର୍ଯ୍ୟ, ବିହାର), ୫. ଶ୍ରୀମତୀ ପଦ୍ମା ସୁବ୍ରମଣ୍ୟମ (କଳା, ତାମିଲନାଡୁ)

**ପଦ୍ମ ଭୂଷଣ (୧୭):** ୬. ଶ୍ରୀମତୀ ଏମ ଫାତିମା ବିବି (ମରଣୋତ୍ତର, ଜନସମ୍ପର୍କ, କେରଳ), ୭. ଶ୍ରୀ ହର୍ମୁଜୀ ଏନ କାମା (ସାହିତ୍ୟ ଏବଂ ଶିକ୍ଷା – ସାମ୍ବାଦିକତା, ମହାରାଷ୍ଟ୍ର), ୮. ଶ୍ରୀ ମିଥୁନ ଚକ୍ରବର୍ତ୍ତୀ (କଳା, ପଶ୍ଚିମବଙ୍ଗ), ୯. ଶ୍ରୀ ସୀତାରାମ ଜିନ୍ଦଲ (ବାଣିଜ୍ୟ ଏବଂ ଶିଳ୍ପ, କର୍ଣ୍ଣାଟକ), ୧୦. ଶ୍ରୀ ୟଙ୍ଗ୍ ଲିୟୁ (ବାଣିଜ୍ୟ ଏବଂ ଶିଳ୍ପ, ତାଇୱାନ୍), ୧୧. ଶ୍ରୀ ଅଶ୍ୱିନ୍ ବାଲାଚାନ୍ଦ ମେହେତା (ଔଷଧ, ମହାରାଷ୍ଟ୍ର), ୧୨. ଶ୍ରୀ ସତ୍ୟବ୍ରତ ମୁଖାର୍ଜୀ (ମରଣୋତ୍ତର, ଜନସମ୍ପର୍କ, ପଶ୍ଚିମବଙ୍ଗ), ୧୩. ଶ୍ରୀ ରାମ ନାୟକ (ଜନସମ୍ପର୍କ, ମହାରାଷ୍ଟ୍ର), ୧୪. ଶ୍ରୀ ତେଜସ୍ ମଧୁସୂଦନ ପଟେଲ (ଔଷଧ, ଗୁଜୁରାଟ), ୧୫. ଶ୍ରୀ ଓଲାନଚେରୀ ରାଜାଗୋପାଳ (ଜନସମ୍ପର୍କ ବିଭାଗ, କେରଳ), ୧୬. ଶ୍ରୀ ଦତ୍ତାତ୍ରେୟ ଅମ୍ବାଦାସ ମାୟାଲୁ(ରାଜଦତ୍ତ) (କଳା, ମହାରାଷ୍ଟ୍ର), ୧୭. ଶ୍ରୀ ତୋଗଦନ ରିନ୍ପୋଚେ (ମରଣୋତ୍ତର, ଆଧ୍ୟାତ୍ମିକତା, ଲଦାଖ), ୧୮. ଶ୍ରୀ ପ୍ୟାରେଲାଲ୍ ଶର୍ମା (କଳା, ମହାରାଷ୍ଟ୍ର), ୧୯. ଶ୍ରୀ ଚନ୍ଦ୍ରେଶ୍ୱର ପ୍ରସାଦ ଠାକୁର (ଔଷଧ, ବିହାର), ୨୦. ଶ୍ରୀମତୀ ଉଷା ଉଥୁପ୍ (କଳା, ପଶ୍ଚିମବଙ୍ଗ), ୨୧. ଶ୍ରୀ ବିଜୟକାନ୍ତ (ମରଣୋତ୍ତର, କଳା, ତାମିଲନାଡୁ), ୨୨. ଶ୍ରୀ କୁନ୍ଦନ ବ୍ୟାସ (ସାହିତ୍ୟ ଏବଂ ଶିକ୍ଷା – ସାମ୍ବାଦିକତା, ମହାରାଷ୍ଟ୍ର)

**ପଦ୍ମଶ୍ରୀ (୧୧୦):** ୨୩. ଶ୍ରୀ ଖଲିଲ ଅହମଦ (କଳା, ଉତ୍ତରପ୍ରଦେଶ), ୨୪. ଶ୍ରୀ ବଦ୍ରପ୍ପନ୍ ଏମ୍ (କଳା, ତାମିଲନାଡୁ), ୨୫. ଶ୍ରୀ କାଲୁରାମ ବାମନିଆ (କଳା, ମଧ୍ୟ ପ୍ରଦେଶ), ୨୬. ଶ୍ରୀମତୀ ରେଜୱାନା ଚୌଧୁରୀ ବନ୍ନିଆ (କଳା, ବାଂଲାଦେଶ), ୨୭. ଶ୍ରୀମତୀ ନସୀମ ବାନୋ (କଳା, ଉତ୍ତରପ୍ରଦେଶ), ୨୮. ଶ୍ରୀ ରାମଲାଲ ବରେଥ (କଳା, ଛତିଶଗଡ), ୨୯. ଶ୍ରୀମତୀ ଗୀତା ରୟ ବର୍ମନ୍ (କଳା, ପଶ୍ଚିମବଙ୍ଗ), ୩୦. ଶ୍ରୀମତୀ ପାର୍ବତୀ ବରୁଆ (ସାମାଜିକ କାର୍ଯ୍ୟ, ଆସାମ), ୩୧. ଶ୍ରୀ ସର୍ବେଶ୍ୱର ବସୁମତାରୀ (କୃଷି, ଆସାମ), ୩୨. ଶ୍ରୀ ସୋମ ଦତ୍ତ ବଟ୍ଟୁ (କଳା, ହିମାଚଳ ପ୍ରଦେଶ), ୩୩. ଶ୍ରୀମତୀ ତକଦିରା ବେଗମ୍ (କଳା, ପଶ୍ଚିମବଙ୍ଗ), ୩୪. ଶ୍ରୀ ସତ୍ୟନାରାୟଣ ବେଲେରୀ (କୃଷି, କେରଳ), ୩୫. ଶ୍ରୀ ଦ୍ରୋଣ ଭୂୟାଁ (କଳା, ଆସାମ), ୩୬. ଶ୍ରୀ ଅଶୋକ କୁମାର ବିଶ୍ୱାସ (କଳା, ବିହାର), ୩୭. ଶ୍ରୀ ରୋହନ ବୋପାନ୍ନା (କ୍ରୀଡା, କର୍ଣ୍ଣାଟକ), ୩୮. ଶ୍ରୀମତୀ ସ୍ମୃତିରେଖା ଚକ୍ମା (କଳା, ତ୍ରିପୁରା), ୩୯. ଶ୍ରୀ ନାରାୟଣ ଚକ୍ରବର୍ତ୍ତୀ (ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ପଶ୍ଚିମବଙ୍ଗ), ୪୦. ଶ୍ରୀ ଏ ବେଲୁ ଆନନ୍ଦ ଚାରି (କଳା, ତେଲେଙ୍ଗାନା), ୪୧. ଶ୍ରୀ ରାମ ଚେତ ଚୌଧୁରୀ (ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ଉତ୍ତରପ୍ରଦେଶ), ୪୨. ଶ୍ରୀମତୀ କେ ଚେଲ୍ଲାମ୍ମଲ୍ (କୃଷି, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ), ୪୩. ଶ୍ରୀମତୀ ଜୋଶନା ଚିନ୍ନାପ୍ପା (କ୍ରୀଡା, ତାମିଲନାଡୁ), ୪୪. ଶ୍ରୀମତୀ ଚାର୍ଲୋଟ୍ଟି ଚପିନ (ଯୋଗ, ଫ୍ରାନ୍ସ), ୪୫. ଶ୍ରୀ ରଘୁବୀର ଚୌଧୁରୀ (ସାହିତ୍ୟ ଏବଂ ଶିକ୍ଷା, ଗୁଜୁରାଟ), ୪୬. ଶ୍ରୀ ଜୋ ଡି କ୍ରୁଜ୍ (ସାହିତ୍ୟ ଏବଂ ଶିକ୍ଷା, ତାମିଲନାଡୁ), ୪୭. ଶ୍ରୀ ଗୁଲାମ ନବୀ ଦର (କଳା, ଜାମ୍ମୁ କାଶ୍ମୀର), ୪୮. ଶ୍ରୀ ଚିତ୍ତରଂଜନ ଦେବବର୍ମ (ଆଧ୍ୟାତ୍ମିକତା, ତ୍ରିପୁରା), ୪୯. ଶ୍ରୀ ଉଦୟ ବିଶ୍ୱନାଥ ଦେଶପାଣ୍ଡେ (କ୍ରୀଡା, ମହାରାଷ୍ଟ୍ର), ୫୦. ଶ୍ରୀମତୀ ପ୍ରେମା ଧନରାଜ (ଔଷଧ, କର୍ଣ୍ଣାଟକ), ୫୧. ଶ୍ରୀ ରାଧାକୃଷ୍ଣ ଧିମାନ (ଔଷଧ, ଉତ୍ତରପ୍ରଦେଶ), ୫୨. ଶ୍ରୀ ମନୋହର କୃଷ୍ଣ ଡୋଲେ (ଔଷଧ, ମହାରାଷ୍ଟ୍ର), ୫୩. ଶ୍ରୀ ପିଅରେ ସିଲଭେନ ଫିଲିଓଜାଟ (ସାହିତ୍ୟ ଏବଂ ଶିକ୍ଷା, ଫ୍ରାନ୍ସ), ୫୪. ଶ୍ରୀ ମହାବୀର ସିଂ ଗୁଡ୍ଡୁ (କଳା, ହରିୟାଣା), ୫୫. ଶ୍ରୀମତୀ ଅନୁପମା ହୋସ୍କେରେ (କଳା, କର୍ଣ୍ଣାଟକ), ୫୬. ଶ୍ରୀ ୟଜଦି ମାନେକଶା ଇଟାଲୀଆ (ଔଷଧ, ଗୁଜୁରାଟ), ୫୭. ଶ୍ରୀ ରାଜାରାମ ଜୈନ (ସାହିତ୍ୟ ଏବଂ ଶିକ୍ଷା, ଉତ୍ତରପ୍ରଦେଶ), ୫୮. ଶ୍ରୀ ଜାନକୀଲାଲ (କଳା, ରାଜସ୍ଥାନ), ୫୯. ଶ୍ରୀ ରତନ କହର (କଳା, ପଶ୍ଚିମବଙ୍ଗ), ୬୦. ଶ୍ରୀ ଯଶବନ୍ତ ସିଂ କଥୋଚ (ସାହିତ୍ୟ ଏବଂ ଶିକ୍ଷା, ଉତ୍ତରାଖଣ୍ଡ), ୬୧. ଶ୍ରୀ ଜାହିର କାଜୀ (ସାହିତ୍ୟ ଏବଂ ଶିକ୍ଷା, ମହାରାଷ୍ଟ୍ର), ୬୨. ଶ୍ରୀ ଗୌରବ ଖନ୍ନା (କ୍ରୀଡା, ଉତ୍ତରପ୍ରଦେଶ), ୬୩. ଶ୍ରୀ ସୁରେନ୍ଦ୍ର କିଶୋର (ସାହିତ୍ୟ ଏବଂ ଶିକ୍ଷା – ସାମ୍ବାଦିକତା, ବିହାର), ୬୪. ଶ୍ରୀ ଦାସାରୀ କୋଣ୍ଡପ୍ପା (କଳା, ତେଲେଙ୍ଗାନା), ୬୫. ଶ୍ରୀ ଶ୍ରୀଧର ମକମ୍ କୃଷ୍ଣମୂର୍ତ୍ତି (ସାହିତ୍ୟ ଏବଂ ଶିକ୍ଷା, କର୍ଣ୍ଣାଟକ), ୬୬. ଶ୍ରୀମତୀ ୟାନୁଙ୍ଗ ଜାମୋ ଲେଗୋ (କୃଷି, ଅରୁଣାଚଳ ପ୍ରଦେଶ), ୬୭. ଶ୍ରୀ ଜୋର୍ଡନ୍ ଲେପ୍ଚା (କଳା, ସିକ୍କିମ୍), ୬୮. ଶ୍ରୀ ସତେନ୍ଦ୍ର ସିଂ ଲୋହିଆ (କ୍ରୀଡା, ମଧ୍ୟପ୍ରଦେଶ), ୬୯. ଶ୍ରୀ ବିନୋଦ

ମହାରଣା (କଳା, ଓଡ଼ିଶା), ୭୦. ଶ୍ରୀମତୀ ପୂର୍ଣ୍ଣିମା ମହାତୋ (କ୍ରୀଡା, ଝାଡଖଣ୍ଡ), ୭୧. ଶ୍ରୀମତୀ ଉମା ମହେଶ୍ୱରୀ ଡି (କଳା, ଆନ୍ଧ୍ରପ୍ରଦେଶ), ୭୨. ଶ୍ରୀ ଦୁଖୁ ମାଝି (ସାମାଜିକ କାର୍ଯ୍ୟ, ପଶ୍ଚିମବଙ୍ଗ), ୭୩. ଶ୍ରୀ ରାମ କୁମାର ମଲ୍ଲିକ (କଳା, ବିହାର), ୭୪. ଶ୍ରୀ ହେମଚାନ୍ଦ ମାଞ୍ଜି (ଔଷଧ, ଛତିଶଗଡ), ୭୫. ଶ୍ରୀ ଚନ୍ଦ୍ରଶେଖର ମହାଦେଓରାଓ ମେସରାମ (ଔଷଧ, ମହାରାଷ୍ଟ୍ର), ୭୬. ଶ୍ରୀ ସୁରେନ୍ଦ୍ର ମୋହନ ମିଶ୍ର (ମରଣୋତ୍ତର, କଳା, ଉତ୍ତରପ୍ରଦେଶ), ୭୭. ଶ୍ରୀ ଅଲି ମହମ୍ମଦ ଏବଂ ଶ୍ରୀ ଘନି ମହମ୍ମଦ (ଯୁଗ୍ମ, କଳା, ରାଜସ୍ଥାନ), ୭୮. ଶ୍ରୀମତୀ କଳ୍ପନା ମୋର୍ପରିଆ (ବାଣିଜ୍ୟ ଏବଂ ଉଦ୍ୟୋଗ, ମହାରାଷ୍ଟ୍ର), ୭୯. ଶ୍ରୀମତୀ ଚମି ମୁର୍ମୁ (ସାମାଜିକ କାର୍ଯ୍ୟ, ଝାଡଖଣ୍ଡ), ୮୦. ଶ୍ରୀ ଶଶିନ୍ଦ୍ରନ୍ ମୁଥୁବେଲ୍ (ଜନସମ୍ପର୍କ, ପାପୁଆ ନ୍ୟୁ ଗିନି), ୮୧. ଶ୍ରୀମତୀ ଜି ନାଚିଆର୍ (ଔଷଧ, ତାମିଲନାଡୁ), ୮୨. ଶ୍ରୀମତୀ କିରଣ ନାଦର (କଳା, ଦିଲ୍ଲୀ), ୮୩. ଶ୍ରୀ ପକରବୁର ଚିତ୍ରନ୍ ନମ୍ବୁଦ୍ରିପଦ (ମରଣୋତ୍ତର, ସାହିତ୍ୟ ଏବଂ ଶିକ୍ଷା, କେରଳ), ୮୪. ଶ୍ରୀ ନାରାୟଣନ୍ ଇ ପି (କଳା, କେରଳ), ୮୫. ଶ୍ରୀ ଶୈଳେଶ ନାୟକ (ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ଦିଲ୍ଲୀ), ୮୬. ଶ୍ରୀ ହରିଶ ନାୟକ (ମରଣୋତ୍ତର, ସାହିତ୍ୟ ଏବଂ ଶିକ୍ଷା, ଗୁଜୁରାଟ), ୮୭. ଶ୍ରୀ ଫ୍ରେଡ୍ ନେଗ୍ରିଟ୍ (ସାହିତ୍ୟ ଏବଂ ଶିକ୍ଷା, ଫ୍ରାନ୍ସ), ୮୮. ଶ୍ରୀ ହରି ଓମ୍ (ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ହରିୟାଣା), ୮୯. ଶ୍ରୀ ଭାଗବତ ପଧାନ (କଳା, ଓଡ଼ିଶା), ୯୦. ଶ୍ରୀ ସନାତନ ରୁଦ୍ର ପାଲ (କଳା, ପଶ୍ଚିମବଙ୍ଗ), ୯୧. ଶ୍ରୀ ଶଙ୍କର ବାବା ପୁଣ୍ଡଲିକରାଓ ପାପାଲକର (ସାମାଜିକ କାର୍ଯ୍ୟ, ମହାରାଷ୍ଟ୍ର), ୯୨. ଶ୍ରୀ ରାଧେଶ୍ୟାମ ପାରିକ (ଔଷଧ, ଉତ୍ତରପ୍ରଦେଶ), ୯୩. ଶ୍ରୀ ଦୟାଲ ମବ୍ଜିଭାଇ ପରମାର (ଔଷଧ, ଗୁଜୁରାଟ), ୯୪. ଶ୍ରୀ ବିନୋଦ କୁମାର ପସାୟତ୍ (କଳା, ଓଡ଼ିଶା), ୯୫. ଶ୍ରୀମତୀ ସିଲବି ପାସା (କଳା, ମେଘାଳୟ), ୯୬. ଶ୍ରୀମତୀ ଶାନ୍ତି ଦେବୀ ପାସୱାନ୍ ଏବଂ ଶ୍ରୀ ଶିବନ୍ ପାସୱାନ୍ (ଯୁଗ୍ମ, କଳା, ବିହାର), ୯୭. ଶ୍ରୀ ସଞ୍ଜୟ ଅନନ୍ତ ପାଟିଲ (କୃଷି, ଗୋଆ), ୯୮. ଶ୍ରୀ ମୁନି ନାରାୟଣ ପ୍ରସାଦ (ସାହିତ୍ୟ ଏବଂ ଶିକ୍ଷା, କେରଳ), ୯୯. ଶ୍ରୀ କେ ଏସ ରାଜନ୍ନା (ସାମାଜିକ କାର୍ଯ୍ୟ, କର୍ଣ୍ଣାଟକ), ୧୦୦. ଶ୍ରୀ ଚନ୍ଦ୍ରଶେଖର ଚନ୍ନାପତି ରାଜନ୍ନାଚାର (ଔଷଧ, କର୍ଣ୍ଣାଟକ), ୧୦୧. ଶ୍ରୀ ଭଗବତୀଲାଲ ରାଜପୁରୋହିତ (ସାହିତ୍ୟ ଓ ଶିକ୍ଷା, ମଧ୍ୟପ୍ରଦେଶ), ୧୦୨. ଶ୍ରୀ ରୋମାଲୋ ରାମ (କଳା, ଜାମ୍ମୁ କାଶ୍ମୀର), ୧୦୩. ଶ୍ରୀ ନବଜୀବନ ରସ୍ତୋଗୀ (ସାହିତ୍ୟ ଏବଂ ଶିକ୍ଷା, ଉତ୍ତରପ୍ରଦେଶ), ୧୦୪. ଶ୍ରୀମତୀ ନିର୍ମଳ ଋଷି (କଳା, ପଞ୍ଜାବ), ୧୦୫. ଶ୍ରୀ ପ୍ରାଣ ସବରୱାଲ (କଳା, ପଞ୍ଜାବ), ୧୦୬. ଶ୍ରୀ ଗଦ୍ଦମ ସମ୍ମୟା (କଳା,ତେଲେଙ୍ଗାନା), ୧୦୭. ଶ୍ରୀ ସଙ୍ଗଥନକିମା (ସାମାଜିକ କାର୍ଯ୍ୟ, ମିଜୋରାମ), ୧୦୮. ଶ୍ରୀ ମାଚିହାନ୍ ସାସା (କଳା, ମଣିପୁର), ୧୦୯. ଶ୍ରୀ ଓମପ୍ରକାଶ ଶର୍ମା (କଳା, ମଧ୍ୟପ୍ରଦେଶ), ୧୧୦. ଶ୍ରୀ ଏକଲବ୍ୟ ଶର୍ମା (ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ପଶ୍ଚିମ ବଙ୍ଗ), ୧୧୧. ଶ୍ରୀ ରାମ ଚନ୍ଦର ସିହାଗ (ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ହରିୟାଣା), ୧୧୨. ଶ୍ରୀ ହରବିନ୍ଦର ସିଂ (କ୍ରୀଡା, ଦିଲ୍ଲୀ), ୧୧୩. ଶ୍ରୀ ଗୁରୁବିନ୍ଦର ସିଂ (ସାମାଜିକ କାର୍ଯ୍ୟ, ହରିୟାଣା), ୧୧୪. ଶ୍ରୀ ଗୋଦାବରୀ ସିଂ (କଳା, ଉତ୍ତରପ୍ରଦେଶ), ୧୧୫. ଶ୍ରୀ ରବି ପ୍ରକାଶ ସିଂ (ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ମେକ୍ସିକୋ), ୧୧୬. ଶ୍ରୀ ଶେଷମ୍ପଟ୍ଟି ଟି ଶିବଲିଙ୍ଗମ୍ (କଳା, ତାମିଲନାଡୁ), ୧୧୭. ଶ୍ରୀ ସୋମନ୍ନା (ସାମାଜିକ କାର୍ଯ୍ୟ, କର୍ଣ୍ଣାଟକ), ୧୧୮. ଶ୍ରୀ କେଥାବତ ସୋମଲାଲ (ସାହିତ୍ୟ ଏବଂ ଶିକ୍ଷା, ତେଲେଙ୍ଗାନା), ୧୧୯. ଶ୍ରୀମତୀ ଶଶି ସୋନି (ବାଣିଜ୍ୟ ଏବଂ ଉଦ୍ୟୋଗ, କର୍ଣ୍ଣାଟକ), ୧୨୦. ଶ୍ରୀମତୀ ଉର୍ମିଳା ଶ୍ରୀବାସ୍ତବ (କଳା, ଉତ୍ତରପ୍ରଦେଶ), ୧୨୧. ଶ୍ରୀ ନେପାଳ ଚନ୍ଦ୍ର ସୂତ୍ରଧର (ମରଣୋତ୍ତର, କଳା, ପଶ୍ଚିମବଙ୍ଗ), ୧୨୨. ଶ୍ରୀ ଗୋପୀନାଥ ସ୍ୱାଇଁ (କଳା, ଓଡିଶା), ୧୨୩. ଶ୍ରୀ ଲକ୍ଷ୍ମଣ ଭଟ୍ଟ ତୈଲାଙ୍ଗ (କଳା, ରାଜସ୍ଥାନ), ୧୨୪. ଶ୍ରୀମତୀ ମାୟା ଟଣ୍ଡନ୍ (ସାମାଜିକ କାର୍ଯ୍ୟ, ରାଜସ୍ଥାନ), ୧୨୫. ଶ୍ରୀମତୀ ଅଶ୍ୱଥୀ ଥିରୁନାଲ୍ ଗୌରୀ ଲକ୍ଷ୍ମୀ ବାଇ ଥମ୍ପୁରତ୍ତୀ (ସାହିତ୍ୟ ଏବଂ ଶିକ୍ଷା, କେରଳ), ୧୨୬. ଶ୍ରୀ ଜଗଦୀଶ ଲବଶଙ୍କର ତ୍ରିବେଦୀ (କଳା, ଗୁଜୁରାଟ), ୧୨୭. ଶ୍ରୀମତୀ ସାନୋ ଭାମୁଜୋ (ସାମାଜିକ କାର୍ଯ୍ୟ, ନାଗାଲାଣ୍ଡ), ୧୨୮. ଶ୍ରୀ ବାଲକ୍ରିଷ୍ଣନ୍ ସଦାନମ୍ ପୁତିଆ ଭେତିଲ୍ (କଳା, କେରଳ), ୧୨୯. ଶ୍ରୀ କୁରେଲା ଭିଟ୍ଠଲାଚାର୍ଯ୍ୟ (ସାହିତ୍ୟ ଏବଂ ଶିକ୍ଷା, ତେଲେଙ୍ଗାନା), ୧୩୦. ଶ୍ରୀ କିରଣ ବ୍ୟାସ (ଯୋଗ, ଫ୍ରାନ୍ସ), ୧୩୧. ଶ୍ରୀ ଜଗେଶ୍ୱର ଯାଦବ (ସାମାଜିକ କାର୍ଯ୍ୟ, ଛତିଶଗଡ), ୧୩୨. ଶ୍ରୀ ବାବୁ ରାମ ଯାଦବ (କଳା, ଉତ୍ତରପ୍ରଦେଶ)।



# ଧୀରସ୍ତତ୍ର ନ ମୁହ୍ୟତି



ଡ. ଅଭୟ କୁମାର ନାୟକ

'ଧୀରସ୍ତତ୍ର ନ ମୁହ୍ୟତି'– ଖଣ୍ଡଶ୍ଳୋକଟି ଶ୍ରୀମଦ୍ ଭଗବଦ୍ ଗୀତାର ଦ୍ୱିତୀୟ ଅଧ୍ୟାୟର ତ୍ରୟୋଦଶ ଶ୍ଳୋକରୁ ଆନୀତ। ଦ୍ୱିତୀୟ ଅଧ୍ୟାୟ ଯାହା 'ସାଂଖ୍ୟଯୋଗ' ନାମରେ ନାମିତ, ତାହା ମଧ୍ୟ ଅନ୍ତଶ୍ଚେତନା ଯୋଗ ଅଟେ। କେମିତି ଜଣେ ନିଜକୁ ଜାଣିବ; କେମିତି ଜଣେ ନିଜ ଚେତନାରେ ରହିବ, କେମିତି ଏସବୁ ଜାଣିଲା ପରେ ଜଣେ ସ୍ଥିର ଓ ଧିର ହୋଇଯିବ, ଆଉ ବିଚଳିତ ହେବନାହିଁ– ତାହା ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି।

'ଧୀରସ୍ତତ୍ର ନ ମୁହ୍ୟତି'– ଖଣ୍ଡଶ୍ଳୋକର ଅର୍ଥ ହେଉଛି, 'ଧୀର ପୁରୁଷ ବା ପଣ୍ଡିତ ସେଥିରେ ବିଚଳିତ ହୁଅନ୍ତି ନାହିଁ'। ପ୍ରଶ୍ନ ଉଠେ, ପଣ୍ଡିତଜନମାନେ କେଉଁଥିରେ ବିଚଳିତ ହୁଅନ୍ତି ନାହିଁ? ଉତ୍ତରଟି ହେବ 'ମୃତ୍ୟୁରେ'। ସମସ୍ତଙ୍କ ମନରେ ଭୟଥାଏ କାଳେ ମୋର ମୃତ୍ୟୁ ଆସିଯିବକି! ମୃତ୍ୟୁକୁ ନେଇ ସମସ୍ତଙ୍କ ଭିତରେ ଭୟ ଅବଶ୍ୟ ଥାଏ। କାଳେ ମୃତ୍ୟୁ ଆସି ପହଁଞ୍ଚିଯିବ ସେଥିପାଇଁ ସାଧାରଣ ମଣିଷ, ସଂସାରୀ ମଣିଷ ବିଚଳିତ ଥାଏ– କାରଣ ଦେହବୋଧରେ ରହି ସେ ସଂଗ୍ରହ କରିଥିବା ଧନ ସମ୍ପତ୍ତି ସହ ମୋହଗ୍ରସ୍ତ ହୋଇଥାଏ। ଅନ୍ୟପକ୍ଷରେ ସାଧୁ-ସନ୍ଥମାନେ, ପଣ୍ଡିତମାନେ ସଂସାରର ବିଷୟ ବାସନାର ଧନକୁ ସଂଗ୍ରହ ତଥା ସଂଚିତ ନକରି ଧର୍ମ-ଧନକୁ ଅର୍ଜ୍ଜନ କରନ୍ତି ଫଳରେ ସେମାନଙ୍କ ମୃତ୍ୟୁ ଭୟ ନଥାଏ। ସେଇଥିପାଇଁ କୁହାଯାଇଛି, "ବାଲ୍ୟକାଳୁ ଧର୍ମ-ଧନ ମୁଁ ସଂଚିବି ଏ ଜୀବନ ଅନିଶ୍ଚିତ; କେ'ଜାଣେ କାହାର ମୃତ୍ୟୁକାଳ ଆସି ହୋଇଯିବ। ଏଠାରେ ବାଲ୍ୟକାଳରୁ 'ଧର୍ମ-ଧନ'ସଂଚୟ କରିବା କଥା କୁହାଯାଇଛି। କହିବାର ତାତ୍ପର୍ଯ୍ୟ; ଯଦି ମୃତ୍ୟୁ ଆମ ସଂଗେ ସଂଗେ ରହିଛି, କେତେବେଳେ ବି ଆମ ସମ୍ମୁଖରେ ମୃତ୍ୟୁ ଆସି ପହଁଞ୍ଚି ଯିବ, ସେଥିପାଇଁ ଆମେ ମୂଳରୁ ସତର୍କ ହେବା ଆଉ ଧର୍ମ ଆଧାରିତ କର୍ତ୍ତବ୍ୟ କର୍ମ କରିଚାଲିବା ଫଳରେ ଆମେ କେବଳ 'ଧର୍ମ-ଧନ' ହିଁ ଅର୍ଜ୍ଜନ କରିବା। ଏହି 'ଧର୍ମ-ଧନ'ଅର୍ଜ୍ଜନ କରିଥିଲେ ସେଇ ଧନ ବଦଳରେ ଆମେ ସ୍ୱର୍ଗରେ ଗୋଟିଏ ଜାଗା ପାଇ ପାରିବା।

ଧୀରମାନଙ୍କର କାହିଁକି ମୃତ୍ୟୁ ଭୟ ନଥାଏ? ଏହି ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ଆମକୁ ସଂପୂର୍ଣ୍ଣ ଶ୍ଳୋକଟିକୁ ବ୍ୟାଖ୍ୟା କରିବାକୁ ପଡିବ। ଶ୍ଳୋକଟି ଏହିପରି: "ଦେହିନୋଽସ୍ମିନ ଯଥା ଦେହେ କୌମାରଂ ଯୌବନଂ ଜରା। ତଥା ଦେହାନ୍ତର ପ୍ରାପ୍ତି ଧୀରସ୍ତତ୍ର ନ ମୁହ୍ୟତି"।(ଗୀତା ୨/୧୩) ଅର୍ଥାତ ଯେଭଳି ଏହି ଦେହରେ ଜୀବାତ୍ମାର କୌମାର, ଯୌବନ ଓ ବୃଦ୍ଧାବସ୍ଥା ହୁଏ ସେହିପରି ମଧ୍ୟ ତାକୁ ଅନ୍ୟ ଶରୀର ପ୍ରାପ୍ତି ହୋଇଥାଏ। ଧୀର ପୁରୁଷ ଏସବୁରେ ମୋହିତ ହୁଅନ୍ତି ନାହିଁ।

ଏହା ପରିଲକ୍ଷିତ ହୁଏ ଯେ ଜଣେ ମଣିଷର ଜୀବନ କାଳ ମଧ୍ୟରେ ବିଭିନ୍ନ ଅବସ୍ଥା ଆସେ; ଯଥା: ବାଲ୍ୟାବସ୍ଥା, କୁମାର ଅବସ୍ଥା, ଯୌବନ ଅବସ୍ଥା, ବୃଦ୍ଧାବସ୍ଥା ଇତ୍ୟାଦି। ଯେତେବେଳେ ବାଲ୍ୟାବସ୍ଥା ସରିଯାଏ ଆସେ କୁମାରାବସ୍ଥା, ସେମିତି ଯେତେବେଳେ କୁମାର ଅବସ୍ଥା ସରିଯାଏ, ଆସେ ଯୌବନାବସ୍ଥା। ଅନ୍ୟ ଅର୍ଥରେ କହିବାକୁ ଗଲେ ବାଲ୍ୟାବସ୍ଥାର ମୃତ୍ୟୁପରେ ଜନ୍ମନିଏ 'କୁମାରାବସ୍ଥା'ଏବଂ କୁମାରାବସ୍ଥାର ମୃତ୍ୟୁରେ ଜନ୍ମନିଏ 'ଯୌବନାବସ୍ଥା'। ଗୋଟିଏ ମୃତ୍ୟୁରେ ଅନ୍ୟଟିର ଜନ୍ମ। ଜନ୍ମ ହୋଇଥିଲେ ମୃତ୍ୟୁ ନିଶ୍ଚିତ, ମୃତ୍ୟୁ ହେଲେ ପୁନଶ୍ଚ ଜନ୍ମ ଏହା ବି ନିଶ୍ଚିତ। ଧରନ୍ତୁ ଜଣେ ଏବେ ବୃଦ୍ଧାବସ୍ଥାରେ ପହଁଞ୍ଚି ସାରିଛନ୍ତି। ତାଙ୍କ ଭିତରେ ଯେ ବାଲ୍ୟାବସ୍ଥା, କୁମାରାବସ୍ଥା, ଯୌବନାବସ୍ଥାର ମୃତ୍ୟୁ ହୋଇ ସାରିଛି ତାହା ତାଙ୍କୁ ଜଣା। କାହିଁ ସେଥିରେ ତ ସେ ବିଚଳିତ ହୋଇନାହିଁ!

ଅନ୍ୟ ଅବସ୍ଥା ଭଳି ମୃତ୍ୟୁରେ ଗୋଟିଏ ଶରୀରରୁ ଆଉ ଗୋଟିଏ ଶରୀର ପ୍ରାପ୍ତି ମଧ୍ୟ ଗୋଟିଏ ଅବସ୍ଥା। ଜଗତର ପ୍ରତ୍ୟେକ ବ୍ୟକ୍ତିର ଅନୁଭବକୁ ଦୃଷ୍ଟାନ୍ତ ରୂପେ ଉପଯୋଗ କରି ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଅର୍ଥାତ ଆମ୍ଭମାନଙ୍କୁ ଏହା ବୁଝାଇବାକୁ ଚାହାଁନ୍ତି କି ବୁଦ୍ଧିମାନ୍ ବ୍ୟକ୍ତି ଜୀବାତ୍ମାର ଏକ ଦେହ ତ୍ୟାଗ କରି ଅନ୍ୟ ଦେହରେ ପ୍ରବେଶ କରିବା ପରେ ଶୋକ କରେନାହିଁ।

ଯେତେବେଳେ ବୃଦ୍ଧାବସ୍ଥାର ମୃତ୍ୟୁହେବ ସେତେବେଳେ କେବଳ ସର୍ବବ୍ୟାପୀ ଆତ୍ମାହିଁ ତିଷ୍ଠି ରହିବ। ଯେଉଁମାନେ ଆତ୍ମଦର୍ଶୀ ସେମାନେ ଉପଲବ୍ଧି କରନ୍ତି ଯେ ଆମର ଆତ୍ମା ଅମର। ସେହି ପଣ୍ଡିତମାନେ ଜାଣିଥାନ୍ତି ଯେ ଜନ୍ମମୃତ୍ୟୁର ଦୃଶ୍ୟ ଜୀବନ-ନାଟକର ଦୁଇଟି ଅଙ୍କ। ଏହା ମନୁଷ୍ୟ ମଧ୍ୟରେ ମୋହ ଉତ୍ପନ୍ନ କରାଇଥାଏ। ତେଣୁ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିବା ଅନୁଚିତ। ତେଣୁ ଧ୍ୟାନ କର ଫଳରେ ତୁମର ଆତ୍ମା ସାକ୍ଷାତକାର ହେବ। ଅବଶ୍ୟ ଏହି ଧ୍ୟାନ କରିବା କଥା ଭଗବାନ୍ ଶ୍ରୀକୃଷ୍ଣ ସଖା-ଶିଷ୍ୟ ଅର୍ଜ୍ଜୁନଙ୍କ ଷଷ୍ଠ ଅଧ୍ୟାୟ 'ଆତ୍ମସଂଯମ ଯୋଗ'ରେ କହିଛନ୍ତି। ଏହିପରି ମଣିଷ ସାଧନାରେ ରହିଲେ ଏ ସଂସାରିକ ମୋହରୁ ନିସ୍ତାର ଲାଭ ହେବ।

ଜୀବନ ଦର୍ଶନର ଏହି ସୂକ୍ଷ୍ମ ତତ୍ତ୍ୱକୁ ପଣ୍ଡିତ ରଞ୍ଜନ ଦାଶ ନବାକ୍ଷରୀ ଛନ୍ଦରେ ଲେଖିଛନ୍ତି;

ସଂସାରେ ଯେତେ ଦେହଧାରୀ। ଜୀବନ କାଳେ ଯେଉଁପରି।।
ବାଲ୍ୟ ଯୌବନ ବାର୍ଦ୍ଧକ୍ୟତା। ଲଭନ୍ତି ଏ ତିନି ଅବସ୍ଥା।।
ତେସନ ଅବସ୍ଥା ପ୍ରକାର। ଦେହରୁ ଅନ୍ୟ ଦେହାନ୍ତର।।
ଆତ୍ମାର ନବ କଳେବର। ପଣ୍ଡିତେ! ଶୋଚନା ନ କର।।

ଯେତେବେଳେ ନବକଳେବର କଥା ଆସେ ଆମ ମନଟି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖକୁ ଚାଲିଯାଏ– ତାର କାରଣ ଏହି ନବକଳେବର ମହାପ୍ରଭୁଙ୍କର ବି ହୋଇଥାଏ। ମହାପ୍ରଭୁ ଆମ୍ଭମାନଙ୍କୁ ସୂଚିତ କରିଦେବାକୁ ଚାହାନ୍ତି କି ମୋର ମଧ୍ୟ ଜନ୍ମ-ମୃତ୍ୟୁ ଅଛି।

ସେଇଥିପାଇଁ ଓଡ଼ିଆ ଭାଗବତରେ କୁହାଯାଇଛି;

ମର୍ତ୍ତ୍ୟ ମଣ୍ଡଳେ ଦେହ ବହି। ଦେବତା ହେଲେ ବି ମରଇ।।

ଯଦି ଜନ୍ମ ମୃତ୍ୟୁ ଚକ୍ରରେ ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ ଅଛନ୍ତି, ନବକଳେବର ସମୟରେ ଗୋଟିଏ ଦାରୁମୂର୍ତ୍ତିରୁ ଯାଇ ଅନ୍ୟ ଦାରୁ ବିଗ୍ରହରେ ସ୍ଥାପିତ ହୁଅନ୍ତି; ଏଥିରୁ ସ୍ପଷ୍ଟ ଯେ ମହାପ୍ରଭୁଙ୍କର ମାନବୀୟ ଲୀଳାରେ ସେ ବି ଦେହାନ୍ତର ପ୍ରାପ୍ତି ହୁଅନ୍ତି। ଯେଉଁ ବର୍ଷ ଯୋଡା ଆଷାଢ଼ ପଡିଥାଏ; ପ୍ରାୟତଃ ୧୫-୨୦ ବର୍ଷ ଭିତରେ ଏହି ନବକଳେବର ଅନୁଷ୍ଠିତ ହୋଇଥାଏ। ଯେପରି ୨୦୧୫ର ନବକଳେବର ୧୯ ବର୍ଷ ପରେ ହିଁ ଅନୁଷ୍ଠିତ ହୋଇଥିଲା।

'ଧୀରସ୍ତତ୍ର ନ ମୁହ୍ୟତି'- ଆମକୁ ହେବାକୁ ପଡିବ। ଜୀବନ ଜୀଇଁବାକୁ ପଡିବ। ପଦ୍ମପତ୍ରରେ ଜଳବିନ୍ଦୁ ପରି, ସଂସାରରେ ଥିବା କିନ୍ତୁ ସଂସାର ଆମକୁ ଲାଗୁ ନଥିବ। ମୋହଗ୍ରସ୍ତ ହେଲେ ସିନା ମୃତ୍ୟୁ ଭୟ ଆମର ରହିବ। ଯଦି ଆମେ ସଂସାର ବିଷୟ ବାସନା ପ୍ରତି ଆମର ଆସକ୍ତିକୁ ଦୂର କରିବା, ତେବେ ଆମେ ମୃତ୍ୟୁ ପାଇଁ ଭୟ କରିବା ନାହିଁ। ଫଳରେ ଆମେ ଯେଉଁ କର୍ମ କରିବା ତାହା ଅବଶ୍ୟ ହେବ କର୍ତ୍ତବ୍ୟକର୍ମ ଅର୍ଥାତ ଶାସ୍ତ୍ରାନୁମୋଦିତ କର୍ମ। ସଂସାରରେ ରହି ଏପରି କର୍ମ କଲେ ଆମେ ଅବଶ୍ୟ ଧର୍ମ ଅର୍ଜ୍ଜନ କରିବା, ପୁଣ୍ୟର ଭଣ୍ଡାର ଆମର ବଢିବାରେ ଲାଗିବ। ଆଉ ମୃତ୍ୟୁ ପରେ ଅବଶ୍ୟ ଆମେ ପୁନର୍ଜନ୍ମ ନ ନେଇ ମହାପ୍ରଭୁଙ୍କ ବୈକୁଣ୍ଠପୁରରେ ସ୍ଥାନ ପାଇଯିବା।

ନିଜକୁ ଏପରି ସ୍ଥିତିରେ ରଖିବାକୁ ହେଲେ ଆମକୁ ସାଧନା କରିବାକୁ ପଡିବ। ସଦ୍‌ଗୁରୁଙ୍କ ମାର୍ଗଦର୍ଶନରେ ରହି କର୍ତ୍ତବ୍ୟ କର୍ମ ସଂପାଦନ କଲେ ଆମେ ଅବଶ୍ୟ ଆତ୍ମସାକ୍ଷାତକାର କରିପାରିବା, ଆତ୍ମ ଉପଲବ୍ଧି କରିପାରିବା। ତେଣୁ ଆସନ୍ତୁ ମୃତ୍ୟୁପାଇଁ ଭୟ ନକରି ସାଧନା କରିଚାଲିବା। ସଂସାରରେ ରହି ନିଜର କର୍ତ୍ତବ୍ୟକର୍ମ କରିଚାଲିବା- କାଳେ ଆମର ପରଂବ୍ରହ୍ମଙ୍କ ସାନିଧ୍ୟ ମିଳିଯିବ।

**କୁଳସଚିବ**
**ନାଇଜର, ଭୁବନେଶ୍ୱର**
**ମୋ-୯୪୩୭୪୯୭୮୭୮**

# ମୁଁ ଓଡ଼ିଆ



**ଜ୍ୟୋତିପ୍ରଭା ପଟ୍ଟନାୟକ**

ଯେଉଁ ମାଟିରେ ପାଦ ଥାପିଲି
ଯେଉଁଠି ଦିନେ ଗଢି ମୁଁ ହେଲି
ସେହି ମୋ' ମାଟି ମାଆ,
ତା' ପୁଣ୍ୟ କୋଳେ ଜନମ ଲଭି
ରଖିବି ତା'ର ନାଁ । (୧)

ଏଇ ମାଟିରେ ଜନମି ଥିଲେ
କେତେ ଯେ ସୁରବୀର,
ପାଇକ ବୀର ରଣ ହୁଙ୍କାର
ସେଇ ମୋ' ଖୋରଧା ଗଡ଼,
ବକ୍ସି, ଜୟୀ, ଦଳବେହେରା
ଏଇ ମାଟିର ଛୁଆ,
ହସିହସି ପ୍ରାଣବଳି ଦେଲେ
ଧରମା ଆଉ ବାଜିଆ
ସେହି ମାଟିରେ ଜନମ ମୋ'ର
ମୁଁ ଓଡ଼ିଆ,
ମୁଁ ଓଡ଼ିଆ,
ମୁଁ ଓଡ଼ିଆ । (୨)

ମଧୁସୂଦନ ଓ ଗୋପବନ୍ଧୁ
ଏ ପୁଣ୍ୟ ମାଟି ପାଇଁ,
ଭାଷା ଆନ୍ଦୋଳନେ ଝାସ ଦେଇଥିଲେ
ଓଡିଶା ଜନ୍ମ ଭୂଇଁ,
ଗୋଦାବରୀଶ, ଫକୀରମୋହନ
କୁନ୍ତଳାକୁମାରୀ ଆମ,
କାଳଜୟୀ କେତେ କବିତା ଲେଖି
ରଖିଲେ ଓଡ଼ିଆ ନାମ,
ସେହି ମାଟିର ଦାୟାଦ ହୋଇ
ରଖିବି ତା'ର ନାଁ। (୩)

ମାଆ ମାଟିର ସୁରକ୍ଷା ଚିନ୍ତା
ଘାରୁଥିଲା ଅହର୍ନିଶ,
କବି ଲେଖକ ବର୍ଣ୍ଣି ଅଛନ୍ତି
ତା' ଯଶ ପଉରୁଷ,
ଉତ୍କୃଷ୍ଟ କଳା, ଖଣି, ଖାଦାନ
ନଦନଦୀ ଓ ଝରଣା,
ସେହି ମାଟିରେ ଜନମି ମୁହିଁ
ଶୁଝିବି ତା'ର ପାଉଣା। (୪)

ହାତରେ ହାତ ମିଶାଅ ଭାଇ
ଓଡ଼ିଶା ଆମ ମାଆ,
ଆମ ମାତୃଭାଷା ବିଶ୍ୱ ବନ୍ଦିତ
ଗାଇବା ତା'ର ନାଁ,
ଶ୍ରୀକ୍ଷେତ୍ରେ ପ୍ରଭୁ ଶ୍ରୀଜଗନ୍ନାଥ
ଆମକୁ ହେବେ ସାହା,
ଗୋଟିଏ ସ୍ୱରରେ ଗରବେ କହିବା
ମୁଁ ଓଡ଼ିଆ, ମୋ ଭାଷା ବଢିଆ,
ମୁଁ ଓଡ଼ିଆ, ମୋ ଭାଷା ବଢିଆ। (୫)

**ଖୋର୍ଦ୍ଧା**



ଆବଶ୍ୟକତା ହେଉଛି ଉଦ୍ଭାବନର ଜନନୀ।



# ଗାନ୍ଧିଜୀଙ୍କ ଗୁରୁଭକ୍ତି

ବିଭୂତିଭୂଷଣ ସେନାପତି



ଓଁକାରନାଥ ପଣ୍ଡିତ ଗୁରୁ ଗୀତାରେ ଉଲ୍ଲେଖ ଅଛି -

"ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।"

ସାରା ଭାରତ ବର୍ଷରେ କେଉଁ ଆବାହମାନ କାଳରୁ ଗୁରୁ ପୂଜା ପ୍ରଚଳିତ ହୋଇ ଆସିଛି ତାର ସଠିକ୍ ହିସାବ ଦେବା କଷ୍ଟକର କଥା ତଥାପି ସୁଶିଷ୍ୟ ଉପମନ୍ୟୁ, ଏକଲବ୍ୟ, ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ ଏବଂ କୃଷ୍ଣ ବଳରାମଙ୍କ ଗୁରୁ ସାନ୍ଦିପନୀଙ୍କ ଠାରେ ପ୍ରଗାଢ ଗୁରୁ ଭକ୍ତି ପାଇଁ ଭାରତୀୟ ଦର୍ଶନ ଶାସ୍ତ୍ର ଚିର ସମୃଦ୍ଧ। ସେହିପରି ସନ୍ଥ ଭୀମ ଭୋଇଙ୍କ ମହିମା ଗୋସାଇଁଙ୍କଠାରେ ବିନୀତ ପ୍ରାର୍ଥନା ଓ ଜ୍ଞାନ ଆହରଣପୂର୍ବକ ଜଗତରହିତ ସାଧନ ବାସ୍ତବିକ ଗୁରୁ ଶିଷ୍ୟ ପରମ୍ପରାର ବାର୍ତ୍ତାବହ । ଆଉ ଟିକିଏ ଆଗକୁ ଗଲେ, ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଗୁରୁ ଭକ୍ତି ଯେକୌଣସି ବ୍ୟକ୍ତିଙ୍କୁ ନିଶ୍ଚୟ ଅଭିଭୂତ କରିବ।

ଗାନ୍ଧୀ ଦର୍ଶନର ଦୁଇଟି ମୂଳ ମନ୍ତ୍ର, ତାହା ହେଲା ସତ୍ୟାଗ୍ରହ ଓ ସର୍ବୋଦୟ। ଏହି ଦୁଇଟିକୁ ସେ ପ୍ରତିଷ୍ଠା କରିଥିଲେ କେବଳ ଆଧ୍ୟାତ୍ମିକତାର ସୁଦୃଢ ଭିତ୍ତିଭୂମି ଉପରେ। ଏଥିପାଇଁ ତାଙ୍କୁ ଜଣେ ଗୁରୁଙ୍କ ଚରଣାଶ୍ରିତ ହେବାକୁ ପଡିଥିଲା। ସିଏ ହେଉଛନ୍ତି, ଶ୍ରୀମତ୍ ରାଜଚନ୍ଦ୍ର। ତାଙ୍କର ପୂରାନାମ ରାୟଚାନ୍ଦ ଭାଇ ରାଓଜୀ ଭାଇ ମେହେଟା ଏବଂ ଶ୍ରଦ୍ଧାନାମ ଶ୍ରୀମଦ୍ ରାଜଚନ୍ଦ୍ର। ଗୁଜୁରାଟର ଉଭାନିଆ ବନ୍ଦରରେ ସେ ୧୮୬୭ ମସିହା ନଭେମ୍ବର ୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ସଂପୂର୍ଣ୍ଣ ସଂସାରୀ ହୋଇ ଗୁରୁ ପଦବାଚ୍ୟ ହୋଇଥିଲେ। ଗୋଟିଏ ହୀରା ଗହଣା ବ୍ୟବସାୟର ସେ ଅଂଶୀଦାର ହୋଇ କାଳାତିପାତ କରୁଥିଲେ ଓ ୯ଏପ୍ରିଲ ୧୯୦୧ରେ ଇହଲୀଳା ସମ୍ବରଣ କରିଥିଲେ।

ଗାନ୍ଧିଜୀ ୧୮୯୧ ମସିହାରେ ଇଂଲଣ୍ଡରୁ ବାରିଷ୍ଟର ଶିକ୍ଷା ସମାପ୍ତ କରି ଭାରତକୁ ଫେରି ଆସିଥିଲେ। ଠିକ୍ ସେହି ସମୟରେ ତାଙ୍କର ପ୍ରାଣଜୀବନ ଦାସ ମେହେଟାଙ୍କ ମାଧ୍ୟମରେ ରାୟଚାନ୍ଦ ଭାଇଙ୍କ ସଂସ୍ପର୍ଶରେ ଆସିଥିଲେ। ସେତେବେଳେ ତାଙ୍କର ବୟସ ମାତ୍ର ୨୫ ବର୍ଷ। ମାତ୍ର ଦୁଇପଦ କଥାରେ ସେ ତାଙ୍କ ପ୍ରତି ଆକୃଷ୍ଟ ହୋଇ 'ଗୁରୁ' ବୋଲି ସ୍ୱୀକାର କଲେ। ସେ ଗୋଟିଏ ପଦରେ ଗାନ୍ଧିଜୀଙ୍କୁ ଆକୃଷ୍ଟ କରିଥିଲେ ତାହା ହେଉଛି - "ସମସ୍ତଙ୍କ ହୃଦୟରେ ଭଗବାନ ଅଛନ୍ତି, ଏ ବିଶ୍ୱରେ ସମସ୍ତ ପଦାର୍ଥର ସେ ସୃଷ୍ଟିକର୍ତ୍ତା।"

ସେହିପରି ତାଙ୍କର ରାଜନୈତିକ ଗୁରୁ ଗୋପାଳକୃଷ୍ଣ ଗୋଖଲେ ଓ ଦାର୍ଶନିକ ଗୁରୁ ଟଲଷ୍ଟୟ। ତାଙ୍କର ଏକ ପୁସ୍ତକ, ଯାହାର ବିଷୟ ବସ୍ତୁ ଥିଲା 'ସ୍ୱର୍ଗ ତୁମ ଭିତରେ ଅଛି'। ଆଉ ଜଣେ ଗାନ୍ଧିଜୀଙ୍କୁ ଆଚ୍ଛନ୍ନ କରିଥିଲେ ସେ ହେଉଛନ୍ତି- ରସକିନ୍। ସେ ଅନ୍ ଟୁ ଦି ଲାଷ୍ଟ ପୁସ୍ତକର ରଚୟିତା।

ମହାତ୍ମା ତାଙ୍କ ଜୀବନୀରେ ଲେଖିଛନ୍ତି - ଥରେ ରାୟଚାନ୍ଦ ଭାଇଙ୍କ ମା' ପରିବା କାଟୁଥିବା ବେଳେ ରାୟଚାନ୍ଦଙ୍କ ଆଖିରୁ ଠପ୍ ଠପ୍ କରି ଲୁହ ଗଡ଼ିପଡିଲା। ସେ ତାଙ୍କ ମା'ଙ୍କୁ ଲୋତକପୂର୍ଣ୍ଣ ଆଖିରେ କହିଥିଲେ - "ମା' କଟାଯାଉଥିବା ପରିବାର ଜୀବନ ଅଛି।" ସେତେବେଳେ ରାୟଚାନ୍ଦଙ୍କ ବୟସ ମାତ୍ର ୭ ବର୍ଷ। ୧୬ ବର୍ଷ ବୟସରେ ସେ ମୋକ୍ଷମାଳା ଗ୍ରନ୍ଥ ରଚନା କରିଥିଲେ। ଥରେ ମହାତ୍ମା ଦକ୍ଷିଣ ଆଫ୍ରିକାରୁ ଫେରି ଖ୍ରୀଷ୍ଟିଆନଙ୍କ କଥା ଲୋକମାନଙ୍କୁ କହିଥିଲେ। ସେମାନେ ଗାନ୍ଧିଜୀଙ୍କୁ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିବା ପାଇଁ ବାଧ୍ୟ କରିଥିଲେ।

ସେତେବେଳେ ଗାନ୍ଧିଜୀଙ୍କ ମନରେ ହିନ୍ଦୁ ଧର୍ମରେ ପ୍ରଚଳିତ ଜାତିପ୍ରଥା ଜନିତ ଘୃଣିତ ଅସ୍ପୃଶ୍ୟତା ପ୍ରତି ତାଙ୍କର ବିଦ୍ୱେଷ ଭାବ ଥାଏ। ସେ ରାୟଚାନ୍ଦଙ୍କୁ ମନରେ ପୁଂଜୀଭୂତ କଥା ପ୍ରକାଶ କଲେ। ରାୟଚାନ୍ଦଙ୍କ ସତ୍ୟନିଷ୍ଠ ଯୁକ୍ତିପୂର୍ଣ୍ଣ କଥା ଶୁଣି ସେ ସନାତନ ଧର୍ମ ପ୍ରତି ଆକୃଷ୍ଟ ହେଲେ । ସିଏ ସ୍ୱୀକାର କଲେ ରାୟଚାନ୍ଦଙ୍କ ଶ୍ରଦ୍ଧା ଓ ସମ୍ମାନକୁ ମୃତ୍ୟୁ ପର୍ଯ୍ୟନ୍ତ ଭୁଲି ପାରିବେ ନାହିଁ, କାରଣ ସେ ଧର୍ମାନ୍ତିକରଣରୁ ବଂଚିଗଲେ।

ବାରମ୍ବାର ଗାନ୍ଧିଜୀ ପ୍ରକାଶ କରିଛନ୍ତି - "ରାୟଚାନ୍ଦ ମୋର ମାର୍ଗଦର୍ଶକ। ମୁଁ ତାଙ୍କୁ କେବେ ଜୀବନରେ ଭୁଲିପାରିବି ନାହିଁ। ଗୁରୁ ମାର୍ଗଦର୍ଶକ ଓ ସତ୍ୟର ପୂଜାରୀ। ସଦ୍‌ଗୁରୁ ସ୍ୱୟଂ ଭଗବାନ।" ଏ କଥା ସାଧକ ରାମକୃଷ୍ଣ ପରମହଂସ ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ସ୍ୱାମୀ ବିବେକାନନ୍ଦଙ୍କୁ କହିଥିଲେ । ତେଣୁ ଗୁରୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତଥା ସାକ୍ଷାତ ପରଂବ୍ରହ୍ମ। ତାଙ୍କ ଚରଣରେ କୋଟି କୋଟି ପ୍ରଣାମ। ଗୁରୁଙ୍କ ଦିବ୍ୟଦର୍ଶନ ଆମକୁ ଅସତ୍ୟରୁ ସତ୍ୟକୁ ବାଟ କଢେଇନିଏ।

ମୋ-୯୪୩୭୫୭୪୪୬୨

# ସୁଦୃଢ ଇଚ୍ଛାଶକ୍ତି ହିଁ ଅସାଧ୍ୟ ସାଧିକା



ପଣ୍ଡିତ ରମାକାନ୍ତ ମିଶ୍ର

"କ୍ରିୟାସିଦ୍ଧିଃ ସତ୍ତ୍ୱେ ଭବତି ମହତାଂ ନୋପକରଣେ" ଉକ୍ତ ପାଦ (ପଙ୍କ୍ତି) ସହିତ ଅନ୍ୟ ତିନୋଟି ପାଦର ସଂଯୋଗରେ ଏକ ସାର୍ଥକ ଶ୍ଳୋକ ରଚନାକରି ଭୋଜରାଜଙ୍କ ଜିଜ୍ଞାସୁ ମନକୁ ପରିତୃପ୍ତ କରିବାରେ ତିନିଜଣ କବିଙ୍କର ସାଫଲ୍ୟ ଓ ପୁରସ୍କାର ପ୍ରାପ୍ତିପରେ ପୁନଃ ରାଜାଭୋଜ ଏହାର ଏକ ବଳିଷ୍ଠ ଉଦାହରଣ ଶ୍ରବଣ କରିବା ପାଇଁ କବି ବିଲୋଚନଙ୍କ ପୁତ୍ରବଧୂ ପ୍ରତି ସତୃଷ୍ଣ ନୟନରେ ଅବଲୋକନ କଲେ। ତାଙ୍କ ହୃଦୟରେ ଏହି ଭାବ ଜାଗରିତ ହେଲା ଯେ ଗୋଟିଏ ପରିବାରର ପିତା, ମାତା ଓ ପୁତ୍ର ଯଦି ମହାନ୍ ପାଣ୍ଡିତ୍ୟ ଓ କବିତ୍ୱର ଅଧିକାରୀ ତେବେ ପୁତ୍ରବଧୂ କିପରି ବିଦୁଷୀ ଓ ବୁଦ୍ଧିମତୀ ହୋଇଥିବେ? ପୁନଶ୍ଚ ତାଙ୍କ ନିକଟରେ କବି ପ୍ରତିଭା ଅଛି ବା ନାହିଁ? ଶାସ୍ତ୍ରରେ କଥିତ ଅଛି "ନରତ୍ୱଂ ଦୁର୍ଲଭଂ ଲୋକେ ବିଦ୍ୟାତତ୍ର ସୁଦୁର୍ଲଭା, କବିତ୍ୱଂ ଦୁର୍ଲଭଂତତ୍ର ଶକ୍ତିସ୍ତତ୍ର ସୁଦୁର୍ଲଭା"। ଅର୍ଥାତ୍ ଜଗତରେ ମାନବ ଜନ୍ମ ପ୍ରାପ୍ତି ଦୁର୍ଲଭ ଅଟେ, ମାନବ ଜନ୍ମରେ କାମନାର କଳ୍ପଲତାସ୍ୱରୂପା ବିଦ୍ୟା ଦୁର୍ଲଭା ଅଟେ। ବିଦ୍ୱାନ୍‌ବ୍ୟକ୍ତିବର୍ଗରେ କବିପ୍ରତିଭା ଓ କବିମାନଙ୍କ ମଧ୍ୟରେ ଶକ୍ତି (ଦୈବୀକୃପା) ମଧ୍ୟ ଅତ୍ୟନ୍ତ ଦୁର୍ଲଭା ଅଟେ। ପ୍ରକାରାନ୍ତରେ ବିଦ୍ୟାଦ୍ୱାରା ନରଜନ୍ମର, କବିତ୍ୱଦ୍ୱାରା ବିଦ୍ୟାର ଓ ଦୈବୀକୃପାଲବ୍ଧ ମେଧାଶକ୍ତିଦ୍ୱାରା କବିତ୍ୱର ସାର୍ଥକତା ପ୍ରତିପାଦିତ ହୋଇଥାଏ। କବିର କବିତାଯଦି ଶକ୍ତିମତୀ ହୋଇଥାଏ ତେବେ ତାହା ମରଜଗତରେ କବିଙ୍କୁ ଅମରତ୍ୱ ପ୍ରଦାନ କରେ। ଅନ୍ତଃସାରହୀନ ରଚନା ଜନସମାଜରେ ତୁଚ୍ଛ ଓ ହେୟ ବିବେଚିତ ହୁଏ। ସମାଜ ହିତାକାଙ୍କ୍ଷିଣୀ ରଚନାହିଁ ସାହିତ୍ୟ ପଦବାଚ୍ୟ, ସୁତରାଂ ଗୋଟିଏ ପରିବାର ଯଦି ଧୂରୀଣ ପାଣ୍ଡିତ୍ୟ ଓ କବିଶକ୍ତିର ଅଧିକାରୀ ତେବେ ସେହି ପରିବାରର ପୁତ୍ରବଧୂ କିପରି? ଏହାକୁ ସମ୍ୟକ୍ ଜ୍ଞାତ ହେବା ହିଁ ଥିଲା ରାଜାଭୋଜଙ୍କର ମୁଖ୍ୟଲକ୍ଷ୍ୟ।

ବିଲୋଚନଙ୍କ ପୁତ୍ରବଧୂ ମହାରାଜା ଭୋଜଙ୍କ ଉକ୍ତାକୁ ଉତ୍ତମରୂପେ ବୁଝିପାରିଲେ। ତିନୋଟି ଉଦାହରଣ ଶୁଣିବା ପରେ ଆଉ କେଉଁ ବଳିଷ୍ଠ ଦୃଷ୍ଟାନ୍ତରେ ସେ ରାଜାଙ୍କର ଅନ୍ତରକୁ ପରିତୃପ୍ତ କରିପାରିବେ? ତଥାପି ସେ ଭାରି ଚତୁରୀ, ବୁଦ୍ଧିମତୀ ଓ ବିଦୁଷୀ ଥିଲେ। ତାଙ୍କର ଆପାଦମସ୍ତକ ସମଗ୍ର ଶରୀରରେ ବିକଶିତ ହେଉଥିଲା ତାରୁଣ୍ୟର ଅନୁପମ ସୌନ୍ଦର୍ଯ୍ୟ। ସେ ମୂର୍ତ୍ତିମାନ୍ ଶୃଙ୍ଗାରରସ ପରି ପ୍ରତୀୟମାନା ହେଉଥିଲେ। "ନାରୀଣାଂ ଭୂଷଣଂ ଲଜ୍ଜା" ଉକ୍ତିଟିକୁ ସାର୍ଥକ କରି ସେ ନିଜର ମୋହନ ମୁଖମଣ୍ଡଳକୁ ଅବଗୁଣ୍ଠନର ଅନ୍ତରାଳରେ ଲୁକାୟିତ କରି ରଖିଥିଲେ। ଘନତ୍ୱହୀନ ଭାସମାନବାଦଲର ଆଢୁଆଳରେ ଚନ୍ଦ୍ରବିମ୍ବ ଅସ୍ପଷ୍ଟ ଦୃଶ୍ୟମାନ ହେବାପରି ସୁକ୍ଷ୍ମ ପଟ୍ଟବସ୍ତ୍ରର ଅବଗୁଣ୍ଠନ ଭିତରୁ ତାଙ୍କର ମୁଖଶ୍ରୀ ସାମାନ୍ୟ ଫୁଟି ଦିଶୁଥିଲା। ରାଜାଭୋଜ ତାଙ୍କୁ ମା'ବୋଲି ସମ୍ବୋଧନକରି ଶ୍ଳୋକଟିଏ ରଚନା କରିବାପାଇଁ କହିଥିଲେ। କାଳ ବିଳମ୍ବନକରି କବିବଧୂ ଏକ ସୁରମ୍ୟ ରଚନାରେ ଶ୍ଳୋକ ପଠନ କଲେ। ଶ୍ଳୋକଟି ଏପରି ରୂପାୟିତ ହେଲା ଯେ-

"ଧନୁଃ ପୌଷ୍ପଂମୌର୍ବୀ ମଧୁକରମୟୀ ଚଞ୍ଚଳଦୃଶାମ୍  
ଦୃଶାଂ କୋଣୋବାଣଃ ସୁହୃଦପି ଜଡାତ୍ମହିମକରଃ  
ସ୍ୱୟଂ ଚୈକୋଽନଙ୍ଗଃ ସକଳଭୁବନଂ ବ୍ୟାକୁଳୟତି  
କ୍ରିୟାସିଦ୍ଧିଃ ସତ୍ତ୍ୱେ ଭବତି ମହତାଂ ନୋପକରଣେ"

ଅର୍ଥ- ଯାହାର ଧନୁ ସୁକୋମଳ ପୁଷ୍ପରେ ନିର୍ମିତ, ଧନୁର ଗୁଣଭାବରେ ଭ୍ରମର ମାଳା ଶୋଭାପାଏ, ଚଞ୍ଚଳନୟନୀ ସୁନ୍ଦରୀ ନାରୀମାନଙ୍କର ଅପାଙ୍ଗ କଟାକ୍ଷ (ଆଖି କୋଣରେ କଣେଇ ଚାହିଁବା) ବାଣ / ଶର ନିର୍ଜୀବଚନ୍ଦ୍ର ଯାହାର ମିତ୍ର ଏବଂ ନିଜେ ଜଣେ ଅଙ୍ଗହୀନ ଶକ୍ତି, (ଶିବଙ୍କ ନେତ୍ରାଗ୍ନିରେ ଦେହ ଭସ୍ମହୋଇ କେବଳ ଶକ୍ତି ରହିଛି) ଏପରି ଅବସ୍ଥାରେ ମଧ୍ୟ କାମଦେବ (କନ୍ଦର୍ପ) ସାରା ସଂସାରକୁ ବ୍ୟାକୁଳିତ କରୁଅଛି। ସୁତରାଂ କାର୍ଯ୍ୟସାଧନା ପାଇଁ ମହାତ୍ମାମାନଙ୍କ ଶାରୀରିକ ଶକ୍ତି ହିଁ ଯଥେଷ୍ଟ। ଉପକରଣ ବା ସାମଗ୍ରୀର ପ୍ରୟୋଜନ ବା କ'ଣ ଅଛି?

କବିବଧୂଙ୍କ ପଠିତ ଶ୍ଳୋକରୁ ପ୍ରମାଣିତ ଯେ ତ୍ରିପୁରରେ କାମଦେବ ହିଁ ଅପରାଜେୟ ବୀରତ୍ୱର ଅଧିକାରୀ, ଦେବଲୋକ, ମାନବଲୋକ ଓ ନାଗଲୋକରେ ତାଙ୍କର ଶକ୍ତି ଅପ୍ରତିହତ। ସୃଷ୍ଟିକର୍ତ୍ତା ବ୍ରହ୍ମା ନିଜ କନ୍ୟା ଉର୍ବଶୀକୁ ଦେବସଭାରେ କାମାତୁର ହୋଇ ଆଲିଙ୍ଗନ କରିବା, ଦେବରାଜଇନ୍ଦ୍ର ଗୌତମ ପତ୍ନୀ ଅହଲ୍ୟାଙ୍କୁ କପଟ ରୂପରେ ହରଣ କରିବା, ହିମାଳୟ କନ୍ୟା ପାର୍ବତୀଙ୍କ ରୂପଲାବଣ୍ୟରେ ଆକୃଷ୍ଟ ତ୍ରିଲୋଚନ ଶିବଙ୍କର ସମାଧି ଭଗ୍ନ ହେବା, ମର୍କଟୀ ଅଞ୍ଜନାର ରୂପଯୌବନରେ ବାୟୁଦେବ ବିମୋହିତ ହେବା, ମୋହିନୀ ରୂପଧାରୀ ବିଷ୍ଣୁଙ୍କ ପଛରେ ପ୍ରେମ ପାଗଳ ଶିବଙ୍କର ଧାବମାନ ହେବା, ଚନ୍ଦ୍ରଦେବଙ୍କ ଗୁରୁପତ୍ନୀ ହରଣ ଓ ଅପ୍ରାପ୍ତ ବୟସ୍କା କୈବର୍ତ୍ତୀ କନ୍ୟାର ଅଙ୍ଗ ଲାବଣ୍ୟରେ ପରାଶର ମୁନିଙ୍କ ଧୈର୍ଯ୍ୟଚ୍ୟୁତି ଇତ୍ୟାଦି ସମସ୍ତ ଅସାଧ୍ୟ ବଳକୁ ପରାହତ କରିବାହିଁ କାମଦେବର କରିସ୍ମା। ପୁଷ୍ପର ଧନୁ ,ଭ୍ରମର ଗୁଣ, ସୁନ୍ଦରୀର ନୟନ କଟାକ୍ଷ ଶର, ଓ ଜଡ଼ ପିଣ୍ଡ ଚନ୍ଦ୍ରମାକୁ ମିତ୍ରକରି ଅଙ୍ଗହୀନ ଶକ୍ତିରେ କାମଦେବ ଯଦି ଏପରି କର୍ମ କରିପାରନ୍ତି ତେବେ ବିନା ଦେହରେ କେବଳ ବଳାଶ୍ରୟୀ ହୋଇ ଅସମ୍ଭବକୁ ସମ୍ଭବ କରିବାଟା ଦୁରୁହ ବ୍ୟାପାର ନୁହେଁ, ସୁତରାଂ ସାମଗ୍ରୀ / ଉପକରଣକୁ ପ୍ରାଧାନ୍ୟ ନଦେଇ କେବଳ ନିଜ ଶରୀର / ମାନସିକ ଶକ୍ତି ବଳରେ ଅସାଧ୍ୟ ସାଧନ ସମ୍ଭବ। କବିବଧୂଙ୍କ ବଳିଷ୍ଠ ଉତ୍ତରରେ ବିସ୍ମିତହୋଇ ରାଜା ତାଙ୍କୁ ବହୁତ ଧନ ରତ୍ନ ପୁରସ୍କାର ଦେଇଥିଲେ।

ସାଂପ୍ରତିକ ସମାଜରେ ନିଜକୁ କର୍ମୀ / କର୍ମବୀର ଭାବରେ ପ୍ରତିଷ୍ଠା କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ମୁଖରେ ଯାହା ଉଚ୍ଚାରଣ କରନ୍ତି ଆଚରଣରେ ତାହା କରନ୍ତି ନାହିଁ। ମିଥ୍ୟା ପ୍ରତିଶ୍ରୁତି ଓ ଘୋଷଣାକୁ ବଳକରି ନିଜକୁ ମହାନାୟକ

କରିବାର ଅପପ୍ରୟାସ ମାତ୍ର କରନ୍ତି । କାର୍ଯ୍ୟସାଧନା ପାଇଁ ଆର୍ଥିକ ଶକ୍ତି ଓ ଜନଶକ୍ତିର ପ୍ରାଚୁର୍ଯ୍ୟ ଥାଇ ମଧ୍ୟ ଇଚ୍ଛାଶକ୍ତିର ଅଭାବରୁ ସେମାନେ ଆନ୍ଦୋଳିତ ସ୍ଥିତିରେ ରହି କର୍ତ୍ତବ୍ୟପଥରେ ଅଗ୍ରସର ହୁଅନ୍ତି ନାହିଁ । ପୁନଶ୍ଚ ସେପରି କର୍ମରେ ଯଦି ସ୍ୱାର୍ଥହାନିର ଆଶଙ୍କା ଥାଏ ତେବେ ମଧ୍ୟ ସେମାନେ ତାହାକୁ ଉପେକ୍ଷା କରନ୍ତି । ସ୍ୱାର୍ଥ, ଆତ୍ମୀୟ ସ୍ୱଜନ ଓ ପ୍ରିୟାପ୍ରୀତି ତୋଷଣ ପୋଷଣର ମମତାକୁ ପରିହାର ନକଲେ କାହାର ଇଚ୍ଛାଶକ୍ତି ଜାତ ହୁଏନାହିଁ ବା ଜାତ ହେଲେ ମଧ୍ୟ ସୃଦୃଢ ହୁଏ ନାହିଁ । "ତେନତ୍ୟକ୍ତେନ ଭୁଞ୍ଜୀଥାଃ" ଉପନିଷଦୀୟ ଉପଦେଶ ଅନୁଯାୟୀ ତ୍ୟାଗକୁ ଜୀବନର ସର୍ବଶ୍ରେଷ୍ଠ ଭୋଗ ମନେକରୁଥିବା ବ୍ୟକ୍ତି ହିଁ କର୍ମଯୋଗୀ ସିଦ୍ଧ ସାଧକ ରୂପେ ସଂସାରରେ ପ୍ରତିଷ୍ଠା ଅର୍ଜନ କରେ । ଏହା ସମାଜର ପ୍ରତିଟି ସ୍ତରର ବ୍ୟକ୍ତିମାନଙ୍କ ପାଇଁ ପ୍ରଯୁଜ୍ୟ ଯିଏ ଯେଉଁ କ୍ଷେତ୍ରରେ କର୍ମ କରୁଥାଉ, ନିଜର କର୍ତ୍ତବ୍ୟ ସଚେତନତା ଓ ସଂକଳ୍ପବଦ୍ଧତା ଦ୍ୱାରା ଉନ୍ନତ ସ୍ତରକୁଯାଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିବ । ସ୍ୱାର୍ଥ ସର୍ବଦା କର୍ମସଫଳତାର ପରିପନ୍ଥୀ, ସୁତରାଂ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ କର୍ତ୍ତବ୍ୟ ସମ୍ପାଦନ କରିବା ହିଁ ମହାତ୍ମାର ଲକ୍ଷଣ ।

**ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ**
**ଜଟଣୀ, ଖୋରଧା**
**ମୋ-୯୭୭୮୬୮୨୪୮୭**

**ଶିଶୁ ଗଳ୍ପ**

# ଆଉ କଲବଲ କରନା ମାମୁ



**ମହେନ୍ଦ୍ର କୁମାର ଘଡ଼େଇ**

ବବୁଲ ପଚାରିଲା, "ଆରେ ବିକାଶ, ଏଠି କାହିଁକି ଠିଆ ହୋଇଛୁ ? ବାଘ ମାତିଛି । ଛପି ଛପି ଆସି ଯାହାକୁ ପାଉଛି ଖାଇଯାଉଛି । ଆ' ଘରକୁ ପଳାଇବା ।"

"ଦେଖ ! ମୁଁ କ'ଣ କରୁଛି ? ବାଘମାମୁ ଏଇ ଆଡ଼କୁ ଆସିଲେ ମୁଁ ଆଗ ତାଙ୍କୁ ଓଳିଗି ହୋଇ ପଡ଼ିବି । ତାଙ୍କ ଭଲ ମନ୍ଦ ପଚାରି ବୁଝିବି । ଏମିତି ନିଉଛୁଣା କାମ ନ କରିବାକୁ ଅଳି କରିବି । ଦେଖିବୁ ମୋ' ଅଳିରେ ବାଘମାମୁ ଗାଁ ଛାଡ଼ି ପଳାଇବ । ଜାଣିଛୁ, ଗୁହାରି ପରା ମନ ବଦଳାଇ ଦିଏ । ଅକାମ ଛଡ଼ାଇ ସୁକାମରେ ପହଞ୍ଚାଏ । ସାହସ ଆଉ ଧୈର୍ଯ୍ୟ ବଳ ବଢ଼ାଏ । ଛାନିଆ କାମ ମାରା କରେ । ବାଘ ତଡ଼ା କାମ ମୁଁ କରି ଦେଖାଇବି ନିଶ୍ଚୟ ।", ବିକାଶ କହିଲା ।

ବାବୁଲ ଏଥର ଡିଆଁଟାଏ ମାରି ଘରକୁ ପଳାଇଲା ।

କିଛି ସମୟ ପରେ ସତକୁ ସତ କଲରାପତରିଆ ବାଘ ଆସିଗଲା । ବିକାଶ ଦୂରରୁ ଦେଖିଦେଇ ଓଳିଗି ହେଲା । ଝାଉଁଳି ପଡ଼ିଥିବା ତା' ନୀରସ ମନର କଥା ପଚାରିଲା ।

କଥାରେ ଅଛି କଅଁଳ କଥା ରାଗ ଶାନ୍ତ କରିଦିଏ । ବିକାଶର ଏଇ କଥା ପଦିଏ ରଡ଼ ନିଆଁରେ ଦାଉଦାଉ ଜଳୁଥିବା ବାଘର କ୍ରୋଧକୁ ଶାନ୍ତ କରିଦେଲା । ବାଘ ସୁନାପିଲା ଭଳି ଆସି ବିକାଶ ପାଖରେ ଠିଆ ହେଲା ।

ସାହସ କରି ବିକାଶ ପଚାରିଲା, "ଲୋକମାନେ ଯାହା କୁହାକୁହି ହେଉଛନ୍ତି, ତମେ ସତରେ କ'ଣ ସେଇଆ ? ବଡ଼ ଦୁଷ୍ଟ ଅବିଶ୍ୱାସୀ ଆଉ ହିଂସ୍ର ? ଟାଣ ହୃଦୟରେ ତମେ ଆମର ସେ ମାମୁ, ଭଣଜା ଭାଣିଜୀର ମିଠା ସମ୍ପର୍କକୁ କାଟି ପକାଉଛ ? ଏ ସବୁ ଭଲ କଥା ନୁହେଁ । ତୁମେ କ'ଣ ଜୀବେ ଦୟା କଥା ଶୁଣିନ ? ବଳୁଆ ବୋଲି ଆମକୁ ଡରେଇ ମାରି ଖାଇବ ? ପାପରେ ଭାଗି ହେବ ?"

ଚିତା ଆଉ କୋହ ସମ୍ଭାଳି ପାରିଲାନି । ତା' ଦି ଆଖିରୁ ଅମାନିଆ ଲୁହ ଝରି ପଡ଼ିଲା । କଇଁ କଇଁ ହୋଇ କାନ୍ଦିପକାଇ କହିଲା, "ଶୁଣିବ ଟିକି ଭଣଜା, ତେବେ ଶୁଣ ! ବଣର ଜୀବଜନ୍ତୁଙ୍କ ଛନ୍ଦ, କୂଟକପଟ ଜଣା ନ ଥାଏ । ଆମେ ବଡ଼ ନୀରିହ ଆଉ ସରଳ । ବଣ ମୁଲକରେ ଘର କରି ଏକାଠି ଶାନ୍ତିରେ ରହୁ । ତମ ମଣିଷମାନଙ୍କ କଥା ଆଉ କାମ ଅଲଗା । ନିଜ ହସ ଖୁସି ପାଇଁ ଆମ ଘର ଭାଙ୍ଗି ଦେଉଛ । ତା' ପାଇଁ ବର୍ଷା ଅଫେରା ରାଜ୍ୟକୁ ଚାଲିଗଲାଣି । ଋତୁଚକ୍ର ଠିକ୍‌ରେ ଯା' ଆସ କରୁନି । ଜୀବଜନ୍ତୁ ମରି ହଜି ଯାଉଛନ୍ତି । ଫଳ ମୂଳ ଚେର ଔଷଧ ଅଙ୍ଗାର ପାଣି ପବନ ଠିକ୍‌ରେ ମିଳୁନି । ଯେଉଁମାନେ ପ୍ରକୃତି ସହ ଲଢ଼ି ବଞ୍ଚି ରହିଲୁ ତମମାନଙ୍କ ବାଣ ତୀର ଜାଲରେ ପଡ଼ି ମଲୁ । ବିଶ୍ୱାସ କର ଭଣଜା, ପେଟ ଭୋକ ସହି ନପାରି ଜୀବନ ବଞ୍ଚାଇବା ଏମିତି ଲୁଚି ଛପି ଶୀକାର କରୁଛି । ସମସ୍ତେ ଛି ଛି କରୁଛନ୍ତି । ପାପ ଲାଗିବ । ଠାକୁର ରାଗିବେ ବୋଲି ଜାଣିଛି । ହେଲେ ....."

"ହେଲେ ପୁଣି କ'ଣ ?" ପଚାରିଲା ବିକାଶ ।

"ପାରିବ, କଥା ଦିଅ । ମୋ' କଥା ରଖିଲେ ତମେ, ଗାଁ ଆସିବୁନି କେବେବି ଆମେ । ତମ ଲୋକମାନଙ୍କୁ ବୁଝାଇ ଆଗ ସଚେତନ କର । ଜୀବଜନ୍ତୁଙ୍କ ସହ ମିତ୍ର ଭଳି ବ୍ୟବହାର କର । ଅସହାୟ, ଦୁଃଖୀ ରଙ୍କଙ୍କ ପ୍ରତି ଭଲ ପାଇବାର ହାତ ବଢ଼ାଅ । ଗଛ ଲଗାଅ । ସେହି ଗଛକୁ ଦେବତା ଭଳି ପୂଜା କର । ଛାଏଁ ଋତୁଚକ୍ର ଗୁଳାରେ ଗଡ଼ିବ । ରୋଗ ଛୁ ମାରିବ । ଅକାଳ ଫୁସକି ଯିବ । ହସ ଖୁସି ହାତ ମୁଠାକୁ ଫେରି ଆସିବ । ସେତେବେଳକୁ ମୋ' ଭଳି ପଶୁପକ୍ଷୀମାନେ ଆଉ ଗାଁକୁ ଆସୁନଥିବେ !" ବୋଲି ଚିତା କହିଲା ।

ବିକାଶ କହିଲା, "ଏଇ କଥା ତ ! ମତେ ବିଶ୍ୱାସ କର । ମୁଁ ଆଖି ଛୁଇଁ ରାଣ ଖାଇ କହୁଛି । ଆମ ଲୋକମାନଙ୍କୁ ବୁଝାଇ ମୁଁ ଧରା ବଦଳାଇ ଦେବି ।"

ଚିତା କହିଲା, "ମୁଁ ତେବେ ଆସୁଛି ।"

**କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ, ମୋ-୯୪୩୭୭୪୦୫୬୬**

# ମୁକ୍ତି ମାର୍ଗ



ପଦ୍ମନାଭ ପାଣିଗ୍ରାହୀ

ସକଳ ବେଦ ଓଁ କୁ ହିଁ ପରମବ୍ରହ୍ମ କହନ୍ତି। ବ୍ରହ୍ମଚାରୀମାନେ ଓଁକୁ ଉଚ୍ଚାରଣ କରି ବ୍ରହ୍ମ ପ୍ରାପ୍ତି ହୁଅନ୍ତି। ସମସ୍ତ ସାଧକ ତପଚାରୀମାନେ ଓଁ ମାଧ୍ୟମରେ ପରମପଦ ପ୍ରାପ୍ତି ହୁଅନ୍ତି। ବେଦର ତତ୍ତ୍ୱକୁ ଯଥାର୍ଥ ଜ୍ଞାତା ହିଁ ଜାଣିବା ସହିତ ପରମାତ୍ମାଙ୍କୁ ଜାଣିପାରନ୍ତି। ସେମାନେ ବିତରାଗ ଅର୍ଥାତ୍ ଆସକ୍ତି ଶୂନ୍ୟ ହୋଇ ପରମାତ୍ମାଙ୍କ ତତ୍ତ୍ୱ ମଧ୍ୟରେ ପ୍ରବେଶ କରନ୍ତି।

ବେଦର ଆଧାର ପରମବ୍ରହ୍ମ ପରମାତ୍ମା। ବେଦଜ୍ଞମାନେ ପରମାତ୍ମାଙ୍କୁ ଅବିନାଶୀ ବୋଲି କହନ୍ତି। ଯାହା ବାଣୀଦ୍ୱାରା କୁହାଯାଇ ପାରିବନାହିଁ, ଯାହାଙ୍କଦ୍ୱାରା ବାଣୀ ପ୍ରକାଶିତ ହୁଏ। ଯାହାକୁ କେହି ମନ ସାହାଯ୍ୟରେ ବୁଝିପାରନ୍ତି ନାହିଁ, ଯାହାଦ୍ୱାରା ମନ ପରିଚାଳିତ ହୁଏ। ଯାହାକୁ ଚକ୍ଷୁଦ୍ୱାରା ଦେଖି ହୁଏ ନାହିଁ, ଯାହାଦ୍ୱାରା ଚକ୍ଷୁ ଦର୍ଶନ କରେ ଯାହାକୁ କାନଦ୍ୱାରା ଶୁଣି ହୁଏ ନାହିଁ, ଯାହାଦ୍ୱାରା ଶ୍ରବଣେନ୍ଦ୍ରିୟ ଶୁଣିବାର ଯୋଗ୍ୟ ବିବେଚିତ ହୋଇଥାଏ। ସେ ହିଁ ବ୍ରହ୍ମ।

ଉକ୍ତ ବ୍ରହ୍ମତତ୍ତ୍ୱ ପ୍ରାପ୍ତି ପାଇଁ ସାଧକକୁ ବାହ୍ୟ ବିଷୟ ତ୍ୟାଗ କରିବାକୁ ପଡ଼ିଥାଏ। ଇନ୍ଦ୍ରିୟ ସଂଯମ, ରାଗ ଦ୍ୱେଷ ତ୍ୟାଗ ନ କଲେ ପୂର୍ଣ୍ଣ ନିବୃତ୍ତି ହୋଇ ପାରେ ନାହିଁ କିମ୍ୱା ସିଦ୍ଧି ମିଳେ ନାହିଁ। ଭଗବତ୍ ସେବାକୁ ନିତ୍ୟ ନିରନ୍ତର ଅଭ୍ୟାସ କରିବାରେ ଇନ୍ଦ୍ରିୟ ସଂଯମ ହୋଇଥାଏ। ପୁନଶ୍ଚ ପୂଜା, ଭଗବତ୍ ସେବା, ଜପ, ଧ୍ୟାନ, ବିବେକ, ବୈରାଗ୍ୟ ଆଦି ବିଭିନ୍ନ ଉପାୟରେ ଅନ୍ତଃକରଣ ଶୁଦ୍ଧ ହୋଇଥାଏ। ଯେତେବେଳେ ସାଧକ ସାତ୍ତ୍ୱିକ ସୁଖ ପାଇଁ ନିଷ୍କାମ କର୍ମ କରେ ଅମୃତ ତୁଲ୍ୟ ସୁଖ ଭୋଗ କରେ।

ଦ୍ୱୈତଭାବ ଆସିଲେ ମାୟା ଶକ୍ତି ପ୍ରକାଶିତ ହୁଏ। ଜଣେ ଶଗଡ଼ିଆ ଡକାୟତ ହାବୁଡ଼ରେ ପଡ଼ିଲେ। ତା'କୁ ଡକାୟତମାନେ ତାର ମନକୁ ଭୁଲାଇ ଅନ୍ୟ ବାଟରେ ନେଇଯାଇ ସର୍ବସ୍ୱ ଲୁଟି ନେଲେ। ସେହିପରି ରାଗ, ଦ୍ୱେଷ, ହିଂସା, କପଟତା ପ୍ରଭୃତି ମିତ୍ର ଭାବ ଦେଖାଇ ମନ ଓ ଇନ୍ଦ୍ରିୟକୁ ବଶ କରିନିଅନ୍ତି। ସାଂସାରିକ ବିଷୟ ଭୋଗ ବାସନା ସୁଖର ପ୍ରଲୋଭନ ଦେଖାଇ ପାପାଚାରରେ ପ୍ରବୃତ୍ତ କରିଥା'ନ୍ତି। ତଦ୍ୱାରା ଜୀବକୁ ପାପ କର୍ମର ଫଳ ସ୍ୱରୂପ ଘୋର ନରକ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ।

**କାମ ଏଷ କ୍ରୋଧ ଏଷ ରଜୋ ଗୁଣ ସମୁଦ୍ଭବ**
**ମହାଶନା ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍।**

ରଜ ଗୁଣରୁ ଉତ୍ପନ୍ନ ଏହି କାମ, କ୍ରୋଧରେ ପରିଣତ ହୁଏ। ସେହି କାମନା ପୃଥିବୀର ସର୍ବଗ୍ରାସୀ ପାପକର୍ମା ଶତ୍ରୁ ଅଟେ। ରଜ ଗୁଣର ଲକ୍ଷଣ ଭାଗବତରେ ବର୍ଣ୍ଣନା ହୋଇଛି ...

**କାମ ସୁଚେଷ୍ଟା ତୃଷ୍ଣା ମଦ।**
**ଗର୍ବ ବିଳାସ ମତି ଖେଦ ॥**
**ଯଶ ପ୍ରଭାବ ସୁଖ ଇଚ୍ଛା**
**ଲୋଭ ସଂକଳ୍ପ ମନ୍ତ୍ର ଦୀକ୍ଷା ॥**

ରାମଚରିତ ମାନସରେ ତୁଳସୀ ଦାସ କହିଛନ୍ତି...

**କାମ କ୍ରୋଧ ମଦ ଲୋଭ ନାଥ ନରକ କେ ପନ୍ଥ**
**କାମ କ୍ରୋଧ ଲୋଭ ଏମାନେ ଜୀବର ବଡ ଶତ୍ରୁ।**

ରାମାୟଣରେ ବର୍ଣ୍ଣିତ ରାଜା ଦଶରଥ କାମନାର ପ୍ରତୀକ, ରାଣୀ କୈକେୟୀ କ୍ରୋଧ ତଥା ମନ୍ଥରା ଲୋଭର ପ୍ରତୀକ। ଏହି ତିନି ଜଣ ଏକତ୍ର ହେବାରୁ ପ୍ରଭୁ ଶ୍ରୀରାମ ଅଯୋଧ୍ୟା ତ୍ୟାଗ କରି ବନବାସ ଯାଇଥିଲେ। ମାନବ ଶରୀର ଏକ ଘଡି ଭଳି। ଏହି ଘଡିରେ ଇନ୍ଦ୍ରିୟରୂପୀ ଛିଦ୍ରଗୁଡ଼ିକ ରହିଛି। ଗୋଟିଏ ଗୋଟିଏ ଏପରି ପ୍ରତ୍ୟେକ ଛିଦ୍ରରେ ଜ୍ଞାନ ସବୁ ବୋହିଯାଏ। ଇନ୍ଦ୍ରିୟ ରୂପୀ ଛିଦ୍ରକୁ ଯଦି ବନ୍ଦ ରଖିବା, ତେବେ ଜ୍ଞାନ ସ୍ଥିର ରହିବ। ଜ୍ଞାନକୁ ସ୍ଥିର ରଖିବା ପାଇଁ ବାସନା ସମୂହର ବିନାଶ କରିବାକୁ ପଡିବ। ଅନ୍ତର ଭିତରେ ଜ୍ଞାନ ଦୀପକୁ ପ୍ରଜ୍ୱଳିତ କଲା ପରେ ମଧ୍ୟ ମନ ଇନ୍ଦ୍ରିୟରୂପୀ ଦ୍ୱାରକୁ ଖୋଲିଦିଏ। ଉନ୍ମୁକ୍ତ ଗବାକ୍ଷ ବାଟ ଦେଇ ବିଷୟ ରୂପୀ ପବନ ପଶି ଆସେ। ତଦ୍ୱାରା ଜ୍ଞାନ ଦୀପ ଲିଭିଯାଏ। ତେଣୁ ପ୍ରଥମେ ଆତ୍ମା ସମ୍ୱନ୍ଧରେ ଜ୍ଞାନ ଲାଭ କରିବାକୁ ପଡିବ।

**ଆତ୍ମା ସତ୍ୟମ୍ ତଦନ୍ୟତ୍ ସର୍ବଂ ମିଥ୍ୟେତି...**

ଆତ୍ମା ସତ୍ୟ ଆଉ ସବୁ ମିଥ୍ୟା। ଆତ୍ମାକୁ ଜାଣିଲେ ହିଁ ସଂସାରରୁ ମୁକ୍ତି ପାଇପାରିବ। ଆତ୍ମା କ'ଣ ? ଏହା ସ୍ଥୁଳ, ସୂକ୍ଷ୍ମ, କାରଣ ଶରୀର ଠାରୁ ଭିନ୍ନ। ପଞ୍ଚ କୋଷ...ଅନ୍ନମୟ କୋଷ, ପ୍ରାଣମୟ କୋଷ, ଜ୍ଞାନମୟ କୋଷ, ବିଜ୍ଞାନମୟ କୋଷ, ଆନନ୍ଦମୟ କୋଷ ଠାରୁ ଭିନ୍ନ। ଅବସ୍ଥା ତ୍ରୟ...ଜାଗ୍ରତ, ସ୍ୱପ୍ନ, ସୁସୁପ୍ତିର ସାକ୍ଷୀ। ସତ୍, ଚିତ୍, ଆନନ୍ଦ ସ୍ୱରୂପ।

**ସାଚ୍ଚିଦାନନ୍ଦ ରୂପାୟ ବିଶ୍ୱୋତ୍ପତ୍ୟାଦି ହେତବେ...**

ପରମେଶ୍ୱର ପରମାତ୍ମା ଏକମାତ୍ର ସଂସାରର ନିୟନ୍ତ୍ରଣକାରୀ। ସମସ୍ତ ଜୀବ ତାଙ୍କ ଦ୍ୱାରା ନିୟନ୍ତ୍ରିତ। ଈଶ୍ୱର ହେଲେ ମୂଳ ପ୍ରକୃତି। ସେହିଥିରୁ ଜୀବଜଗତର ସୃଷ୍ଟି ଓ ଲୟ। ଈଶ୍ୱର ସର୍ବବ୍ୟାପକ, ସେ କାହାକୁ ଦେଖାଯାଆନ୍ତି ନାହିଁ। ଦୁଧର ପ୍ରତ୍ୟେକ ଅଣୁରେ ଲହୁଣୀ ଅଛି। ଆମେ ଦେଖିପାରୁନାହୁଁ। ଈଶ୍ୱର ଅନୁଭବର ସତ୍ତା। ଜଗତର ଯେତେ ସବୁ ସ୍ୱରୂପ ଦେଖାଯାଏ ସବୁ କିଛି ଈଶ୍ୱରଙ୍କ ସ୍ୱରୂପ। ଅନେକ ରୂପ ରୂପାୟ ବିଷ୍ଣବେ ପ୍ରଭବିଷ୍ଣବେ... ମାଳାରେ ଅନେକ ଫୁଲ ଅଛି। କିନ୍ତୁ ସୂତା ଗୋଟିଏ।



# ।। ରାମ ନୁହେଁ ନୁହେଁ ଦିଅଁ ।।

ଶିବ ମିଶ୍ର

ରାମ ନୁହେଁ ନୁହେଁ ଦିଅଁ,
ରାମକୁ କାହିଁକି ମନ୍ଦିରରେ ତୁ
ବନ୍ଦୀ କରିଛୁ କହ ?
ରାମ ଯେ ଶ୍ୟାମଳ ଘନ ବନ ତଳ
ଲତାର ଲୋହିତ ଫୁଲ,
ରାମ ଯେ କୋମଳ ପବନ ଶୀତଳ
ଉତ୍‌ଫୁଲ୍ଲ ହିଲ୍ଲୋଳ ।
ରାମ ଅସୁମାରି ଅନନ୍ତ ଆକାଶ
ନୀଳିମାରେ ଭରା ସୁଅ,
ରାମ ନୁହେଁ ନୁହେଁ ଦିଅଁ ।
ରାମ ଏଇ ସାରା ଧରଣୀର ଧୂଳି
ଦେହରେ ହୋଇଛି ମାଖି,
ସୁନୀଳ ସାଗର ଲହର ଉପରେ
ବିଶାଳ ପାଦକୁ ରଖି,
ଆଲୁଅ ଆଣୁଛି ଡାକି ।
ରାମ ଆଉ କେହି ନୁହଁ,
ରାମ ତୋ'ର ମନ ବିବେକ ହୃଦୟ
ରାମ ହିଁ ତୋ' ପରିଚୟ ।
ରାମକୁ କାହିଁକି ମନ୍ଦିରରେ ତୁ
ବନ୍ଦୀ କରିଛୁ କହ ?
ରାମ ନୁହେଁ ନୁହେଁ ଦିଅଁ ।

ବାଣପୁର, ଖୋରଧା
ମୋ-୯୮୫୩୦୭୦୦୧୮

**ମୟି ସର୍ବମିଦଂ ପ୍ରୋକ୍ତଂସୂତ୍ରେ ମଣିଗଣାଇବ**

ଈଶ୍ୱର ବିଭିନ୍ନ ଅବତାରରେ ବିଭିନ୍ନ ରୂପ ଧାରଣ କରନ୍ତି । ଏକମ୍ ସଦ୍ ବିପ୍ରା ବହୁଧା ବଦନ୍ତି... ଭଗବାନ୍ ପ୍ରାଣୀ ମାନଙ୍କର ଆଧାର । ତାଙ୍କଠାରୁ ସମସ୍ତ ଜୀବ ଜଗତ ଉତ୍ପତ୍ତି । ଅତଏବ ସେ ହିଁ ସମସ୍ତଙ୍କର ବୀଜ । ମହାନ୍ କାରଣ ।

**ବୀଜଂ ମାଂ ସର୍ବ ଭୂତାନାଂବିଦ୍ଧି ପାର୍ଥ ସନାତନମ୍...**

ହେ ଅର୍ଜୁନ ! ତୁମେ ମୋତେ ସମସ୍ତ ଭୂତ ଅର୍ଥାତ୍ ପ୍ରାଣୀ ମାନଙ୍କର ସନାତନ ବୀଜ ବୋଲି ଜାଣ । ଭଗବାନ୍ ପୁନଶ୍ଚ ଗୀତାର ନବମ ଅଧ୍ୟାୟରେ କହିଛନ୍ତି... ମୁଁ ପରମ ଧାମ, ସମସ୍ତଙ୍କର ଭରଣ ପୋଷଣ କର୍ତ୍ତା, ସ୍ୱାମୀ, ସକଳ କର୍ମର ସାକ୍ଷୀ, ସମସ୍ତଙ୍କର ନିବାସ, ଶରଣ ରକ୍ଷାକାରୀ, ବନ୍ଧୁ, ଉତ୍ପତ୍ତି, ପ୍ରଳୟର ନିୟନ୍ତା, ଶୁଭାଶୁଭ ଦ୍ରଷ୍ଟା ହିତକାରୀ । ଅନନ୍ତ ବ୍ରହ୍ମାଣ୍ଡ ରେ ମୋର ଅନନ୍ତ ବିଭୁତି ଅଛି । ତାହାର ଅନ୍ତ ପାଇବା କଷ୍ଟ । ଈଶ୍ୱର ଜଳ ରୂପରେ ଗଙ୍ଗାପ୍ରଭୃତି ନଦୀମାନଙ୍କରେ ପ୍ରବାହିତ ହୁଅନ୍ତି । ଭକ୍ତ, ସାଧୁ, ସନ୍ଥମାନଙ୍କୁ ରକ୍ଷା କରିବା ପାଇଁ ଅବତାର ଗ୍ରହଣ କରନ୍ତି । ଗୀତା, ଭାଗବତ, ରାମାୟଣ, ବେଦୋପନିଷଦ୍ ଶାସ୍ତ୍ର ରୂପକୁ ଧାରଣ କରନ୍ତି । ଦ୍ରୌପଦୀଙ୍କ ପାଇଁ ବସ୍ତ୍ରାବତାର ଧରି ଥା'ନ୍ତି । ଚତୁର୍ବିଧ ଅନ୍ନକୁ ପାଚନ କରିବା ପାଇଁ ଅଗ୍ନି ରୂପ ଧାରଣ କରନ୍ତି ।

**ଅହଂ ବୈଶ୍ୱାନରୋ ଭୁତ୍ୱାପ୍ରାଣୀନାଂ ଦେହମାଶ୍ରିତଃ**
**ପ୍ରାଣାପାନ ସମାୟୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ ।**

ଯେଉଁ ଭକ୍ତମାନେ ପରମାତ୍ମାଙ୍କ ସାନ୍ନିଧ ଲାଭ କରିବାକୁ, ସଂସାର ମଧ୍ୟରୁ ମୁକ୍ତି ପାଇବାକୁ ଇଚ୍ଛା, ସେମାନଙ୍କର କୌଣସି ବସ୍ତୁରେ ତିଳେ ମାତ୍ର ଆସକ୍ତି ରହେ ନାହିଁ । ଯେଉଁ ବ୍ୟକ୍ତି ନିଜକୁ ତୃଣ ଅପେକ୍ଷା ଅଧିକ ନୀଚ ମନେ କରେ, ବୃକ୍ଷଠାରୁ ଅଧିକ ସହିଷ୍ଣୁ ଭାବ ପ୍ରଦର୍ଶନ କରେ ଏବଂ କଦାପି ସମ୍ମାନ ଦାବି କରେ ନାହିଁ, ବରଂ ଅନ୍ୟକୁ ସମ୍ମାନ ପ୍ରଦାନ କରିଥାଏ, ସେ ହିଁ ଭଗବାନଙ୍କ ଦିବ୍ୟ ନାମକୁ ସର୍ବଦା ସର୍ବତ୍ର ଉଚ୍ଚାରଣ କରିବାରେ ସମର୍ଥ ହୋଇଥାଏ । ସେହି ଭକ୍ତ ହିଁ ଭଗବାନଙ୍କ ଅତି ପ୍ରିୟ ।

ଦୂରଭାଷ -୭୮୪୮୮୮୪୬୦୬



ଆଳାପ ଆଲୋଚନା ବେଳେ ନୀରବତା ତଥା ନମ୍ରତା ହେଉଁଛି ତୁମର ଭୂଷଣ ।

# ବିଷର୍ଣ୍ଣ ଶୈଶବ

ଶ୍ରୀ ନୀଳକଣ୍ଠ ତ୍ରିପାଠୀ



(ବାବୁ ସକାଳୁ ଚା’ କପ୍‌ଟେ ଧରି ପେପର ପଢ଼ିବାରେ ମଜ୍ଜିଯାଇଛନ୍ତି (ଡ୍ରଇଁ ରୁମ୍‌ରେ)। ଘର ଭିତରୁ ବାବୁଙ୍କ ସ୍ତ୍ରୀ ତରତରରେ ଡ୍ରଇଁ ରୁମ୍‌କୁ ପଶି ଆସି - )

ସ୍ତ୍ରୀ - ଆହେ ଶୁଣୁଛ, ଏ ଘରେ ଆଉ କାମ କରିହେବ ନାହିଁ। ସକାଳୁ ପିଲାଙ୍କର ଜଳଖିଆ ବାକ୍ସ ସାଙ୍ଗକୁ, ବହିପତ୍ର ସଜଡ଼ା ସହିତ ବାବୁଙ୍କ ପାଇଁ ରୋଷେଇ, ପୁଣି ବାବୁଙ୍କର ୧୦ଟାକୁ ଅଫିସ୍ ଯିବା..... ମୁଁ ଆଉ ପାରିବିନି, ତୁମେ କାହାକୁ ଆଣି ଘରେ ରଖ।

ବାବୁ - ସକାଳଟାରୁ କାହିଁକି ଏପରି ପାଟି କରୁଛ ?

ସ୍ତ୍ରୀ - ମୁଁ ପାଟି କରୁଛି.....ପାଟି କରୁଛି !

ବାବୁ - (ନରମ ଗଳାରେ) କ’ଣ ହୋଇଛି ? ଯାଅ ଯାଅ, ଆଜି ୯.୩୦ ରେ ଅଫିସ୍ ଯିବାକୁ ଅଛି।

ସ୍ତ୍ରୀ - କ’ଣ ୯ଟା ୩୦ ? ମୁଁ ପାରିବିନି। ଗୋଟେ ଚାକର ରଖିଦିଅ, ସେ ତୁମକୁ ୯ଟାକୁ ଖାଇବାକୁ ଦେବ। ତୁମେ ଖାଇ ଅଫିସ୍ ଚାଲିଯିବ।

ବାବୁ - ହଉ ହେଲା ଯେ, ଆଜି ଯିବାର ବନ୍ଦୋବସ୍ତ କରିଦିଅ, କାଲି ଦେଖିବା।

ସ୍ତ୍ରୀ - (ରାଗରେ ଗରଗର ହୋଇ ଚାଲିଗଲେ)

(ବାବୁ ଅଫିସ୍ ଚାଲିଗଲେ। ତାଙ୍କ ମନରେ ଚାକର ପିଲା ରଖିବା କଥା ଘୂରି ବୁଲୁଥାଏ। ହରିବାବୁଙ୍କ ସହିତ ଦେଖା ହୋଇଗଲା।)

ବାବୁ - ନମସ୍କାର। ବୁଝିଲେ ହରିବାବୁ, ଆଉ ଅଫିସ୍ ଟାଇମ୍‌ରେ ଆସି ହେବନି।

ହରି - କ’ଣ ହେଲା, ଟାଇମ୍‌ରେ ଆସିହେବନି ?

ବାବୁ - ଗୃହିଣୀଙ୍କର ଯେଉଁ ରାଗ। ଆମକୁ ୯ଟା ବେଳକୁ କିଏ ରୋଷେଇ କରିକି ଦେବ ଯେ, ୧୦ଟାରେ ଅଫିସ୍ ପହଞ୍ଚି ହେବ। (ନରମ କଣ୍ଠରେ କହିଲେ) ବୁଝିଲ ହରିବାବୁ, ଯଦି ୧୦/୧୨ ବର୍ଷର ପିଲା ମିଳିଯାଆନ୍ତା, ସ୍ତ୍ରୀଙ୍କର ରୋଷେଇରେ ତ୍ରାହି ମିଳନ୍ତା। ଆମ ଘରପାଇଁ ପିଲାଟିଏ ଦେଖିବ। କିନ୍ତୁ, ବେଶି ପଇସା ଦେଇ ହେବନାହିଁ। ଦେଖନ୍ତୁ।

ହରି - ସେ କଥା କହୁନାହାନ୍ତି। ଏକଥା ପାଇଁ ଏତେ ବ୍ୟସ୍ତ। ଆମ ଗାଁର ଯେଉଁ ଗୋପାଳ ବେହେରା ଅଛି, ତା’ର ୩/୪ଟା ପୁଅ। ଗଲା ବାତ୍ୟାରେ ତା’ର ସବୁ ଯାଇଛି। ପିଲାଗୁଡ଼ାକୁ ପାଠସାଠ ପଢ଼େଇ ପାରିଲାନାହିଁ। ତା’ର ପୁଅ ଜଗୁ କାଲି ଚାଲିଆସିବ। ସେ ଦାୟିତ୍ୱ ମୋ’ର। ମୁଁ ତା’କୁ ଘରେ ପହଞ୍ଚେଇଦେବି। ଯାଉଛି...ମୋ’ର କେତେ କାମ ବାକି ଅଛି। (ଉଭୟେ ଚାଲିଗଲେ)

(୧୦/୧୨ ବୟସର ଜଗୁ, ଅପରିଷ୍କାର ପ୍ୟାଣ୍ଟ ଓ ଗଞ୍ଜି ପିନ୍ଧିଛି, ଘର ଝାଡୁ କରୁଛି। ଏ ସମୟରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଚା’ ପିଉଛନ୍ତି। ବାବୁଙ୍କର ସାଙ୍ଗ ଦାମବାବୁ, ଜଣେ ଓକିଲ, ସମାଜସେବୀ ଓ ଏକ ଏନ୍.ଜି.ଓର ଡାଇରେକ୍ଟର୍ ଆସି ପହଞ୍ଚିଲେ।)

ଦାମବାବୁ - କ’ଣ ଆଜି ୨ଜଣ ବସି ଖୁସିରେ ଚା ପାନକରୁଛ। ଭାଉଜଙ୍କର ପାଟି ଶୁଭୁନି।

ସ୍ତ୍ରୀ - ବୁଝିଲେ ଦାମବାବୁ, ଆମର ଗୋଟିଏ ଚାକର ପିଲା ଆସିଛି, ସବୁକାମ କରୁଛି। ଘର ଝାଡୁ କରିବାଠାରୁ ବାସନ ମାଜିବା, ରୋଷେଇ କରିବା, ପିଲାଙ୍କୁ ସ୍କୁଲ ଛାଡ଼ିବା, ହାଟ କରିବା ଇତ୍ୟାଦି। ମାସକୁ ମୋଟେ ୬୦ଟଙ୍କା ନେଉଛି। ଘରେ ଦି’ଟା ଖାଉଛି। ବେଶି ପାଉନାହିଁ ମ।

ଦାମବାବୁ - କ’ଣ ହେଲା ୧୦/୧୨ ବର୍ଷର ପିଲା। ତା’ର ବର୍ତ୍ତମାନ ଖେଳିବା, ପାଠ ପଢ଼ିବା କଥା। ତା’କୁ ଆପଣ ଏତେ କାମ କରାଉଛନ୍ତି। ମୋଟେ ୬୦ ଟଙ୍କାରେ, ମାସ ଯାକ ! ବୁଝିଲ ଭାଉଜ, ବାବୁ ତୁମର ଜେଲ ହାଜତକୁ ଚାଲିଯିବେ। ଜାଣିନ କି, ସରକାର ନିୟମ କରିଛନ୍ତି ସବୁ ପିଲା ୧୪ବର୍ଷ ପର୍ଯ୍ୟନ୍ତ ପାଠପଢ଼ିବେ। ଛୋଟ ପିଲାକୁ ଚାକର ବାକର କାମରେ ରଖିଲେ, ଏଇଟା ତାଙ୍କ ପାଇଁ ନିର୍ଯ୍ୟାତନା। ଆଇନ ଅନୁସାରେ ଦଣ୍ଡନୀୟ ଅପରାଧ, ବୁଝିଲ। ଜେଲ ଯିବା ପାଇଁ ପ୍ରସ୍ତୁତ ହେଇଯାଅ।

ବାବୁ - (ସ୍ତ୍ରୀଙ୍କ ଆଡ଼କୁ ଅନାଇ) ଏଥର ପ୍ରସ୍ତୁତ ରୁହ, ଯିବା।

ସ୍ତ୍ରୀ - କୁଆଡ଼େ ?

ବାବୁ - ଦାମବାବୁ କ’ଣ କହିଲେ ଶୁଣିପାରିଲନି କି, ଜେଲ... ଜେଲ.....।

ସ୍ତ୍ରୀ - ନାହିଁ ବାବା ନାହିଁ। ସେସବୁ କୁହ ନାହିଁ। ମୁଁ ନିଜ କାମ ନିଜେ କରିବି। (କୋମଳ ସ୍ୱରରେ କହିଲେ) ଏ ଜଗୁ, ବାବା ଜଗୁ, ବାବା ଆସିଲୁ।

ଦାମବାବୁ - (ଜଣେ ପୋଖତ ଆଡ଼ଭୋକେଟ ଭଳି କହିବାକୁ ଲାଗିଲେ) ଶୁଣ ଭାଉଜ, ଚାଇଲଡ୍ ଲେବର୍ (ପ୍ରୋହିବିସନ୍ ସବଂ ରେଗୁଲେସନ୍) ଧାରା-୧୯୮୬କୁ ସଂଶୋଧନ କରି ଏହାକୁ ତା୧୦/୧୦/୨୦୦୬ରିଖରୁ ସରକାର ଲାଗୁ କରିଛନ୍ତି। ଆଗରୁ ବିପଦସଙ୍କୁଳ ପରିବେଶରେ ଛୋଟ ପିଲାମାନଙ୍କୁ ନିୟୋଜିତ କରିବା ଉପରେ ସରକାର ନିଷେଧ କରିଥିଲେ। କିନ୍ତୁ ବର୍ତ୍ତମାନ ଘରୋଇ ଚାକର ଓ ହୋଟେଲ ବୟ ଭାବେ କାମ କରାଇଲେ, ଏହା ଆଇନ ଅନୁସାରେ ଦଣ୍ଡନୀୟ।

(ଉଭୟ ସ୍ୱାମୀ ଓ ସ୍ତ୍ରୀ ବିଚାର ବିମର୍ଶ କରି ଜଗୁକୁ ସକାଳୁ ନୂଆ ଜାମାପଟା ପିନ୍ଧାଇ ହାତଧରି ସ୍କୁଲକୁ ନେଇଯାଉଛନ୍ତି)

ବାବୁ - (ସ୍ତ୍ରୀକୁ ଲକ୍ଷ୍ୟକରି) ବୁଝିଲ, ପିଲାଟିଏ ଭଗବାନଙ୍କର ଦତ୍ତ ସଂପତି, ଫୁଲ ସଦୃଶ। ତାକୁ କଢ଼ ଅବସ୍ଥାରେ ନଷ୍ଟ ନକରି ଫୁଟିବାକୁ ଦେବା ହେଉଛି ସବୁଠାରୁ ମଣିଷପଣିଆର କାମ।

ସ୍ତ୍ରୀ - ତୁମେ ଭଲ କଥାଟିଏ କହିଲ। ମୁଁ କ’ଣ ଆଗରୁ ଏତେ ଆଇନ୍‌କାନୁନ୍ କଥା ଜାଣିଥିଲି ! ଏବେ ଆମେ ଗୋଟିଏ କାମ କରିବା, ଜଗୁର ସମସ୍ତ ଖର୍ଚ୍ଚ ବହନ କରିବା, ଆମର କିଛି ଅସୁବିଧା ନାହିଁ। କିନ୍ତୁ ପିଲାଟି ତା’ର ବାପା, ମା’ଙ୍କ ପାଖରେ ରହିଲେ ତା’ର ବୁଦ୍ଧି ବୃତ୍ତି ଭଲଭାବରେ ଅଧିକ ହେବ। ଆଉ ଆମ ଜଗୁ ନିଶ୍ଚେ ଜଣେ ଭଲମଣିଷ ହେବ।

(ଉଭୟେ ଜଗୁକୁ ସ୍କୁଲରେ ଛାଡ଼ିଆସିଲେ)

ଦାମବାବୁ - ଯାହାହେଉ, ବୁଝିଲେ, ଆଉ ଭାଉଜ ଗୋଟେ ଉଦାହରଣ ସୃଷ୍ଟିକଲେ।



ଆନନ୍ଦରେ ଥିବା ଲୋକ ଠାରୁ ଦୁଃଖରେ ଥିବା ଲୋକ ଅଧିକ ଶକ୍ତିଶାଳୀ।

# ଆମେ ହିଁ ସେହି ନାରୀ : ସେ କାଳ ଏ କାଳ ଧରି

ଡକ୍ଟର ସୁଷମା ମିଶ୍ର



ଆମେ ହିଁ ସେଇ ନାରୀ
ଯେଉଁମାନେ ବଢ଼ି ଆସିଲୁ ଗଢ଼ି ଆସୁଥିବା ପରମ୍ପରାରେ
ଆମେ ହିଁ ସେଇ ନାରୀ
ଯେଉଁମାନେ ଚଢ଼ିବାକୁ ଆରମ୍ଭିଲୁ
ସମୟ ଗଢ଼ି ଦେଉଥିବା
ପରିବର୍ତ୍ତନର ନୂଆ ପାହାଚରେ ।

ଆମରି ଜୀବନକାଳରେ ଆମେ ମିଁ ଚିଁ ନକରି
ସେ ଯୁଗରେ ଚଳି ଆସିଲୁ
ପୁଣି ଏ ଯୁଗରେ ପାଟି ନଖୋଲି
ପାରୁ ପର୍ଯ୍ୟନ୍ତ ନିଜକୁ ଚଳେଇଲୁ
କର୍ତ୍ତବ୍ୟର କରତରେ ଚିରି ହେଇଗଲେବି
ଆମେ କରିଥିଲୁ ବୋହୂ ପଣିଆ ଶାଶୂଙ୍କ ପାଖରେ
ଏବେ ଆମେ ଜନ୍ମ କଲା ମା'ଠୁ ଅଧିକ ହୋଇ
ସେବାରତ ବୋହୂଙ୍କ ମନ ଧରିବାରେ ।
ଆମ ପାଇଁ ପତି ହେଲେ ଇହପରକାଳର ଦେବତା
ଯେତେ ଝଡ଼ଝଞ୍ଜା ଆସୁ ପଛେ
ଶାଶୂ ଘର ଆମ ପାଇଁ ଗତି ମୁକ୍ତିର ଦ୍ୱାର ।
ଆମ ବୋହୂମାନେ ଆମ ପୁଅଙ୍କ ସମସ୍କନ୍ଧ ସାଙ୍ଗ
କେବେ ଯଦି ପବନ ଟିକେ ବୋହିଗଲା ଜୋରରେ
ତେବେ ଛାଡ଼ିଦେବେ ସଙ୍ଗ ।

ଟୋପେ ସିନ୍ଦୂର ଦୁଇପଟ ପାଣିକାଚ
ଆମ ଜୀବନ ସର୍ବସ୍ୱ
ସ୍ୱାମୀଙ୍କ ଆଗରେ ଅହ୍ୟ ଡେଙ୍ଗୁରା ବଜାଇ
ଚାଲିଯିବା ଆମର ଏକାନ୍ତ ଅଭିଳାଷ ।

ଆମ ବୋହୂମାନଙ୍କର ଲଙ୍ଗଳା ହାତ ଶୂନ୍ୟ କପାଳ
ଯୁଗର ଚାହିଦାରେ ଆଉ ନାହିଁ ସେ କାଳ ପଖାଳ ।
ଆମ ପାଇଁ ପରିଧାନ ଥିଲା ବାରହାତୀ ଶାଢୀ ଲଜ୍ଜାର ଭୂଷଣ
କ୍ୟାପ୍ରି, ୱାନପିସ୍‌ରେ ଆମ ବୋହୂଙ୍କ ଫେସନ ।
ଆମ ମାଟିର ପର୍ବପର୍ବାଣି ଦିଆନିଆ, ଖୋଜା ଲୋଡ଼ାରେ ଆମେ ତଲ୍ଲୀନ
ଆମ ବୋହୂମାନେ ବର୍ଷ ତମାମ ପାଶ୍ଚାତ୍ୟ ଡେ, ସବୁ କରନ୍ତି ପାଳନ ।

ଆଇ ଜେଜେ ମା'ଙ୍କ ଗପ ଗୀତ ଶୁଣି
ଆମ ପିଲେ ଶିଖୁଥିଲେ ମାତୃଭାଷା ଚିହ୍ନୁଥିଲେ ଆପଣା ମାଟିକୁ
ଉଚ୍ଚଶିକ୍ଷିତା ଆମ ବୋହୂମାନେ ଲୋଡନ୍ତି ନାହିଁ ଆମ ହେପାଜତ
ପିଲାଟି ଦିନରୁ ବ୍ୟବସ୍ଥା କରନ୍ତି କେତେ ପିଲା ତାଙ୍କ ଗ୍ଲୋବାଲ ହେବାକୁ ।
ଆମେ ପିଲାଙ୍କ ସ୍ୱନକ୍ଷେତ୍ରରେ ବନ୍ଦାଣ କରି
ଦୀପ ଜାଳୁ ଷଠିଦୁଶୀ ମା'ଙ୍କ ପାଖରେ
ଆମ ବୋହୂମାନେ ପିଲାଙ୍କୁ ଶିଖାନ୍ତି
ଜଳୁଥିବା ମହମବତୀ ଫୁଙ୍କି ଫୁଙ୍କି ଲିଭାଇ ଦେବାକୁ ।
ବାର୍ଥ୍ ଡେ ସେଲିବ୍ରେସନ୍‌ରେ ।

ସମୟ ସନ୍ଧିକ୍ଷଣ ଯାହା ଦେଲା ଯେତେବେଳେ
ଆମେ ଉଠେଇନୁ ସ୍ୱର
ଆମେ ନୀରବ ଦେଖଣାହାରୀ ବଦଳି ଯାଉଥିବା ଦୃଶ୍ୟର
ଆମେ ସେହି ନାରୀ ବୋହୂ ହୋଇ ସହିଗଲୁ ସେତେବେଳେ
ଶାଶୂଗିରି ପୁରୁଣା କାଳର
ଆମେ ସେହି ନାରୀ ଶାଶୂ ହେଇ ସମ୍ଭାଳିଲୁ ଏତେବେଳେ
ବୋହୂଙ୍କର ବୋହୂଗିରି ନୂଆ ଅମଳର

ଆମେ ହିଁ ସେହି ନାରୀ ସେ କାଳରେ ଥିଲୁ ତୁଠ ପଥର
ଆମେ ହିଁ ସେହି ନାରୀ ଏ କାଳରେ ହେଲୁ
ସୁଅ ମୁହଁରେ ପତର ।

ସ୍ପନ୍ଦନ, ଖଣ୍ଡଗିରି ଏନ୍‌କ୍ଲେଭ
ଭୁବନେଶ୍ୱର-୩୦



ଆଦୌ ନହେବା ଅପେକ୍ଷା ବରଂ ବିଳମ୍ବରେ ହେବା ଖୁବ ଭଲ ।

# ଚର୍ଚ୍ଚିତ ତାରକା ରୋହନ ବୋପାନ୍ନା



**ଆଶିଷ କୁମାର ରାୟ**



ରୋହନ ବୋପାନ୍ନା ଏବେ ଭାରତୀୟ କ୍ରୀଡ଼ାର ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ। କେବଳ ଭାରତ ନୁହେଁ, ବରଂ ସମଗ୍ର ଟେନିସ୍ ଜଗତ ଏବେ ତାଙ୍କ ପ୍ରଶଂସାରେ ଶତମୁଖୀ। ଟେନିସ୍ ଭଳି ଏକ କଷ୍ଟସାଧ୍ୟ ଖେଳରେ ଏବେ ସେ ଏକ ଅବିସ୍ମରଣୀୟ କୀର୍ତ୍ତିମାନର ଅଧିକାରୀ। ଗ୍ରାଣ୍ଡସ୍ଲାମ୍ ପ୍ରତିଯୋଗିତାରେ ସର୍ବାଧିକ ବୟସ୍କ ଚାମ୍ପିଆନ ହେବାର ଗୌରବ ଲାଭ କରିଛନ୍ତି ସେ। ଗତ ଜାନୁଆରୀ ମାସରେ ମେଲବୋର୍ନ୍‌ରେ ଖେଳାଯାଇଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟରେ ଡବଲ୍ସ ଚାମ୍ପିଆନ ହୋଇ ରୋହନ ବୋପାନ୍ନା ସ୍ଥାପନ କରିଛନ୍ତି ଦୁଇ ଦୁଇଟି କୀର୍ତ୍ତିମାନ। ପ୍ରଥମ କୀର୍ତ୍ତିମାନଟି ହେଲା ୪୩ ବର୍ଷ ବୟସରେ ନିଜର ଅଷ୍ଟ୍ରେଲୀୟ ଯୋଡ଼ିଦାର ମାଥ୍ୟୁ ଏବ୍‌ଡନ୍‌ଙ୍କ ସହିତ ମିଶି ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଡବଲ୍ସରେ ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିବା ଏବଂ ଦ୍ୱିତୀୟ କୀର୍ତ୍ତିମାନ ହେଲା ସର୍ବାଧିକ ବୟସରେ ବିଶ୍ୱ ଟେନିସ୍‌ର ଡବଲ୍ସ ମାନ୍ୟତା ତାଲିକାରେ ଏକ ନମ୍ବର ମାନ୍ୟତା ଲାଭ କରିବା।

୪ ମାର୍ଚ୍ଚ ୧୯୮୦ରେ ବାଙ୍ଗାଲୋରଠାରେ ଜନ୍ମଗ୍ରହଣ କରିଥିବା ରୋହନ ବୋପାନ୍ନା ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜଣେ ପେସାଦାର ଖେଳାଳି ଭାବେ ଟେନିସ୍ ଖେଳି ଆସୁଥିଲେ ହେଁ ତାଙ୍କ ସଫଳତାର ହିସାବ ଫର୍ଦ୍ଦ ଏତେଟା ଲମ୍ବା ନୁହେଁ। ସିଂଗଲ୍ସ ଖେଳରେ ସଫଳତା ସେଭଳି କିଛି ଖାସ ନୁହେଁ ଏବଂ ଯାହାକିଛି ସଫଳତା ତାହା ମିଳିଛି ଡବଲ୍ସରେ। ତେବେ ଗୋଟିଏ କଥା ସ୍ପଷ୍ଟ ଯେ ବୟସ ତାଙ୍କର ଯେତେ ବଢୁଛି ସେ ସେତେ ଅଭିଜ୍ଞ ହୋଇ ଉଠିଛନ୍ତି ଏବଂ ସେହି ଅନୁସାରେ ସଫଳତା ମଧ୍ୟ ମିଳିବାରେ ଲାଗିଛି। ଅଷ୍ଟ୍ରେଲିଆର ମାଥ୍ୟୁ ଏବ୍‌ଡନ୍‌ଙ୍କୁ ସାଥୀ କରି ରୋହନ ବୋପାନ୍ନା ୨୦୨୪ ଅଷ୍ଟ୍ରେଲିଆନ୍ ଓପନ୍‌ର କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନାର ଯୋଡ଼ି ମାକ୍ସିମୋ ଗୋଞ୍ଜାଲେଜ୍ ଓ ଆନ୍ଦ୍ରେସ୍ ମୋଲଟେନିଙ୍କୁ ତଥା ସେମିରେ ଚୀନର ଝିଆନ୍ ଝାଙ୍ଗ ଓ ଚେକ୍ ରିପବ୍ଲିକ୍‌ର ଟମାସ୍ ମାକାଚ୍‌ଙ୍କ ଯୋଡ଼ିକୁ ପରାସ୍ତ କରି ଆସିଥିଲେ ଫାଇନାଲକୁ। ଫାଇନାଲରେ ମୁକାବିଲା ଥିଲା ଇଟାଲୀର ଯୋଡ଼ି ସିମୋନ୍ ବୋଲେଲି ଓ ଆନ୍ଦ୍ରିଆ ଭାଭାସୋନିଙ୍କ ସହିତ। ଗତ ବର୍ଷର ୟୁ.ଏସ. ଓପନ୍ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ରୋହନ ଓ ମାଥ୍ୟୁଙ୍କ ଯୋଡ଼ି ପରାଜିତ ହୋଇ ରନର୍ସ୍ ଅପ୍ ହୋଇଥିବାରୁ ଏଥର ବିଜୟ ଲାଭ କରି ଚାମ୍ପିଆନ ହେବା ନିମନ୍ତେ ପାରୁପର୍ଯ୍ୟନ୍ତ ଚେଷ୍ଟା କଲେ ଏବଂ ଏହାର ସୁଫଳ ମଧ୍ୟ ମିଳିଲା। ୭-୬, ୭-୫ର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବିଜୟୀ ହୋଇ ମାଥ୍ୟୁ ଏବ୍‌ଡନ୍ ନିଜର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟେଲ୍ ହାସଲ କରିଥିବା ବେଳେ ରୋହନ ବୋପାନ୍ନା ହାସଲ କରିଥିଲେ ନିଜର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟେଲ୍।

ରୋହନ ବୋପାନ୍ନା ହାସଲ କରିଥିବା ଦୁଇଟି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ଶିରପା ମଧ୍ୟରୁ ଗୋଟିଏ ପୁରୁଷ ଡବଲ୍ସରେ ମିଳିଥିବା ବେଳେ ଅନ୍ୟଟି ମିଳିଛି ମିକ୍ସଡ ଡବଲ୍ସରେ। ପୂର୍ବରୁ ୨୦୧୭ରେ ସେ ଫ୍ରେଞ୍ଚ୍ ଓପନ୍ ମିକ୍ସଡ୍ ଡବଲ୍ସରେ ଚାମ୍ପିଆନ ହୋଇଥିଲେ, ଆଉ ଏବେ ୨୦୨୪ର ଅଷ୍ଟ୍ରେଲିଆନ୍ ଓପନ୍‌ର ପୁରୁଷ ଡବଲ୍ସରେ ଚାମ୍ପିଆନ୍ ହେବାର ଗୌରବ ଅର୍ଜନ କରିଛନ୍ତି। ରୋହନଙ୍କ ଏହି ସଫଳତା ଭାରତର ଅନ୍ୟ ଦୁଇ ଟେନିସ୍ ତାରକା ଲିଆଣ୍ଡର୍ ପେସ୍ ଓ ମହେଶ ଭୂପତିଙ୍କ ସଫଳତା ତୁଳନାରେ ବହୁତ କମ ହେଲେ ହେଁ ବର୍ତ୍ତମାନ ସମୟରେ ସେ ହେଉଛନ୍ତି ଭାରତର ସଫଳ ଖେଳାଳି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ରୋହନ ତାଙ୍କ ଜୀବନର ସମସ୍ତ ସ୍ମରଣୀୟ ସଫଳତା ୩୬ବର୍ଷ ବୟସ ପରେ ହିଁ ହାସଲ କରିଛନ୍ତି, ଯେଉଁ ବୟସରେ କି ଟେନିସ୍ ଖେଳାଳିମାନ ପ୍ରାୟତଃ ଅବସର ନେଇ ଯାଇଥାନ୍ତି।

୨୦୧୭ରେ ୩୭ବର୍ଷ ବୟସରେ ରୋହନ କାନାଡ଼ାର ଗାବ୍ରିଏଲା ଡବ୍ରୋୱସ୍କିଙ୍କ ସହିତ ଜିଣିଥିଲେ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ମିକ୍ସଡ ଡବଲ୍ସ ଟାଇଟେଲ୍। ଏହାପରେ ୨୦୧୮ର ଅଷ୍ଟ୍ରେଲିଆନ୍ ଓପନ୍‌ରେ ହଙ୍ଗେରୀର ଟିମିଆ ବାବୋସ୍‌ଙ୍କ ସହିତ ମିକ୍ସଡ୍ ଡବଲ୍ସ ଫାଇନାଲରେ ପ୍ରବେଶ କରି ଉପବିଜେତା ହୋଇଥିଲେ। ସେହିଭଳି ମିକ୍ସଡ୍ ଡବଲ୍ସରେ ଗତ ବର୍ଷ ମଧ୍ୟ ରୋହନ ବୋପାନ୍ନାଙ୍କୁ ମିଳିଥିଲା ଉଲ୍ଲେଖନୀୟ ସଫଳତା। ଭାରତର ଟେନିସ୍ ତାରକା ସାନିଆ ମିର୍ଜାଙ୍କୁ ନିଜର ଯୋଡ଼ିଦାର ବନାଇ ସେ ପହଁଚିଥିଲେ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ୍‌ରେ। ତେବେ ବ୍ରାଜିଲ୍‌ର ଯୋଡ଼ିଠାରୁ ପରାଜିତ ହେବା ଯୋଗୁଁ ତାଙ୍କୁ ପୁନର୍ବାର ଉପବିଜେତା ଭାବେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ସାନିଆ ମିର୍ଜାଙ୍କ ସହିତ ରୋହନ ୨୦୧୬ ରିଓ

ଅଲିମ୍ପିକ୍‌ରେ ମିକ୍ସଡ୍ ଡବଲ୍ସ ମଧ୍ୟ ଖେଳିଥିଲେ, କିନ୍ତୁ ସେମି ଫାଇନାଲ୍ ତଥା ପ୍ଲେ-ଅଫ୍ ମୁକାବିଲାରେ ପରାଜିତ ହୋଇ ଅଳ୍ପେକେ ବ୍ରୋଞ୍ଜପଦକ ହାତଛଡ଼ା କରିବା ଥିଲା ଅତ୍ୟନ୍ତ ଦୁଃଖଦାୟକ। ତେବେ ସେପ୍ଟେମ୍ବର ୨୦୨୩ରେ ଚୀନର ହାଙ୍ଗଝାଉଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଋତୁଜା ଭୋଁସଲେଙ୍କ ସହିତ ମିଶି ସ୍ୱର୍ଣ୍ଣପଦକ ହାସଲ କରିବା ରୋହନଙ୍କ ଆଉ ଏକ ଉଲ୍ଲେଖନୀୟ ସଫଳତା ନିଶ୍ଚୟ।

ଏ ତ ଗଲା ମିକ୍ସଡ୍ ଡବଲ୍ସର୍ କଥା। ପୁରୁଷ ଡବଲ୍ସରେ ରୋହନଙ୍କୁ ମିଳିଥିବା ସଫଳତା ମଧ୍ୟ ଅତ୍ୟନ୍ତ ଉତ୍ସାହଜନକ। ୨୦୧୦ରେ ପାକିସ୍ତାନର ଐସାମ-ଉଲ୍ ହକ୍ କ୍ୟୁରେଶିଙ୍କ ସହିତ ମିଶି ପ୍ରଥମଥର ସକାଶେ କୌଣସି ଗ୍ରାଣ୍ଡସ୍ଲାମ୍ ପ୍ରତିଯୋଗିତାର ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ। ସେହିବର୍ଷ ୟୁ.ଏସ୍.ଓପନ୍ ଫାଇନାଲ୍‌ରେ ସେସମୟର ଏକନମ୍ବର ଯୋଡ଼ି ଯୁକ୍ତରାଷ୍ଟ୍ର ଆମେରିକାର ବବ୍ ବ୍ରାୟାନ୍ ଓ ମାଇକ୍ ବ୍ରାୟାନ୍ ଭାତୃଦ୍ୱୟଙ୍କ ବିରୁଦ୍ଧରେ କଡ଼ା ସଂଘର୍ଷ କରି ପରାଜିତ ହୋଇଥିଲେ। ତେବେ ଏହି ଭାରତ-ପାକ୍ ଯୋଡ଼ି ପରବର୍ତ୍ତୀ ବର୍ଷ ପ୍ୟାରିସ୍ ମାଷ୍ଟର୍ସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଆନ୍ ହୋଇଥିଲା। ଏହାପରେ ମହେଶ ଭୂପତିଙ୍କ ସହିତ ରୋହନଙ୍କ ଯୋଡ଼ିକୁ ମଧ୍ୟ ମିଳିଥିଲା ବେଶ୍ କେତୋଟି ସଫଳତା। ଏହି ଯୋଡ଼ି ୨୦୧୨ ଓ ୨୦୧୩ରେ ତିନିଟି ମାଷ୍ଟର୍ସ୍ ଟୁର୍ଣ୍ଣାମେଣ୍ଟରେ ରନର୍ସ୍ ଅପ୍ ହେବା ସହିତ ପ୍ୟାରିସ୍ ମାଷ୍ଟର୍ସ୍‌ରେ ଚାମ୍ପିଆନ୍ ହୋଇଥିଲା। ବର୍ଷ ଶେଷରେ ଅନୁଷ୍ଠିତ ହେଉଥିବା ଏ.ଟି.ପି. ଫାଇନାଲ୍ସରେ ମଧ୍ୟ ରୋହନ ଓ ମହେଶଙ୍କ ଯୋଡ଼ି ୨୦୧୨ରେ ରନର୍ସ୍ ଅପ୍ ହୋଇଥିଲା। ମହେଶ ଭୂପତି ଅନ୍ୟ ଖେଳାଳିଙ୍କ ସହିତ ଯୋଡ଼ି ବନାଇବାରୁ ରୋହନ ବିଭିନ୍ନ ସମୟରେ ନିଜ ଯୋଡ଼ିଦାର ଭାବେ ବାଛିଥିଲେ ରୁମାନିଆର ଫ୍ଲୋରିନ୍ ମର୍ଜିଆ, ଉରୁଗୁଏର ପାବ୍ଲୋ କ୍ୱେଭାସ୍ ତଥା କ୍ରୋଏସିଆର ଇଭାନ୍ ଡୋଡିଗଙ୍କୁ। ଏମାନଙ୍କୁ କିଛିଟା ସଫଳତା ମିଳିଥିଲେ ହେଁ ୨୦୧୮ରୁ ପ୍ରାୟ ପାଞ୍ଚବର୍ଷ ଧରି ରୋହନ କୌଣସି ପ୍ରତିଯୋଗିତାର ଫାଇନାଲରେ ପହଁଚିବାରେ ସମର୍ଥ ହେଲେ ନାହିଁ।

ଇତିମଧ୍ୟରେ ୨୦୧୮ରେ କେବଳ ଜାକର୍ତ୍ତା ଓ ପାଲେମବାଙ୍ଗରେ ଆୟୋଜିତ ଏସୀୟ କ୍ରୀଡ଼ାରେ ଡିଭିଜ୍ ଶରଣଙ୍କ ସହିତ ଡବଲ୍ସର ସ୍ୱର୍ଣ୍ଣ ଜିତିବା ଥିଲା କିଛିଟା ଆଶ୍ୱାସନାର ବିଷୟ। ତେବେ ମାଥ୍ୟୁ ଏବ୍‌ଡନ୍‌ଙ୍କୁ ସହିତ ଯୋଡ଼ି ବନାଇବା ପରେ ୨୦୨୩ରୁ ରୋହନ ବୋପାନ୍ନାଙ୍କୁ ମିଳିଛି ନିଜ ଜୀବନର ସର୍ବଶ୍ରେଷ୍ଠ ସଫଳତା। ଏହି ଭାରତ-ଅଷ୍ଟ୍ରେଲୀୟ ଯୋଡ଼ି ଗତବର୍ଷ ଯୁକ୍ତରାଷ୍ଟ୍ର ଆମେରିକାର ଇଣ୍ଡିଆନ୍ ୱେଲ୍ସ ମାଷ୍ଟର୍ସ୍ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହେବା ସହିତ ମାଦ୍ରିଦ୍, ସାଂଘାଇ ଓ ପ୍ୟାରିସରେ ଅନୁଷ୍ଠିତ ମାଷ୍ଟର୍ସ୍ ପ୍ରତିଯୋଗିତାରେ ଉପବିଜେତା ହୋଇଥିଲେ। ଏତଦ୍‌ବ୍ୟତୀତ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ୍ ୟୁ.ଏସ.ଓପନ୍‌ର ଫାଇନାଲରେ ମଧ୍ୟ ପ୍ରବେଶ କରି ରନର୍ସ୍ ଅପ୍ ହୋଇଥିଲେ। ଆଉ ଏବେ ଏମାନେ ହାସଲ କରିଛନ୍ତି ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟେଲ୍, ଯାହାକି ରୋହନ ବୋପାନ୍ନାଙ୍କ ପାଇଁ ସର୍ବାଧିକ ବୟସ୍କ ଗ୍ରାଣ୍ଡସ୍ଲାମ୍ ଚାମ୍ପିଆନ୍ ତଥା ଡବଲ୍ସରେ ସର୍ବାଧିକ ବୟସ୍କ ଶୀର୍ଷ ମାନ୍ୟତା ପ୍ରାପ୍ତ ତାରକା ହେବାର ଦୋହରା ସଫଳତା ଆଣିଦେଇଛି।

ମୋ-୯୪୩୭୬୨୭୫୧୪

## କାଶତଣ୍ଡୀ

ନାରାୟଣ ଦାସ



ମହେନ୍ଦ୍ର ତନୟା
ନଦୀତଟେ ବସି
ଭାବନାରେ ନିମଜ୍ଜିତ
ରୂପକାନ୍ତି ଶୋଭା
ନୀଳ ଜଳରାଶି
ଦେଖିହୁଏ ଅଭିଭୂତ (୧)
ଘଞ୍ଚ ବନାନୀର
ଆଦିବାସୀ ପଡ଼ା
ଅଦୂରରେ ଦେଖାଯାଏ
ନଦୀପଠାଠାରୁ
ପଡା ଗାଆଁଯାଏ
କାଶବନ ଲମ୍ବିଥାଏ (୨)
ଦୃଶ୍ୟପଥେ ଆସେ
ନୈସର୍ଗିକ ଶୋଭା
ହୃଦହୁଏ ଉଲ୍ଲସିତ
ପ୍ରକୃତି ପ୍ରେମୀର
ମଥା ନଇଁଯାଏ
କରୁଥାଏ ପ୍ରଣିପାତ (୩)
ବାଟ ଚାଲୁଚାଲୁ
ଥକିଯାଏ ପଦ
ଥକାମାରି ବସିଯାଏ
ଅପୂର୍ବ ଛଟାକୁ
ନେତ୍ରରେ ନିରେଖେ
ଦିନାନ୍ତ ସମୟ ଯାଏ (୪)
ପ୍ରକୃତି ଭରିଛି
ଅପରୂପ କାନ୍ତି
କିଏ ସେ ପାରିବ ଭୁଲି
ପଥଚାରି ହୁଡେ
ସୁଗମ ପଥକୁ
କାଶବଣେ ମନ ଖାଲି (୫)

ସମ୍ପାଦକ,
କୋଣାର୍କ ସାହିତ୍ୟ ସଂସଦ
ଦୂରଭାଷ-୯୪୩୮୦୪୯୫୪୧



ଆଳସ୍ୟ, ନିର୍ବୋଧତା ଓ ଅମିତବ୍ୟୟିତାରୁ ଯେଉଁ ଦାରିଦ୍ର୍ୟ ଜନ୍ମଲାଭ ନ କରେ, ସେ ଦାରିଦ୍ର୍ୟ ଅସମ୍ମାନଜନକ ନୁହେଁ।

# ଭୌଗୋଳିକ ସୂଚକ

ଭୌଗୋଳିକ ସୂଚକ ହେଉଛି ଏକ ପ୍ରତୀକ, ଯାହା ମୁଖ୍ୟତଃ ଏକ ଉତ୍ପାଦକୁ ଏହାର ଉତ୍ପତ୍ତି ଅଞ୍ଚଳ ସହିତ ସଂଯୋଗ କରିବାକୁ ଦିଆଯାଏ। ଏହା କେବଳ ସେହି ଉତ୍ପାଦଗୁଡିକୁ ଦିଆଯାଏ ଯାହାର ନିଜ ଅଞ୍ଚଳର ବିଶେଷତା ଅଛି, ଅର୍ଥାତ୍ ସେଗୁଡ଼ିକ କେବଳ ସେହି ଅଞ୍ଚଳରେ ଉତ୍ପାଦିତ କିମ୍ବା ତିଆରି କରାଯାଇଥାଏ। ଉତ୍ପାଦଟି ଉତ୍ପତ୍ତି ସ୍ଥାନର ସୁନାମ ଏବଂ ଗୁଣ ଧାରଣ କରିବା ଜରୁରୀ। ଏହା ସାଧାରଣତଃ ଗ୍ରାମାଞ୍ଚଳ, ପ୍ରାନ୍ତୀୟ ତଥା ଆଦିବାସୀ ସମ୍ପ୍ରଦାୟଦ୍ୱାରା ଉତ୍ପାଦିତ ଉତ୍ପାଦ ଉପରେ ପଞ୍ଜୀକୃତ ହୋଇଛି ଯାହାକି ଏହାର କିଛି ଅନନ୍ୟ ଗୁଣ ହେତୁ ବିଶ୍ୱ ସ୍ତରରେ ବହୁ ସୁନାମ ଅର୍ଜନ କରିଛି। ଏହି ସୂଚକ ମାଧ୍ୟମରେ ଉତ୍ପାଦଗୁଡିକ ଆଇନଗତ ସୁରକ୍ଷା ପାଆନ୍ତି, ଯାହାର ଅର୍ଥ ସମାନ ନାମ ସହିତ ଅନ୍ୟ କୌଣସି ଉତ୍ପାଦକୁ ବଜାରକୁ ଅଣାଯାଇପାରିବ ନାହିଁ। ଏହା ସହିତ, ଏହି ସୂଚକ ମଧ୍ୟ ଏକ ଉତ୍ପାଦର ଭଲ ଗୁଣର ଏକ ମାପ ଅଟେ, ଯେଉଁ କାରଣରୁ ସେହି ଉତ୍ପାଦର ବଜାର ଦେଶ ତଥା ବିଦେଶରେ ସହଜରେ ମିଳିଥାଏ। ଏହା ଦ୍ୱାରା ଉତ୍ପାଦର ମୂଲ୍ୟ ଏବଂ ଏହା ସହିତ ଜଡିତ ଲୋକଙ୍କ ଗୁରୁତ୍ୱ ବଢ଼ିଥାଏ। ନକଲି ଉତ୍ପାଦକୁ ରୋକିବାରେ ସାହାଯ୍ୟ କରେ। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ମଧ୍ୟ ଏଥିରୁ ଆର୍ଥିକ ଲାଭ ପାଆନ୍ତି।

ଏକ ଉତ୍ପାଦ ପାଇଁ ଏହି ସୂଚକ ପାଇବାକୁ, ସର୍ବପ୍ରଥମେ ଆବେଦନ ପ୍ରକ୍ରିୟା ସଂପୂର୍ଣ୍ଣ କରିବାକୁ ହୁଏ। ବ୍ୟକ୍ତିଗତ ଉତ୍ପାଦକ କିମ୍ବା ସଂଗଠନ ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା 'କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ପେଟେଣ୍ଟସ୍, ଡିଜାଇନ୍ସ ଏବଂ ଟ୍ରେଡ୍ ମାର୍କ'କୁ ଆବେଦନ କରିଥା'ନ୍ତି। ପ୍ରମାଣ ଉପରେ ଆଧାର କରି, ସେହି ଉତ୍ପାଦର ଉପଯୁକ୍ତ ମାନକ ପରୀକ୍ଷା କରାଯାଏ। ଉତ୍ପାଦଟି ମାନକ ପୂରଣ କରିବା ମାତ୍ରେ ଭୌଗୋଳିକ ସୂଚକ ଦିଆଯାଏ। ଏହି ସୂଚକ କେବଳ ୧୦ ବର୍ଷ ପାଇଁ ଉପଲବ୍ଧ ହୁଏ ଏବଂ ତା'ପରେ ନବୀକରଣ କରାଯାଏ।

ଭୌଗୋଳିକ ସୂଚକର ସୁରକ୍ଷା ପାଇଁ ବିଶ୍ୱ ବୌଦ୍ଧିକ ଗୁଣଧର୍ମ ସଂଗଠନ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନ ଦ୍ୱାରା ଅନେକ ଆଇନ ଏବଂ ଚୁକ୍ତିନାମା ପ୍ରଣୟନ କରାଯାଇଛି। ଭାରତ, ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟ ହିସାବରେ ୧୫ ସେପଟ୍ଟେମ୍ବର ୧୯୯୯ରେ ପଞ୍ଜୀକରଣ ଏବଂ ସୁରକ୍ଷା ଆଇନ ଅନୁଯାୟୀ 'ଦ୍ରବ୍ୟର ଭୌଗୋଳିକ ସୂଚକ' କାର୍ଯ୍ୟକାରୀ କରିଥିଲା। ୨୦୦୩ରେ ଏହି ଆଇନ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେବା ପରେ ୨୦୦୪-୦୫ ମସିହାରେ ପଶ୍ଚିମବଙ୍ଗର ଦାର୍ଜିଲିଂ ଚା' ଭାରତରେ ପ୍ରଥମ ଉତ୍ପାଦ ଭାବରେ ପଞ୍ଜୀକରଣ ହୋଇଥିଲା।

ଭାରତ ବର୍ତ୍ତମାନ ସୁଦ୍ଧା ୩୬୦ ଭୌଗୋଳିକ ସୂଚକ ଉତ୍ପାଦ ପଞ୍ଜୀକରଣ କରିସାରିଛି। ଭାରତରେ କର୍ଣ୍ଣାଟକରେ ସର୍ବାଧିକ ୪୪ଟି ପଞ୍ଜୀକୃତ ଉତ୍ପାଦ ରହିଛି, ଦ୍ୱିତୀୟରେ ତାମିଲନାଡୁର ୪୦ଟି, ତୃତୀୟରେ ମହାରାଷ୍ଟ୍ରର ୩୧ଟି, ଚତୁର୍ଥରେ କେରଳର ୩୦ଟି, ପଞ୍ଚମରେ ଉତ୍ତର ପ୍ରଦେଶର ୨୫ଟି, ଷଷ୍ଠରେ ଓଡିଶା ଓ ପଶ୍ଚିମବଙ୍ଗର ୨୧ଟି ଲେଖାଏଁ, ସପ୍ତମରେ ଆନ୍ଧ୍ର ପ୍ରଦେଶର ୧୯ଟି, ଅଷ୍ଟମରେ ତେଲାଙ୍ଗାନାର ୧୬ଟି, ନବମରେ ଗୁଜରାତ ଓ ରାଜସ୍ଥାନର ୧୪ଟି ଲେଖାଏଁ, ଦଶମରେ ଆସାମର ୧୧ଟି ଏବଂ ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର ଓ ମଧ୍ୟ ପ୍ରଦେଶର ୧୦ଟି ଲେଖାଏଁ, ବିହାରର ୮ଟି, ଛତିଶଗଡ଼ ଓ ମିଜୋରମର ୬ଟି ଲେଖାଏଁ, ଅରୁଣାଚଳ ପ୍ରଦେଶ ଓ ମଣିପୁରର ୫ଟି ଲେଖାଏଁ, ନାଗାଲାଣ୍ଡର ୩ଟି, ଗୋଆ, ମେଘାଳୟ, ପୁଡୁଚେରୀ ଓ ଉତ୍ତରାଖଣ୍ଡର ୨ଟି ଲେଖାଏଁ, ଦିଲ୍ଲୀ, ହରିୟାଣା, ପଞ୍ଜାବ, ଝାଡଖଣ୍ଡ, ସିକ୍କିମ, ତ୍ରିପୁରା, ଦାଦ୍ରା, ନଗର ହାବେଲୀ, ଡାମନ ଓ ଡିଉର ଗୋଟିଏ ଲେଖାଏଁ ପଞ୍ଜିକୃତ ଉତ୍ପାଦ ରହିଛି।

## ସଦ୍ୟ ପଞ୍ଜୀକୃତ ହୋଇଥିବା ଓଡିଶାର ୭ଟି ଉତ୍ପାଦଗୁଡିକ

**୧. କପଡାଗଣ୍ଡା ଶାଳ:** ଓଡ଼ିଶାର ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ନିୟମଗିରି ପାହାଡରେ ବାସ କରୁଥିବା ବିଶେଷ ଦୁର୍ବଳ ଜନଜାତି ଗୋଷ୍ଠୀ ଡଙ୍ଗରିଆ କନ୍ଧ ଜନଜାତିର ମହିଳାମାନଙ୍କ ଦ୍ୱାରା ବୁଣାଯାଇଥିବା ଏହି ଶାଲ ସମୃଦ୍ଧ ଆଦିବାସୀ ଐତିହ୍ୟକୁ ପ୍ରତଫଳିତ କରୁଛି।

**୨. ଲାଞ୍ଜିଆ ସଉରା ଚିତ୍ରକଳା:** ଓଡ଼ିଶାର ରାୟଗଡା ଜିଲ୍ଲାରେ ବାସ କରୁଥିବା ସଉରା ସମ୍ପ୍ରଦାୟର ଜନଜାତିଙ୍କ ଦ୍ୱାରା ଘରର କାଦୁଅ କାନ୍ଥରେ ଚିତ୍ରିତ ଚିତ୍ରକଳା ସେମାନଙ୍କ ସଂସ୍କୃତିର ପରିଚୟ ଅଟେ।

**୩. କୋରାପୁଟ କଳା ଜିରା ଚାଉଳ:** ଓଡିଶାର କୋରାପୁଟ ଜିଲ୍ଲାର ଆଦିବାସୀ କୃଷକମାନଙ୍କ ଦ୍ୱାରା ପ୍ରାୟ ୧୦୦୦ ବର୍ଷ ଧରି ସରଂକ୍ଷିତ କଳା ରଙ୍ଗର ଚାଉଳ କିସମ, ଯାହାକୁ 'ପ୍ରିନ୍ସ ଅଫ୍ ରାଇସ୍' ମଧ୍ୟ କୁହାଯାଏ, ଏହାର ସୁଗନ୍ଧ, ସ୍ୱାଦ, ଗଠନ ଅନନ୍ୟ ଏବଂ ପୁଷ୍ଟିକର ଗୁଣ ପାଇଁ ପ୍ରସିଦ୍ଧ।

**୪. ଶିମିଳିପାଳ କାଇ ଚଟଣି (ଜାନୁୟାରୀ ୨, ୨୦୨୪):** ଓଡିଶାର ମୟୂରଭଞ୍ଜ ଜିଲ୍ଲାରେ ଥିବା ଶିମିଳିପାଳ ଜଙ୍ଗଲରେ ମିଳୁଥିବା କାଇ (ଲାଲ୍ ବୁଣାକାର ପିମ୍ପୁଡ଼ି)ଗୁଡିକୁ ବ୍ୟବହାର କରି ତିଆରି ହେଉଥିବା ସେଠାକାର ଆଦିବାସୀମାନଙ୍କର ଏକ ପାରମ୍ପାରିକ ସୁସ୍ୱାଦ ଚଟଣି।

**୫. ନୟାଗଡ଼ କଣ୍ଟେଇମୁଣ୍ଡି ବାଇଗଣ:** ଏହି କଣ୍ଟାଯୁକ୍ତ ବାଇଗଣ ତା'ର ଅନନ୍ୟ ସ୍ୱାଦ ପାଇଁ ଜଣାଶୁଣା। ଏହି ବାଇଗଣ କଣ୍ଟାଯୁକ୍ତ ହୋଇଥିବାରୁ କୀଟପତଙ୍ଗ ପ୍ରତିରୋଧ କରିବା ସହିତ ସହଜରେ ବଢିପାରନ୍ତି।

**୬. ଖଜୁରୀ ଗୁଡ଼:** ଓଡିଶାର ଗଜପତି ଜିଲ୍ଲାରେ ଖଜୁରୀ ରସରୁ ତିଆରି କରାଯାଉଥିବା ସୁସ୍ୱାଦୁ ଗୁଡ଼।

**୭. ମଗଜୀ ଲଡୁ:** ଓଡିଶାର ଢେଙ୍କାନାଳ ଜିଲ୍ଲାରେ ମଇଁଷି କ୍ଷୀରରୁ ପ୍ରସ୍ତୁତ ଛେନାରେ ନିର୍ମିତ ସୁସ୍ୱାଦୁ ଲଡୁ।

# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ସୁଖୀ ଜୀବନ ପାଇଁ ଲୋଡା ସୁସ୍ଥ ହୃତପିଣ୍ଡ –** ଜଟିଳ ଜୀବନଶୈଳୀ, କାର୍ଯ୍ୟକ୍ଷେତ୍ରର ଚାପ, ଅନିୟନ୍ତ୍ରିତ ଖାଦ୍ୟ, ଦୈନନ୍ଦିନ ଜୀବନର ମାନସିକ ଅବସାଦ, ମଧୁମେହ ରୋଗ ଏବଂ ବଂଶାନୁଗତ ଆହରଣ ସୁସ୍ଥ ହୃତପିଣ୍ଡ ପାଇଁ ବାଧକ ଅଟନ୍ତି। ଆମେ ସମସ୍ତେ ଜାଣୁ ଯେ, ହୃତପିଣ୍ଡ ହେଲା ଆମ ଶରୀରର ସବୁଠାରୁ କର୍ମଠ ତଥା ପ୍ରମୁଖ ଅଙ୍ଗ ଯିଏ ଆମ ଜୀବନତନ୍ତ୍ରକୁ ନିୟନ୍ତ୍ରଣ କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଆକଳନ ଅନୁଯାୟୀ ବିଶ୍ୱରେ ପ୍ରାୟ ୧୬.୭ ମିଲିଅନ ଲୋକ ବର୍ଷକୁ କରୋନାରି ହାର୍ଟ ଡିଜିଜ ବା ସିଏଚଡି ଯୋଗୁଁ ମୃତ୍ୟୁ ବରଣ କରୁଛନ୍ତି। ଏଥିରୁ ୮୦% ଗରିବ ତଥା ବିକାଶଶୀଳ ରାଷ୍ଟ୍ରମାନଙ୍କର ଅଟନ୍ତି। ଗ୍ରାମାଞ୍ଚଳ ଅପେକ୍ଷା ସହରରେ ଏମାନଙ୍କ ସଂଖ୍ୟା ବଢି ଚାଲିଛି। ଆଥେରେସ୍କେଲରୋସିସ ପାଇଁ କରୋନାରି ଆର୍ଟେରି ଡିଜିଜ ହୋଇଥାଏ ଯାହା ଅନ୍ୟ ଅଙ୍ଗମାନଙ୍କୁ ମଧ୍ୟ ପ୍ରଭାବିତ କରିଥାଏ। ଏଗୁଡିକ ମଧ୍ୟରେ ଇସ୍କେମିକ ହାର୍ଟ ଡିଜିଜ (ହାର୍ଟ ଏଟେକ), ସେରିବ୍ରୋଭାସ୍କୁଲାର ଡିଜିଜ(ହାର୍ଟ ଷ୍ଟ୍ରୋକ), ଉଚ୍ଚ ରକ୍ତଚାପ ଓ ହାର୍ଟ ଫେଲୁଅର ପ୍ରମୁଖ ଅଟେ। ଏହି ରୋଗର ଚିକିତ୍ସା ବ୍ୟୟବହୁଳ ହୋଇଥିବାରୁ କେବଳ ବ୍ୟକ୍ତି ନୁହନ୍ତି, ବରଂ ସାରା ପରିବାରଙ୍କୁ ଆର୍ଥିକ ଦୁର୍ଗତି ଦେଇ ଯିବାକୁ ପଡିଥାଏ। ଦ୍ରୁତ ଶିଳ୍ପାୟନ, ଖାଦ୍ୟପାନୀୟର ଜଗତୀକରଣ, ଆର୍ଥିକ ଅଭିବୃଦ୍ଧି ଓ ସହରୀକରଣ ମନୁଷ୍ୟକୁ ଅଳସୁଆ, ଖାଦ୍ୟପ୍ରିୟ କରିବାରୁ ସିଏଚଡିର ମାତ୍ରା ବଢିଚାଲିଛି। ଅତ୍ୟଧିକ ତେଲ, ମସଲା ଓ ମିଠାର ବ୍ୟବହାର ତଥା ଫଳ ପନିପରିବା ନ ବ୍ୟବହାର କରିବାରୁ କୋଲେଷ୍ଟେରଲ ବଢିବା, ଟାଇପ-୨ ଡାଇବେଟିସ ବଢିଚାଲିଛି। ଯଦି ଆମ ଶିରା, ପ୍ରଶିରାର କାନ୍ଥରେ କୋଲେଷ୍ଟେରଲ ଜନିତ ମଇଳା ଜମାଟ ବାନ୍ଧେ ତେବେ ରକ୍ତ ଚଳାଚଳ ବାଧାପ୍ରାପ୍ତ ହୋଇ ଆର୍ଟେରିଓସ୍କେଲୋରସିସକୁ ଜନ୍ମ ଦିଏ। ବେଳେବେଳେ ଥ୍ରମ୍ବୋସିସ ବା ରକ୍ତନଳୀ ମଧ୍ୟରେ ହଠାତ ରକ୍ତ ଜମାଟ ବାନ୍ଧି ଯିବା ହେତୁ ଆଗରୁ ସରୁ ହୋଇଯାଇଥିବା ନଳୀ ମଧ୍ୟରେ ରକ୍ତ ଚଳାଚଳ ବନ୍ଦ ହୋଇ ହାର୍ଟ ଏଟେକ ହୁଏ ଯାହାକୁ କରୋନାରି ଥ୍ରମ୍ବୋସିସ କୁହାଯାଏ। ଏଠାରେ ହୃତପିଣ୍ଡକୁ ଯଥେଷ୍ଟ ରକ୍ତ ଯାଇ ନପାରି ଚାପ ହଠାତ ବୃଦ୍ଧିପାଏ। ଏହାର ଏକ ଲକ୍ଷଣ ହେଲା ଆଞ୍ଜିନା। ସାଧାରଣ ଅବସ୍ଥାରେ ରୋଗୀ ଖାଦ୍ୟ ହଜମ ନହେବା ପରି ଅସହାୟତା ଅନୁଭବ କରେ କିନ୍ତୁ ଯେତେବେଳେ ଏହା ତୀବ୍ରତର ହୁଏ ସେତେବେଳେ ଛାତି ଚିପିହେବା, ଅଣନିଶ୍ୱାସୀ ଲାଗିବା, ବାରମ୍ବାର ହାକୁଟି ଆସିବା, ପେଟ ଫୁଲିଯିବା ଭଳି ଲକ୍ଷଣମାନ ଦେଖାଦିଏ। ଅଧିକ ବ୍ୟାୟାମ କରିବା କିମ୍ବା ଅତ୍ୟଧିକ ଖାଦ୍ୟଗ୍ରହଣ ପରେ ଏହା ଅନୁଭୁତ ହୋଇଥାଏ। ଯଦି ରକ୍ତନଳୀ ପୁରା ବନ୍ଦ ହୋଇଯାଏ, ତେବେ ହାର୍ଟ ଏଟେକ ହୁଏ, ଯାହାକୁ ମାୟୋକାର୍ଡିଆଲ ଇନଫାର୍କସନ କୁହାଯାଏ। ଥରେ ହାର୍ଟ ଏଟେକ ହେଲେ ହୃତପିଣ୍ଡ ମାଂସପେଶୀର ପ୍ରଭୁତ କ୍ଷତି ହୋଇଥାଏ। ସଙ୍ଗେ ସଙ୍ଗେ ଚିକିତ୍ସା ନକଲେ ଏହା ମାରାତ୍ମକ ହୋଇପାରେ। କେତେଜଣଙ୍କ କ୍ଷେତ୍ରରେ ହୃତସ୍ପନ୍ଦନ ଗତିରେ ଅସ୍ୱଭାବିକତା ଦେଖାଦିଏ। ଏପରି କ୍ଷେତ୍ରରେ ହୃତପିଣ୍ଡ ଧୀରେ ଧୀରେ ଶରୀରର ଅନ୍ୟ ଅଙ୍ଗ ସବୁକୁ ରକ୍ତ ଯୋଗାଇ ନପାରି ହାର୍ଟ ଫେଲୁଅରର କାରଣ ସାଜେ। ଏହା ହଠାତ୍ ହୋଇପାରେ ବା ଧୀରେ ଧୀରେ ହୋଇପାରେ। ଏହାର ଅନ୍ୟ ଏକ ଲକ୍ଷଣ ହେଲା ଫୁସଫୁସରେ ପାଣି ଜମିଯିବା ଫଳରେ ନିଶ୍ୱାସ ନେଇ ନ ପାରିବା।

**ପ୍ରତିଷେଧକ ବ୍ୟବସ୍ଥା –** ବ୍ୟକ୍ତିଗତ ଜୀବନରେ ଶୃଙ୍ଖଳତା ଅନେକ ରୋଗର ନିରାକରଣରେ ସହାୟତା କରିଥାଏ। ତେଣୁ କରୋନାରି ହାର୍ଟ ଡିଜିଜ ପାଇଁ ଅତ୍ୟଧିକ ତେଲ, ମସଲା, ଅଣ୍ଡାର ହଳଦିଆ କେଶର, ମାଂସ, ଛେନା, କେକ୍, ଚିପ୍ସ୍ ଆଦି ନେବା କମ କରନ୍ତୁ। ସାଧାରଣତଃ ମାଛ ଥ୍ରମ୍ବୋସିସ ହେବାକୁ ଦିଏନାହିଁ। ସେହିପରି ବିଟା କେରୋଟିନ, ଆଣ୍ଟିଅକ୍ସିଡେଣ୍ଟ, ଫାଇବର୍, ଭିଟାମିନ ସି ଓ ଇ ଥିବା ଫଳ ଓ ପନିପରିବା କୋଲେଷ୍ଟେରଲ ଜମିବାକୁ ଦିଅନ୍ତି ନାହିଁ। ଶିମ୍ବ, ମଟର ଏବଂ ଓଟ୍ସ ଏହି ଶ୍ରେଣୀର। ଦିନକୁ ଅତି କମରେ ୮ ଲିଟର ପାଣି ପିଅନ୍ତୁ। ଅତ୍ୟଧିକ ଲୁଣ ଓ ଚିନିର ବ୍ୟବହାର କମାନ୍ତୁ। ନିୟମିତ ବ୍ୟାୟାମ କଲେ ଶରୀରରୁ ଚର୍ବି ଅଂଶ ଦହନ ହୋଇ ଓଜନ କମେ, ମାନସିକ ଚାପ ହ୍ରାସ ପାଏ। ୨୦ରୁ ୩୦ ମିନିଟ ପାଇଁ ଏରୋବିକ୍ସ, ଚାଲିବା କିମ୍ବା ପାଣିରେ ପହଁରିବା ଏହି ଶ୍ରେଣୀ ଅନ୍ତର୍ଭୁକ୍ତ। ଟେଲିଭିଜନ ଆଗରେ ବସିବା ଅପେକ୍ଷା ବ୍ୟାୟାମକୁ ପ୍ରାଧାନ୍ୟ ଦିଅନ୍ତୁ (ବିଶେଷ କରି ଶିଶୁମାନଙ୍କ କ୍ଷେତ୍ରରେ) ଶରୀରର ଓଜନ ଯେତେ ଅଧିକ ହେବ ତା'ପାଇଁ ଅଧିକ ରକ୍ତ ଆବଶ୍ୟକ ହେବ ଏବଂ ହୃତପିଣ୍ଡକୁ ସେହି ମାତ୍ରାରେ ଖଟିବାକୁ ପଡିବ। ସେହି ମାତ୍ରାରେ ହାର୍ଟ ଏଟେକର ସମ୍ଭାବନା ମଧ୍ୟ ବଢିଯାଏ। ଶିଶୁମାନଙ୍କ କ୍ଷେତ୍ରରେ ଏହା ୩ରୁ ୪ ଗୁଣ ଅଧିକ ହୁଏ। ଏହିପରି ବ୍ୟକ୍ତି ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପରେ ପୀଡିତ ହେବାର ସମ୍ଭାବନା ୨ରୁ ୬ ଗୁଣ ଅଧିକ ଅଟେ। ଧୂମପାନକୁ ସଂପୂର୍ଣ ବର୍ଜନ କରନ୍ତୁ କାରଣ ଏହା ରକ୍ତନଳୀର ସମ୍ପ୍ରସାରଣଶୀଳତାକୁ କମ କରିଦିଏ। ଶିଶୁକୁ ମା' ଅତି କମରେ ୬ ମାସ ପାଇଁ ସ୍ତନ୍ୟପାନ

କରାଇଲେ ସିଏଚଡିର ସମ୍ଭାବନା ହ୍ରାସ ପାଏ। ହୃତ୍‌ପିଣ୍ଡ ଜନିତ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଭଲ କରି ନହେଲେ ହେଁ ତା' ସହିତ ବଞ୍ଚିବା ସମ୍ଭବ। ମେଡିସିନ୍ କିମ୍ବା ସର୍ଜରୀ ବିକଳ୍ପ ନିର୍ଭର କରେ ରୋଗର କାରଣ ଓ ପ୍ରକାର ଉପରେ। ଯଦି ରକ୍ତନଳୀ ସରୁ ହୋଇଯାଇଛି ଏବଂ ମେଡିସିନ ଦ୍ୱାରା ତା'କୁ ଠିକ୍ କରାଯାଇପାରୁନି ତେବେ ଏଥିପାଇଁ ସର୍ଜରିକୁ ଆପଣା ଯାଏ। ସିଏଚଡି ପାଇଁ କରୋନାରି ଆଞ୍ଜିଓପ୍ଲାଷ୍ଟି ନାମକ ଅପରେସନ କରାଯାଏ। ଏଥିରେ ଗୋଟିଏ କ୍ୟାଥେଟର୍ (ସରୁ ତାର)କୁ ଗୋଡର ଉପରି ଭାଗ, ହାତ କିମ୍ବା ଜଂଘ ସନ୍ଧିରେ ଥିବା କରୋନାରି ଆର୍ଟେରି ଭିତରେ ପୂରାଯାଏ। ଏହାର ସମ୍ମୁଖ ଭାଗରେ ଗୋଟିଏ ବେଲୁନ ଲଗାଯାଇଥାଏ ଯାହାକୁ ଅବରୁଦ୍ଧ ଜାଗାରେ ଖୋଲି ଦିଆଯାଏ, ଫଳରେ ରକ୍ତପ୍ରବାହ ପୂର୍ବବତ୍ ହୋଇପାରେ। ପରେ ଏ ବେଲୁନକୁ କାଢି ଅଣାଯାଏ। ସାଧାରଣତଃ ଏଠାରେ ଷ୍ଟେଂଟ୍ ନାମକ ଡିଭାଇସ୍‌କୁ ରଖାଯାଏ, ଯାହା ରକ୍ତପ୍ରବାହକୁ ବହୁ ଦିନ ପାଇଁ ଜାରି ରଖେ। ବାଇପାସ୍ ସର୍ଜରୀ ଦ୍ୱାରା ମଧ୍ୟ ଏହାର ଚିକିତ୍ସା ସମ୍ଭବ। ଏଥିରେ ଛାତି କିମ୍ବା ଗୋଡର କାନ୍ଥରୁ ଏକ ଶୀରା ନେଇ ସେଠାରେ ରୋପଣ କରି ରକ୍ତ ଯିବାପାଇଁ ଏକ ବିକଳ୍ପ ରାସ୍ତା ବାହାର କରାଯାଏ। ଏଥିରୁ ଠିକ ହେବା ପାଇଁ ରୋଗୀକୁ ମାସେରୁ ଦୁଇ ମାସ ସମୟ ଲାଗିପାରେ। ଅନ୍ୟ ଏକ ନୂଆ କୌଶଳ ହେଲା ଲେଜର ସର୍ଜରି ଯେଉଁଠାରେ ଏକ କ୍ୟାଥେଟରରେ ଲାଗିଥିବା ଲେଜର୍ ଦ୍ୱାରା ହୃତ୍‌ପିଣ୍ଡର ମାଂସପେଶୀରେ ଏକାଧିକ କ୍ଷୁଦ୍ର ଛିଦ୍ର ସବୁ କରାଯାଏ ଯାହାଦ୍ୱାରା ନୂଆ ନୂଆ ରକ୍ତନଳୀ ସବୁ ସୃଷ୍ଟି ହେବାକୁ ସୁଯୋଗ ପାଆନ୍ତି। ଏହା ଏକକ ଭାବେ କିମ୍ବା କରୋନାରି ବାଇପାସ ସର୍ଜରି ସହିତ କରିବାକୁ ପଡେ। ଯଦି ଔଷଧ ଦ୍ୱାରା ଭଲ ନହୁଏ କିମ୍ବା ହୃତପିଣ୍ଡର ଅବସ୍ଥା ଅତ୍ୟଧିକ ଖରାପ ହୋଇଥାଏ ତେବେ ଅଳ୍ପ କେତେକ କ୍ଷେତ୍ରରେ ହୃତପିଣ୍ଡ ପ୍ରତିରୋପଣ ଦରକାର ପଡିପାରେ। ଏହା ସମସ୍ତଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୁଏନାହିଁ ଏବଂ ବେଳେବେଳେ ଏକ ମ୍ୟାଚିଂ ହାର୍ଟ ପାଇବା ପାଇଁ ମାସମାସ ଧରି ଅପେକ୍ଷା କରିବାକୁ ପଡିପାରେ। ସର୍ଜରୀ ଦ୍ୱାରା ଆର୍ଟେରି ମଧ୍ୟରେ ବଢିଥିବା ପ୍ଲେକ୍‌କୁ କାଢିହୁଏ ନାହିଁ ବରଂ ରୋଗୀଙ୍କୁ ଔଷଧ ଦ୍ୱାରା କିମ୍ବା ଜୀବନଶୈଳୀକୁ ବଦଳାଇ କୌଣସି ମତେ ଜୀବନ ଡଙ୍ଗାକୁ ବାହି ନେବାକୁ ପଡିଥାଏ। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ସେପ୍ଟେମ୍ବର ୨୪ ତାରିଖକୁ ବିଶ୍ୱ ହୃଦୟ ଦିବସ ରୂପେ ପାଳନ କରାଯାଏ। ଏଥିପାଇଁ ଛାତ୍ରାବସ୍ଥାରୁ ସଚେତନତା ଆଣିବାକୁ ପାଠ ବହିରେ ବି ଏହାକୁ ଆଣିବା କଥା। ଗୋଟିଏ ଦେଶରେ ଯଦି ଆମେ ଖାଦ୍ୟାଭ୍ୟାସକୁ ନିୟନ୍ତ୍ରିତ କରିବା, ତେବେ ଶରୀରର ଓଜନ ବଢିବ ନାହିଁ, ବ୍ୟାୟାମ ଦ୍ୱାରା ଶରୀର ଚଳଚଞ୍ଚଳ ରହିବା ସହିତ ଯୋଗ, ଧ୍ୟାନ, ପ୍ରାଣାୟମ ଦ୍ୱାରା ମାନସିକ ଚାପ ହ୍ରାସ ହେଲେ ଆମେ ନିରୋଗ ରହିବା ସହିତ ଦେଶକୁ ରୋଗମୁକ୍ତ କରିପାରିବା।

**ଶିଶୁମାନଙ୍କ ବଧିରାପଣକୁ ରୋକିବେ କିପରି ?** ମନେ କରନ୍ତୁ ସୁଭଦ୍ରା ନାମ୍ନି ୧୦ ମାସର ସୁନ୍ଦର ଶିଶୁକନ୍ୟାକୁ ପିତାମାତା ଡାକ୍ତରଙ୍କ ପାଖକୁ ଆଣିଲେ ଯେ ଶିଶୁଟି ସମସ୍ତଙ୍କୁ ଦେଖିଲେ ହସୁଛି କିନ୍ତୁ ଅନ୍ୟମାନଙ୍କ କଥାକୁ ନଶୁଣି ବୁଝିପାରୁନାହିଁ। ଡାକ୍ତର କହିଲେ ୩ ମାସ ବୟସରୁ ଏହାର ବଧିରାପଣ ଆରମ୍ଭ ହୋଇଛି ଏବଂ ଏହାର କକଲିଆର ଇମ୍ପ୍ଲାଣ୍ଟେସନ ଦରକାର। ଆବଶ୍ୟକ ମୁତାବକ ଚିକିତ୍ସା କରାଯିବାର ଦୁଇମାସ ପରେ ଛୁଆଟି କେବଳ ଯେ ଶୁଣିପାରିଲା ତା' ନୁହଁ ବରଂ ବାପା, ମା' ବୋଲି ଡାକି ବି ପାରିଲା। କହିବା ବାହୁଲ୍ୟ ଏହିକି ଯେ କେତେଜଣ ଏପରି ଭାଗ୍ୟବାନ ଶିଶୁ ଅଛନ୍ତି ଯେଉଁମାନଙ୍କ ଚିକିତ୍ସା ସଠିକ ସମୟରେ ହୋଇପାରୁଛି। ଯଦି ଏହି ବଧିରାପଣ ୧୮ ମାସ ପର୍ଯ୍ୟନ୍ତ ବଳବତ୍ତର ରହିଥା'ନ୍ତା ତେବେ ଶିଶୁଟି କଥା ବି କହି ପାରିନଥାନ୍ତା, କାରଣ ଶିଶୁ ଯାହା ଶୁଣେ ତାକୁ ହିଁ କହିଥାଏ। ୧୦୦୦ରେ ପ୍ରାୟ ୧ରୁ ୪ ଜଣ ଶିଶୁ ଏହି ଦଶା ଭୋଗିଥା'ନ୍ତି। ଏଠାରେ ସୁଭଦ୍ରାର ପିତାମାତା ଧନ୍ୟବାଦର ପାତ୍ର, କାରଣ ସେମାନେ ନିଜେ ଯତ୍ନଶୀଳ ହୋଇ ଠିକ୍ ସମୟରେ ଡାକ୍ତରଙ୍କ ପାଖକୁ ଶିଶୁଟିକୁ ଆଣିଲେ। ଠିକ୍ ସମୟ ଅର୍ଥାତ ବର୍ଷକ ଭିତରେ ଚିକିତ୍ସା କରିବାକୁ ଅର୍ଲି ଇଣ୍ଟରଭେନ୍‌ସନ କୁହାଯାଏ। ଦୃଷ୍ଟି, ଶ୍ରବଣ କିମ୍ବା ଅନ୍ୟ ଶାରୀରିକ ଦୋଷ ଦୁର୍ବଳତାକୁ ଗୋଟିଏ ବର୍ଷ ମଧ୍ୟରେ ଦୂର କରିଲେ ଶିଶୁଟି ଏକ ସାଧାରଣ ଶିଶୁ ଭଳି ବ୍ୟବହାର କରିବାକୁ ଲାଗିଥାଏ। ତା'ର କାରଣ ହେଲା ଶୈଶବାବସ୍ଥାରେ ମସ୍ତିଷ୍କର ସ୍ନାୟୁକୋଷଗୁଡିକ ବିଭିନ୍ନ ଦକ୍ଷତା କହନ୍ତୁ ବା ବିଷୟକୁ ଗ୍ରହଣ କରିବାରେ ସକ୍ଷମ ଥାଆନ୍ତି। ଏହାକୁ ନ୍ୟୁରାଲପ୍ଲାଷ୍ଟିସିଟି କୁହାଯାଏ। ବୟସ ବଢିବା ସଙ୍ଗେସଙ୍ଗେ ଏହି କ୍ଷମତା ଲୋପ ପାଇଯାଏ କିମ୍ବା ହ୍ରାସ ହୁଏ। ତେଣୁ ଜନ୍ମ ହେବାଠାରୁ ୩-୪ ବର୍ଷ ପର୍ଯ୍ୟନ୍ତ ଶିଶୁ ପାଇଁ ଅତି ମୂଲ୍ୟବାନ ଅଟେ। ଏହି ସମୟରେ ସେ ଅନ୍ୟମାନଙ୍କ ସହିତ ମିଶି ବିଭିନ୍ନ ଚାଲିଚଳନ ତଥା କଥା କହିବା ଶିଖିଥାଏ। ଶିଶୁଟିଏ ଶୁଣି ପାରୁଛି କି ନାହିଁ ତାହା ଚିହ୍ନଟ କରିବା ଜନ୍ମରୁ ଅତି ଜରୁରୀ। ବିକଶିତ ଦେଶମାନଙ୍କରେ ଏହି ପରୀକ୍ଷା ବାଧ୍ୟତାମୁଳକ ଅଟେ, ଏହା ନହେବା ପର୍ଯ୍ୟନ୍ତ ଶିଶୁଟିକୁ ଛଡା ଯାଏନାହିଁ। ଆଜିକାଲି ଏଥିପାଇଁ ଓଟୋ ଏକଷ୍ଟିକ ଏମିସନ୍ (ଓଏଇ), ବ୍ରେନଷ୍ଟେମ ଇଭୋକ୍‌ଡ ରେସପନ୍ସ ଅଡିଓମେଟ୍ରି (ବେରା) ଓ ଅଡିଟରି ଷ୍ଟେଡିଷ୍ଟେଟ ରେସପନ୍ସ (ଏଏସଏସଆର) ଭଳି ନୂଆ କୌଶଳ ସବୁ ବାହାରିଲାଣି ଯଦ୍ୱାରା ଅତି ଛୋଟ ଅବସ୍ଥାରୁ ଅତି ନିର୍ଭୁଲ ଭାବେ ଶିଶୁର ବଧିରାପଣକୁ ଚିହ୍ନଟ କରାଯାଇପାରୁଛି।

**ଚିହ୍ନଟ ପ୍ରକ୍ରିୟା** – ପ୍ରଥମ ଆବଶ୍ୟକତା ହେଲା ଆମକୁ ଡିଗ୍ରୀ ଅଫ୍ ଡିଫ୍‌ନେସ୍‌କୁ ଜାଣିବାକୁ ପଡିବ। ମନେ କରନ୍ତୁ ଶିଶୁଟି ଆଂଶିକ ଭାବେ ବଧିରାପଣ ପାଇଛି ତେବେ କୌଣସି ହିଅରିଙ୍ଗ୍ ଏଡ୍ ଦ୍ୱାରା ଏହାର ନିରାକରଣ ସମ୍ଭବ ହୋଇପାରିବ। ଏହି ପ୍ରକ୍ରିୟାକୁ ଅପ୍ଟିମାଇଜେସନ୍ କୁହାଯାଏ।। ଦୁଇ କାନ ପାଇଁ ଏହା

କରିବା ବିଧେୟ। ଏହି ଶ୍ରବଣ ଯନ୍ତ୍ର ଦ୍ୱାରା ଶିଶୁଟି ପୂରା ବଧିର ନହୋଇ ଶୁଣିବା ଅବସ୍ଥାକୁ ଚାଲିଆସେ। ଏହାକୁ ସ୍କିଟ୍ ବାନାନା କୁହାଯାଏ କାରଣ ସୁଧୁରା ଯାଇଥିବା ଅଡିଓମେଟ୍ରି ଫ୍ରିକ୍ୱେନ୍ସି ଗ୍ରାଫ୍‌ଟି ଏକ କଦଳୀ ବା ବାନାନା ଭଳି ଦେଖାଯାଏ। ଆଜିକାଲି ଆନାଲଗ, ଡିଜିଟାଲ କିମ୍ବା ଅତି ଛୋଟ ଶିଶୁ ପାଇଁ ଦେହରେ ଧାରଣ କରି ହେଉଥିବା ଶ୍ରବଣ ଯନ୍ତ୍ର ସବୁ ବଜାରରେ ଉପଲବ୍ଧ ହେଲାଣି। କିନ୍ତୁ ଏଥିପାଇଁ ଅଭିଜ୍ଞ ଅଡିଓଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ। କିନ୍ତୁ ଯଦି ଶିଶୁଟି ପୁରା ବଧିର ହୋଇଥାଏ ତେବେ ହିଅରିଙ୍ଗ୍ ଏଡ୍ କିଛି କାମ କରେନାହିଁ। ଏଥିପାଇଁ କକଲିଆର ଇମ୍ପ୍ଲାଣ୍ଟ୍ ଦରକାର। ଆଧୁନିକ ସ୍ୱାସ୍ଥ୍ୟ ବିଜ୍ଞାନ ପାଇଁ କକଲିଆର ଇମ୍ପ୍ଲାଣ୍ଟ୍ ଏକ ଚମତ୍କାରିତା କହିଲେ ଅତ୍ୟୁକ୍ତି ହେବନାହିଁ। ମେଲବର୍ନର ପ୍ରଫେସର ଗ୍ରୀମ୍ କ୍ଲାର୍କ ଏହାର ଉଦ୍ଭାବକ। ଏହି ପ୍ରକ୍ରିୟାରେ ସର୍ଜରୀ ଦ୍ୱାରା ଗୋଟିଏ ଇଲେକ୍ଟ୍ରୋଡ୍ ସେଟକୁ ଅନ୍ତଃକର୍ଣ୍ଣରେ ରୋପଣ କରାଯାଏ। ଏହାର ବାହାର ଅଂଶକୁ ସ୍ପିଚ୍ ପ୍ରସେସର୍ କୁହାଯାଏ ଯାହାର କାର୍ଯ୍ୟ ହେଲା ଶବ୍ଦକୁ ସାଉଁଟି ପ୍ରକ୍ରିୟା କରଣ ପରେ ତା'ର ତୀବ୍ରତାନୁଯାୟୀ ଇଲେକ୍ଟ୍ରୋଡ୍‌କୁ ଉତ୍ତେଜିତ କରିବା। ଏହି ଦୁଇ ସଂଯନ୍ତ୍ରକୁ ଗୋଟିଏ ମ୍ୟାଗ୍‌ନେଟିକ୍ କପ୍ଲିଙ୍ଗ୍ ଦ୍ୱାରା ସଂଯୋଗ କରାଯାଇଥାଏ। ଇମ୍ପ୍ଲାଣ୍ଟ୍ ପାଖରେ ଶବ୍ଦ ପହଞ୍ଚିଲା ପରେ କକଲିଆରେ ଥିବା ସୂକ୍ଷ୍ମ ନ୍ୟୁରନ ସବୁ ଏହାକୁ ଡିକୋଡ୍ କରି ମସ୍ତିଷ୍କକୁ ଜ୍ଞାତ କରାନ୍ତି, ଫଳରେ ଶିଶୁଟି ଆସୁଥିବା ଶବ୍ଦ ସଂପର୍କରେ ଜାଣିପାରେ।

**ସ୍ନାୟୁଜନିତ ବଧିରାପଣ –** ସୌଭାଗ୍ୟବଶତଃ ଶୈଶବ ବଧିରାପଣର ୯୯% କ୍ଷେତ୍ରରେ ସ୍ନାୟୁକୋଷଗୁଡିକ କାର୍ଯ୍ୟକ୍ଷମ ଥାଆନ୍ତି, କିନ୍ତୁ ସେମାନଙ୍କ ଅନ୍ତଃକର୍ଣ୍ଣର କକଲିଆରେ ତ୍ରୁଟି ଥାଏ। ତେଣୁ ଯଦି ଇମ୍ପ୍ଲାଣ୍ଟ୍ କରି ଏହାକୁ ବାଇପାସ୍ କରିଦିଆଯାଏ ଏବଂ ସ୍ନାୟୁକୋଷଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରାଯାଏ। ତେବେ ଶିଶୁଟିର ଶ୍ରବଣ ଶକ୍ତି ଫେରି ଆସିପାରେ। ମନେ ରଖନ୍ତୁ ଯେ ଏହି କକଲିଆ ମଟର ମଞ୍ଜି ଆକାରର ଯାହା ଜନ୍ମ ପୂର୍ବରୁ କାନ ଭିତରେ ସୃଷ୍ଟି ହୋଇଥାଏ। ତେଣୁ ଅତି ଛୋଟ ଶିଶୁଠାରେ ବି ଏହାର ପ୍ରତିରୋପଣ ସମ୍ଭବ ଅଟେ। ଶଲ୍ୟ ଚିକିତ୍ସା ଦ୍ୱାରା ଏହା ସମ୍ଭବ ଏବଂ ୧୯୮୦ରୁ ଆଜି ପର୍ଯ୍ୟନ୍ତ ୫ ଲକ୍ଷରୁ ଉର୍ଦ୍ଧ୍ୱ ଏହିପରି ସର୍ଜରି କରାଯାଇସାରିଲାଣି। ଭାରତରେ ଏହିପରି ପ୍ରାୟ ୩୦ଟି ସେଣ୍ଟରରେ ଏପରି ସର୍ଜରୀ କରାଯାଇ ହଜାର ହଜାର ସଂଖ୍ୟକ ଶିଶୁଙ୍କ ବଧିରାପଣ ଦୂର କରାଯାଇପାରିଛି। ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ ଓ ଆମେରିକାରେ ଏହିପରି ଇମ୍ପ୍ଲାଣ୍ଟ୍‌ସବୁକୁ ତିଆରି କରାଯାଉଛି। ଏହି ୩ଟି ଦେଶରୁ ଭାରତକୁ ଏହି ଯନ୍ତ୍ର ସବୁକୁ ଆମଦାନି କରାଯାଇଥାଏ। ଏଥିରୁ ଆମ ଦେଶକୁ ଅଷ୍ଟ୍ରେଲିଆରୁ ୭୦% ଆମଦାନି ହୋଇଥାଏ। ଯାହା ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉପଲବ୍ଧ ହୋଇଆସୁଛି। ଯେହେତୁ ଆମେ ଆଶା ରଖୁଛୁ ଯେ ଏହି ଯନ୍ତ୍ରଟି ଶିଶୁକୁ ଅତି କମରେ ୭୫ ବର୍ଷ ଧରି ସେବା ଯୋଗାଇବ। ତେଣୁ ସେହି ଇମ୍ପ୍ଲାଣ୍ଟର ଗୁଣବତ୍ତା ଓ ନିର୍ମାଣ କୌଶଳ ଉପରେ ବିଶେଷ ନଜର ଦେବାର ଆବଶ୍ୟକତା ରହିଛି। ଏହି ପ୍ରକ୍ରିୟା ସରିଲା ପରେ ଶିଶୁଟିକୁ କିଛି ମାସ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିବାକୁ ପଡେ, ଯାହାକୁ ଅଡିଟରି ଭାର୍ବାଲ ଥେରାପି କୁହନ୍ତି। ସାଧାରଣ ବିଦ୍ୟାଳୟରେ ଏଥିପାଇଁ ଓଠର ଗତି ଏବଂ ଦୃଶ୍ୟମାନ ଚିତ୍ର ଦେଖାଇ ଶିଶୁମାନଙ୍କୁ ଶୁଣିବା ଓ କହିବା ପାଇଁ ଉତ୍ସାହିତ କରାଯାଇଥାଏ କିନ୍ତୁ ଉପରୋକ୍ତ ପଦ୍ଧତିରେ ଶିଶୁଟିକୁ ବାରମ୍ବାର ଶବ୍ଦ ଶୁଣାଇ ଶୁଣାଇ କହିବା ଅଭ୍ୟାସ କରାଯାଏ। ଏହି ପ୍ରକ୍ରିୟାର ସାଫଲ୍ୟତା ସହଜ ଚିହ୍ନଟ, ସଠିକ ଚିକିତ୍ସା ଓ ସର୍ଜରୀ ପରବର୍ତ୍ତୀ ଥଇଥାନ ଉପରେ ନିର୍ଭର କରିଥାଏ ଏବଂ ଏଥିପାଇଁ ଅତି କମରେ ୧ ବର୍ଷ ସମୟ ଲାଗିଥାଏ।

## କେତୋଟି ସାଧାରଣ ସମସ୍ୟାର ସମାଧାନ -

୧. ଆପଣଙ୍କ ତଳ ଆଖି ପତାରେ କଳାକଳା ଚିହ୍ନସବୁ ରହିଛି, ତେବେ ଗୋଟିଏ ଆଳୁକୁ କାଟି ପତଳା ଖଣ୍ଡ ସବୁ ବାହାର କରନ୍ତୁ ଓ ଏହାକୁ ଚିହ୍ନସ୍ଥାନରେ ପ୍ରାୟ ୨୦ ମିନିଟ ଧରି ଚାପି ରଖନ୍ତୁ। ଏପରି କିଛିଦିନ କଲେ ଦେଖିବେ ଚିହ୍ନ ସବୁ ଉଭେଇଯିବ।

୨. ମୁଣ୍ଡ ସେମ୍ପୁ କଲାବେଳେ ଆଖିପତା ଓ ଆଇବ୍ରୋରେ କୋଲ୍ଡକ୍ରିମ୍ ଲଗାନ୍ତୁ, ଦେଖିବେ ସେମ୍ପୁ ଫେଣ ଆଖି ଭିତରକୁ ପଶିବ ନାହିଁ।

୩. କ୍ଲାନ୍ତ ଚକ୍ଷୁକୁ ଆରାମ ଦେବାକୁ ଏକ ତୁଳାକୁ ବରଫରେ ଭିଜାଇ ପାଣିକୁ ଚିପୁଡି ଦିଅନ୍ତୁ, ସିଧା ହୋଇ ଶୁଅନ୍ତୁ, ଆଖି ବନ୍ଦ କରି ପତାରେ ସେହି ତୁଳାକୁ ରଖନ୍ତୁ, ଦୁଇ ଗୋଡକୁ ଗୋଟିଏ ତକିଆକୁ ରଖି ଶୋଇ ଯାଆନ୍ତୁ, ଦେଖିବେ ଆରାମ ଲାଗିବ।

୪. ଦୁର୍ବଳ ଆଖିକୁ ତେଜୀୟାନ କରିବାକୁ ପ୍ରତିଦିନ ଗୋଟିଏ ଗ୍ଲାସ ଗାଜର ଜୁସ୍ ପାନ କରନ୍ତୁ।

୫. ଗ୍ରୀନ ଟି'କୁ ୫ ମିନିଟ ଫୁଟାଇ ଥଣ୍ଡା କରି ମୁହଁକୁ ବାରମ୍ବାର ଧୁଅନ୍ତୁ। ଏହି ଚାହାକୁ ପାନକଲେ ମୋତିଆବିନ୍ଦୁରୁ ତ୍ରାହି ମିଳିଥାଏ।

୬. ପ୍ରତ୍ୟେକ ରାତିରେ ଶୋଇବା ପୂର୍ବରୁ ଯଦି ଆପଲ୍ ଜୁସ୍‌ରେ ମୁହଁ ଧୁଅନ୍ତି, ତେବେ ମୁହଁର ଚର୍ମରେ ଲୋଚାକୁଚା ହୁଏନାହିଁ ଏବଂ ମୁହଁ ସତେଜ ଦେଖାଯାଏ।

୭. ଦୁଇଟି ଲବଙ୍ଗକୁ ପାଟିରେ ଚୋଷି ଚୋଷି ତା'ର ଲାଳକୁ ଢୋକିଲେ ବାରମ୍ବାର କଲେ ଏସିଡ ସମସ୍ୟାରୁ ମୁକ୍ତି ମିଳିଥାଏ।

(ଉପରୋକ୍ତ ସବୁ ତଥ୍ୟାବଳୀଗୁଡ଼ିକୁ ଆୟୁର୍ବେଦ ସମ୍ବନ୍ଧୀୟ ମ୍ୟାଗାଜିନରୁ ସଂଗ୍ରହ କରାଯାଇଛି)

ଟିକ୍ରାପଡା, ବଲାଙ୍ଗୀର-୭୬୭୦୦୧

# ସମ୍ବାଦ ବିଚିତ୍ରା

୧.ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବ।

୨.ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କୁ ମିଳିବ ଭାରତ ରତ୍ନ।

୩.ଦିଲ୍ଲୀ କର୍ତ୍ତବ୍ୟପଥର ୭୫ତମ ସାଧାରଣତନ୍ତ୍ର ଦିବସ ପରେଡରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ବର୍ଗରେ ବିଚାରକମଣ୍ଡଳୀ ଦ୍ୱାରା ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ କରାଯାଇଛି।

୪.ପାଟନା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହଙ୍କୁ ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି।

୫.ବିଶିଷ୍ଟ ଭାଷାବିତ୍ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଓଡିଆ ଭାଷାର ବିକାଶ ଉଦ୍ଦେଶ୍ୟରେ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମାନରେ ସମ୍ମାନିତ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ମାନପତ୍ର ଓ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

୬.ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ସାହିତ୍ୟ ସୃଜନୀ କ୍ଲବରେ ରଚନା କରିଥିବା 'ମୋ କଥା ମୋ କାହାଣୀ' ପୁସ୍ତକର ତଥ୍ୟକୁ ଘଣ୍ଟାକ ମଧ୍ୟରେ ଫେସବୁକ୍‌ରେ ସର୍ବାଧିକ ହାତଲେଖା ଚିଠା ଅପଲୋଡ୍ କରି ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡ ସୃଷ୍ଟି କରିଛନ୍ତି।

୭.ଓଡ଼ିଶାର ୧୧ ପୋଲିସ ଅଧିକାରୀଙ୍କୁ ପ୍ରଶଂସନୀୟ ସେବା ପଦକ, ୧୫ ଜଣ ସାହାସିକତା ପୁରସ୍କାର ପାଇବେ ।

୮.ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ସଦ୍ୟତମ ଆକଳନ ଅନୁଯାୟୀ, ୨୦୨୨ରେ ଭାରତରେ ୧୪.୧ ଲକ୍ଷରୁ ଅଧିକ ନୂତନ କର୍କଟ ରୋଗୀ ଚିହ୍ନଟ ହେବା ସହ ବର୍ଷକରେ ୯.୧ ଲକ୍ଷରୁ ଅଧିକ ମୃତ୍ୟୁ ହୋଇଥିଲା। ସ୍ତ୍ରୀଲୋକଙ୍କଠାରେ ସ୍ତନ କର୍କଟ ସବୁଠାରୁ ସାଧାରଣ ହୋଇଥିବା ବେଳେ ପୁରୁଷଙ୍କଠାରେ ମୁଖଗହ୍ୱର ଓ ଫୁସଫୁସ କର୍କଟ ସବୁଠାରୁ ସାଧାରଣ ଥିଲା।

୯.ରେଳ ବଜେଟ୍‌ରେ ପ୍ରଥମ ଥର ପାଇଁ ଓଡ଼ିଶାକୁ ରେକର୍ଡ ପରିମାଣର ୧୦ ହଜାର ୫୩୬ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି।

୧୦.ଓଡ଼ିଶା ହାଇକୋର୍ଟରେ ଜାନୁଆରୀ ୨୩,୨୦୨୪ ସୁଦ୍ଧା ୧,୪୫,୮୮୨ ମାମଲା ବିଚାରାଧୀନ ରହିଛି।

୧୧.ପଞ୍ଜାବ ରାଜ୍ୟପାଳ ବନୱାରୀଲାଲ ପୁରୋହିତ ବ୍ୟକ୍ତିଗତ କାରଣ ଓ ଅନ୍ୟ କେତେକ ପ୍ରତିଶ୍ରୁତି ଦର୍ଶାଇ ନିଜ ପଦରୁ ଇସ୍ତଫା ଦେଇଛନ୍ତି।

୧୨.ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୪୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସ ଲୋକାର୍ପଣ କରିଛନ୍ତି।

୧୩.୨୦୧୬ ରୁ ୨୦୨୨ ଗତ ୬ ବର୍ଷ ମଧ୍ୟରେ ଶିଶୁ ବଳାତ୍କାର ମାମଲା ୯୬ ପ୍ରତିଶତ ବୃଦ୍ଧି ପାଇଛି। ଶିଶୁ ଅଧିକାର ଏନଜିଓ କ୍ରାଏ (ସିଆରୱାଇ) ଦ୍ୱାରା ନ୍ୟାସନାଲ କ୍ରାଇମ ରେକର୍ଡସ ବ୍ୟୁରୋ (ଏନସିଆରବି) ତଥ୍ୟର ବିଶ୍ଳେଷଣ ପରେ ଏହା ସାମ୍ନାକୁ ଆସିଛି।

୧୪.ଚମ୍ପିଆନ୍ ଟ୍ରାପ୍ ସୁଟର ହାବିଲଦାର ପ୍ରୀତି ରଜକ ଭାରତୀୟ ସେନାରେ ସୁବେଦାର ପାହ୍ୟାରେ ନିଯୁକ୍ତି ପାଇବାରେ ଦେଶର ପ୍ରଥମ ମହିଳା ହୋଇଛନ୍ତି।

୧୫.ଆମେରିକାରେ ପ୍ରଥମଥର ପାଇଁ ନାଇଟ୍ରୋଜେନ୍ ଗ୍ୟାସ୍ ବ୍ୟବହାର କରି ମୃତ୍ୟୁଦଣ୍ଡ ଦିଆଯିବା ଘଟଣାକୁ ନେଇ ହ୍ୱାଇଟ୍ ହାଉସ୍ ଗଭୀର ଅସନ୍ତୋଷ ପ୍ରକାଶ କରିଛି, ଯାହାକୁ ଜାତିସଂଘ ଓ ୟୁରୋପୀୟ ସଂଘ ମଧ୍ୟ ନିନ୍ଦା କରିଛନ୍ତି।

୧୬.କଳାରେ ଓଡ଼ିଶାର ଗୋପୀନାଥ ସ୍ୱାଇଁଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ। ଲୋକନାଟକ କୃଷ୍ଣଲୀଳାର ସଂଗୀତକାର ଭାବେ ପରିଚିତ ଶତାୟୁ ଗୋପୀନାଥ। ୮୫ ବର୍ଷୀୟ ଭାଗବତ ପ୍ରଧାନଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ। ଲୋକନୃତ୍ୟ 'ଶବ୍ଦ ନୃତ୍ୟ'ର ବିଶିଷ୍ଟ କଳାକାର ହେଉଛନ୍ତି ଭାଗବତ ପ୍ରଧାନ।

୧୭.ଆର୍ଥିକ ବର୍ଷ ୨୦୨୨-୨୩ରେ ଦେଶରେ ୧୯,୭୨,୨୪୮ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ସଂଗ୍ରହ ହୋଇଛି। ୨୦୧୩-୧୪ରେ ହୋଇଥିବା ୭,୨୧,୬୦୪ କୋଟି ଟଙ୍କା ତୁଳନାରେ ଏହା ୧୭୩ ପ୍ରତିଶତ ଅଧିକ।

୧୮.ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୂର୍ଯ୍ୟୋଦୟ ଯୋଜନା ଫଳରେ ଦେଶରେ ଗରିବ ଏବଂ ମଧ୍ୟମ ବର୍ଗ ବିଜୁଳି ବିଲରୁ ଆଶ୍ୱସ୍ତି ପାଇପାରିବେ।

୧୯.ଦେଶରେ ଆଣ୍ଟିବାୟୋଟିକ କିମ୍ବା ଆଣ୍ଟିମାଇକ୍ରୋବାୟଲ ଔଷଧର ଅପବ୍ୟବହାରକୁ ରୋକିବା ପାଇଁ କେନ୍ଦ୍ର ସରକାର ଡାକ୍ତରମାନଙ୍କୁ ଏହି ଔଷଧ ଲେଖିବାବେଳେ 'ସଠିକ ସୂଚକ' ଲେଖିବା ବାଧ୍ୟତାମୂଳକ କରିଛନ୍ତି।

୨୦.ଉତ୍ତରାଖଣ୍ଡ ଭାରତର ପ୍ରଥମ ରାଜ୍ୟ ଭାବେ ୟୁନିଫର୍ମ ସିଭିଲ କୋଡ୍ ଉପରେ ଆଇନ ପ୍ରଣୟନ କରିବାକୁ ଯାଉଛି।

୨୧.ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପ୍ରତିଷ୍ଠାର ୧୫୦ତମ ବର୍ଷ ଅବସରରେ କୃଷକମାନଙ୍କ ପାଇଁ ପାଣିପାଗ ପୂର୍ବାନୁମାନ ପୋର୍ଟାଲ 'ପଞ୍ଚାୟତ ମୌସମ ସେବା'ର ଶୁଭାରମ୍ଭ କରାଯାଇଛି।

୨୨.କେବଳ ଭାରତ ନୁହେଁ ପୁରା ବିଶ୍ୱ ପାଇଁ ୨୦୨୪ ହେଉଛି ନିର୍ବାଚନର ବର୍ଷ। ଚଳିତ ବର୍ଷ ୭୦ରୁ ଅଧିକ ଦେଶରେ ନିର୍ବାଚନ ହେବାକୁ ଯାଉଛି, ଯେଉଁଥିରେ ୪୦୦ କୋଟିରୁ ଅଧିକ ଲୋକ ଭୋଟଦାନ କରିବେ।

୨୩.ଲୋକପ୍ରିୟ ଅଭିନେତା, ନିର୍ଦ୍ଦେଶକ ଏବଂ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ସାଧୁ ମେହେରଙ୍କ ୮୪ ବର୍ଷ ବୟସରେ ମୁମ୍ବାଇସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।

୨୪.କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ପି.ବି. ଭରାଲେ ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି।

୨୫.ସ୍ୱାସ୍ଥ୍ୟବୀମା କିଣିଥିବା ଲୋକଙ୍କ ପାଇଁ ଏକ ନୂଆ ନିଷ୍ପତ୍ତି। ସେମାନେ ବର୍ତ୍ତମାନ ଦେଶର ଯେକୌଣସି ଡାକ୍ତରଖାନାରେ କ୍ୟାସଲେସ ଚିକିତ୍ସା ସୁବିଧା ପାଇବେ।

୨୬.ଜଷ୍ଟିସ୍ ଚକ୍ରଧାରୀ ଚରଣ ସିଂ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ।

# ସାଧାରଣ ଜ୍ଞାନ

## ଜିଲ୍ଲା

୧.ନାମ - ଖୋର୍ଦ୍ଧା
୨.ଗଠନ - ୧ ଏପ୍ରିଲ, ୧୯୯୩
୩.କ୍ଷେତ୍ରଫଳ - ୨୮୧୩ ବର୍ଗ କି.ମି
୪.ଜନସଂଖ୍ୟା - ୨୨୪୬୩୪୧ (ପୁରୁଷ - ୧୧୬୬୯୪୯, ମହିଳା - ୧୦୭୯୩୯୨)
୫.ଉପଖଣ୍ଡ - ୨
୬.ତହସିଲ - ୧୦
୭.ପଞ୍ଚାୟତ ସମିତି କାର୍ଯ୍ୟାଳୟ - ୧୦
୮.ଗ୍ରାମ ପଞ୍ଚାୟତ - ୧୬୮
୯.ଗ୍ରାମ - ୧୫୩୪
୧୦.ଥାନା - ୩୨
୧୧.ପୌରସଂସ୍ଥା - ୨
୧୨.ବିଜ୍ଞାପିତ ଅଞ୍ଚଳ ପରିଷଦ - ୨
୧୩.ବିଧାନସଭା ଆସନ - ୮ (୧୧୧. ଜୟଦେବ(ତ.ଜା.), ୧୧୨. ଭୁବନେଶ୍ୱର (ମଧ୍ୟ), ୧୧୩. ଭୁବନେଶ୍ୱର (ଉତ୍ତର), ୧୧୪. ଏକାମ୍ର ଭୁବନେଶ୍ୱର, ୧୧୫. ଜଟଣୀ, ୧୧୬. ବେଗୁନିଆ, ୧୧୭. ଖୋର୍ଦ୍ଧା, ୧୧୮. ଚିଲିକା)
୧୪.ଲୋକସଭା ଆସନ ସଂଖ୍ୟା - ୧(ଭୁବନେଶ୍ୱର)
୧୫.ସାକ୍ଷରତା ହାର - ୮୭.୫୧% (ପୁରୁଷ - ୯୨.୫୫%, ମହିଳା - ୮୨.୦୬%)
୧୬.ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୨୨୨୨୭୫(୯୧୦)
୧୭.ଜନସଂଖ୍ୟା ଘନତ୍ୱ - ୭୯୯/ବର୍ଗ କି.ମି
୧୮.ଜନସଂଖ୍ୟା ବୃଦ୍ଧି ହାର - ୧୯.୬୫%
୧୯.ଲିଙ୍ଗ ଅନୁପାତ - ୯୨୫ ମହିଳା /୧୦୦୦ ପୁରୁଷ
୨୦.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୭୪
୨୧.ନିଆଁଳିଭା କେନ୍ଦ୍ର - ୯
୨୨.ଜଙ୍ଗଲ ଜମି - ୬୧୮.୬୭ ବର୍ଗ କି.ମି
୨୩.ହାରାହାରି ତାପମାତ୍ରା - ସର୍ବନିମ୍ନ ୯.୫°- ସର୍ବୋଚ୍ଚ ୪୨.୪°
୨୪.ସାଧାରଣ ବୃଷ୍ଟିପାତ - ୧୪୦୮.୪ ମି.ମି.
୨୫.ମୋଟରଯାନ ପଞ୍ଜିକୃତ କୋଡ୍ - ଓ.ଡି.୦୨, ଓ.ଡି.୩୩
୨୬.ପର୍ଯ୍ୟଟନ ସ୍ଥଳୀ - ଅତ୍ରି, ବାଣପୁର, ବରୁଣେଇ, ଭୁବନେଶ୍ୱର, ଭୁଷଣ୍ଡପୁର, ଚିଲିକା(ବରକୁଳ), ଧଉଳି, ଗଡ଼ମାଣିତ୍ରୀ, ହୀରାପୁର, କେନ୍ଦୁଲି, ଖଣ୍ଡଗିରି ଓ ଉଦୟଗିରି, ନନ୍ଦନକାନନ ଏବଂ ରାମେଶ୍ୱର

## ABBREVIATION

1. UMREPP : Ultra Mega Renewable Energy Power Park
2. SERB : Science and Engineering Research Board
3. EDGE : Evolutionary Distinct and Globally Endangered
4. ECOWAS : Economic Community of West African States
5. IESL : Indian Ex-Servicemen's League
6. CGPB : Central Geological Programming Board
7. FAITH : Federation of Associations in Indian Tourism & Hospitality
8. NHLT : National Hub of Language Technology
9. NALSA : National Legal Services Authority
10. NTCA : National Tiger Conservation Authority

## ପୁସ୍ତକ

୧. ପଞ୍ଚଭୂତ : ଅମୃତ ରତୁରାଜ
୨. ସୂର୍ଯ୍ୟୋଦୟର ସ୍ୱପ୍ନ : ଅନୁରୂପା ସିଂହ
୩. ପୂର୍ଣ୍ଣାହୁତି : ରଶ୍ମି ମିଶ୍ର
୪. ସୀତା ମୁଁ ସୀତା : ପଦ୍ମଜ ପାଲ
୫. ଘାଟ ମୁହାଁ ଡଙ୍ଗା : ଡ. ଲଲାଟେନ୍ଦୁ ସାହୁ

1. Conversations with Aurangzeb : Nandini Krishnan
2. All The Love You Deserve : Preeti Shinoy
3. Chronicle of an Hour and a Half : Saharu Nusaiba Kannanari
4. Tara's Trace : Kavita Kane
5. Red River : Somnath Batabyal

## କେନ୍ଦ୍ର ଶାସିତ ଅଞ୍ଚଳ

୧. ନାମ - ଦିଲ୍ଲୀ
୨. ଲ୍ୟୁଟେନାଣ୍ଟ ରାଜ୍ୟପାଳ - ବିନୟ କୁମାର ସକ୍ସେନା
୩. ମୁଖ୍ୟମନ୍ତ୍ରୀ - ଅରବିନ୍ଦ କେଜରିୱାଲ
୪. ଗଠନ - ୧ ନଭେମ୍ବର ୧୯୫୬
୫. ଭାରତର ରାଜଧାନୀ - ୧ ଫେବୃୟାରୀ ୧୯୯୨
୬. କ୍ଷେତ୍ରଫଳ - ୧,୪୮୪ ବର୍ଗ କି.ମି.
୭. ରାଜଧାନୀ ଏବଂ ମୁଖ୍ୟ ସହର - ଦିଲ୍ଲୀ
୮. ଲୋକସଭା ସଭ୍ୟ ସଂଖ୍ୟା - ୭
୯. ରାଜ୍ୟସଭା ସଭ୍ୟ ସଂଖ୍ୟା - ୩
୧୦. ବିଧାନସଭା ସଭ୍ୟ ସଂଖ୍ୟା - ୭୦
୧୧. ଜିଲ୍ଲା - ୧୧
୧୨. ସହର - ୫୯
୧୩. ଗ୍ରାମ - ୩୦୦
୧୪. ଥାନା - ୧୮୦
୧୫. ପୌରସଂସ୍ଥା - ୩
୧୬. ମୁଖ୍ୟ ଭାଷା - ହିନ୍ଦୀ, ଇଂରାଜୀ
୧୭. ଜନସଂଖ୍ୟା ସମୁଦାୟ - ୧,୬୭,୫୩,୨୩୫ (୨୦୧୧)
୧୮. ଜନସଂଖ୍ୟା ଘନତ୍ୱ - ୧୧,୨୯୭/ବର୍ଗ କି.ମି
୧୯. ଲିଙ୍ଗ ଅନୁପାତ - ୮୬୬ ମହିଳା/୧୦୦୦ ପୁରୁଷ
୨୦. ସାକ୍ଷରତା ହାର - ୮୬.୨୧%
୨୧. ପର୍ଯ୍ୟଟନ ସ୍ଥଳୀ - ଲାଲ୍‌କିଲ୍ଲା, ଜାମା ମସ୍‌ଜିଦ୍, କୁତବ୍ ମିନାର, ଇଣ୍ଡିଆ ଗେଟ୍, ଲକ୍ଷ୍ମୀ ନାରାୟଣ ମନ୍ଦିର, ବିର୍ଲା ମନ୍ଦିର ଓ ଅକ୍ଷର ଧାମ

## ସମ୍ମାନ/ପୁରସ୍କାର

୧. ରାହୁଲ ନାୟାର, ମେହୁଲ ମଲିକ ଏବଂ ତନ୍ମୟ ଭରତ : ବ୍ଲାଭାଟନିକ୍ ପୁରସ୍କାର (ଯୁକ୍ତରାଷ୍ଟ୍ର)
୨. ଫାରୁଖ ଇଂଜିନିୟର ଏବଂ ରବି ଶାସ୍ତ୍ରୀ : କର୍ଣ୍ଣେଲ ସି କେ ନାୟୁଡୁ ଆଜୀବନ ସଫଳତା ପୁରସ୍କାର
୩. ସ୍ୱର୍ଗତଃ ସବିତା କଂସୱାଲ୍ : ତେନଜିଂ ନରଗେ ଜାତୀୟ ଦୁଃସାହସିକ ପୁରସ୍କାର
୪. ସ୍କ୍ୱାଡ୍ରନ୍ ଲିଡର ନିକିତା ମାଲହୋତ୍ରା : ବାୟୁ ସେନା ପଦକ
୫. ଓଡିଶା ମାଇନିଂ କର୍ପୋରେଟ୍ ଲିମିଟେଡ୍: ରାଷ୍ଟ୍ରିୟ ଖେଳ ପ୍ରୋତ୍ସାହନ ପୁରସ୍କାର ୨୦୨୩

## ନିଯୁକ୍ତି

୧. ଅନିଲ କୁମାର ଲାହୋଟି : ନୂତନ ଅଧ୍ୟକ୍ଷ, ଭାରତୀୟ ଦୂରସଞ୍ଚାର ବିନିୟାମକ ପ୍ରାଧିକରଣ
୨. ଭାଇସ୍ ଆଡମିରାଲ୍ ଏନ୍ ପ୍ରମୋଦ : ନୂତନ ମହାନିର୍ଦ୍ଦେଶକ, ନୌସେନା ସଞ୍ଚାଳନ
୩. ସେଚ୍ଛିଲ୍ ପାଣ୍ଡିଆନ୍ ସି : ନୂତନ ରାଷ୍ଟ୍ରଦୂତ, ବିଶ୍ୱ ବାଣିଜ୍ୟ ସଂଗଠନ
୪. ରଘୁରାମ ଆୟର : ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଭାରତୀୟ ଅଲିମ୍ପିକ୍ ସଙ୍ଗଠନ
୫. ସଞ୍ଜୀବ ଅଗ୍ରୱାଲ : ନୂତନ ପରିଚାଳନା ନିର୍ଦ୍ଦେଶକ, ଜାତୀୟ ନିବେଶ ଏବଂ ଭିତ୍ତିଭୂମି ପାଣ୍ଠି

## ଦେହାନ୍ତ

୧. ଆର ଚମ୍ପକଲକ୍ଷ୍ମୀ (୯୨) : ଜଣାଶୁଣା ଐତିହାସିକ
୨. ଡ଼. ନିତ୍ୟ ଆନନ୍ଦ (୯୯) : ଭାରତରେ ପ୍ରଥମ ଗର୍ଭନିରୋଧକ ବଟିକା 'ସହେଲି'ର ଅବିଷ୍କାରକ
୩. ଡ଼. ପ୍ରଭା ଆତ୍ରେ (୯୧) : ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତଜ୍ଞ
୪. ମୁନାୱର୍ ରାଣା (୭୧) : ଜଣାଶୁଣା ଉର୍ଦ୍ଦୁ କବି
୫. ବେଦ ପ୍ରକାଶ ନନ୍ଦା (୯୦) : ପଦ୍ମ ଭୂଷଣ ଆଇନ ପ୍ରାଧ୍ୟାପକ

## ଓଡ଼ିଶା

୧.କେତେ ବର୍ଷ ବ୍ୟବଧାନରେ 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ଅନୁଷ୍ଠିତ ହେବ ?
(କ) ୧ (ଖ)୨ (ଗ) ୩ (ଘ) ୫

୨.କେବେ ସୁଦ୍ଧା ଓଡିଶାର ସମସ୍ତ ଗାଁ'କୁ ପାଇପ ଯୋଗେ ପିଇବା ପାଣି ଯୋଗାଣ ଶେଷ କରିବାକୁ ଲକ୍ଷ୍ୟ ରହିଛି ?
(କ) ୨୦୨୭ (ଖ) ୨୦୨୬ (ଗ) ୨୦୨୪ (ଘ) ୨୦୨୫

୩.ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଟ୍ୟାଗ୍ ଲାଇନ୍ କ'ଣ ଥିଲା ?
(କ) ଭାଷା ହିଁ ମୋ'ର (ଖ) ଭାଷା ହିଁ ଆମର
(ଗ) ଭାଷା ହିଁ ଭବିଷ୍ୟତର ଋବିକାଠି (ଘ) ଭାଷା ହିଁ ଭବିଷ୍ୟତ

୪.ଭୁବନେଶ୍ୱର-କଟକ ମେଟ୍ରୋ ରେଳ ପ୍ରକଳ୍ପ କେବେ ସୁଦ୍ଧା ଶେଷ ହେବ ?
(କ) ୨୦୨୬ (ଖ) ୨୦୨୭ (ଗ) ୨୦୨୪ (ଘ) ୨୦୨୫

୫.୩୦ଟି ଜିଲ୍ଲାର କେତୋଟି ପଞ୍ଚାୟତରେ ଲକ୍ଷ୍ମୀ ବସ୍ ଗଡିବ ?
(କ) ୫୬୨୩ (ଖ) ୪୪୨୫ (ଗ) ୬୪୫୨ (ଘ) ୬୭୯୮

୬.'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଯୋଜନାରେ ଓଡିଶାର ପୁରୀ ଓ ଗୋପାଳପୁର ଦେଶର କେଉଁ ସ୍ଥାନରେ ଅଛନ୍ତି ?
(କ) ଦ୍ୱିତୀୟ ଓ ଚତୁର୍ଥ (ଖ) ପ୍ରଥମ ଓ ତୃତୀୟ
(ଗ) ପ୍ରଥମ ଓ ଦ୍ୱିତୀୟ (ଘ) ଦ୍ୱିତୀୟ ଓ ତୃତୀୟ

୭.ଓଡିଶାର କେତୋଟି ସହରର ୨୩ ଲକ୍ଷ ବାସିନ୍ଦା 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ସୁବିଧା ପାଇଛନ୍ତି ?
(କ) ୨୧ (ଖ) ୨୪ (ଗ) ୨୫ (ଘ) ୩୦

୮.ଓଡିଆ ଭାଷାର ବିକାଶ ଉଦ୍ଦେଶ୍ୟରେ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମାନରେ କିଏ ସମ୍ମାନିତ ହୋଇଛନ୍ତି ?
(କ) ଦେବୀ ପ୍ରସନ୍ନ ପଟ୍ଟନାୟକ (ଖ) ସୀତାକାନ୍ତ ମହାପାତ୍ର
(ଗ) ପ୍ରତିଭା ରାୟ (ଘ) ଆର୍ଲୋ ଗ୍ରୀଫିଥ

୯.ଓଡ଼ିଶାର କେଉଁ ବସଷ୍ଟାଣ୍ଡ 'ବାବାସାହେବ ଭୀମ ରାଓ ଆମ୍ବେଦକର ବସ୍ ଟର୍ମିନାଲ' ଭାବରେ ନାମିତ ହେବ ?
(କ) ବାଦାମବାଡି (ଖ) ବରମୁଣ୍ଡା (ଗ) ବ୍ରହ୍ମପୁର (ଘ) ପୁରୀ

୧୦.ଓଡିଶା ସରକାର କେବେଠାରୁ ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ବୋଲି ଘୋଷଣା କରିଛନ୍ତି ?
(କ) ୨୦୧୬ (ଖ) ୨୦୧୪ (ଗ) ୨୦୧୫ (ଘ) ୨୦୧୩

## ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ୮୪୦,୧୬୮,୪୨,୧୪,୭...... ?
(କ) ୧ (ଖ) ୭ (ଗ) ୯ (ଘ) ୧୨

୨. PRAISDକୁ ଯଦି SSDJVE କୋଡ଼ ଦିଆଯାଏ, ତେବେ RUSHEDକୁ କେଉଁ କୋଡ଼ ଦିଆଯିବ ?
(କ) UVWJFE (ଖ) UVVIHE
(ଗ) UVVKGK (ଘ) UUVIFE

୩. କମଳା କହିଲା, ରବିର ମାଆ ଏକମାତ୍ର ଝିଅ ମୋ' ବୋଉର । ତେବେ କମଳା ସହିତ ରବିର ସଂପର୍କରେ କଅଣ ହେବ ?
(କ) ଭଉଣୀ (ଖ) ମାଆ (ଗ) ପିଉସୀ (ଘ) ଝିଆରୀ

୪. ଶୂନ୍ୟସ୍ଥାନ ପୂରଣ କର ?

| | | |
|---|---|---|
| ୭ | ୮ | ୯ |
| ୪ | ୨ | ୬ |
| ୫୫ | ୫୦ | ? |

(କ) ୬୫ (ଖ) ୮୦ (ଗ) ୮୨ (ଘ) ୭୫

୫. କେଉଁଟି ଗ୍ରୁପ୍ ଠାରୁ ସମ୍ପୂର୍ଣ୍ଣ ଅଲଗା ?
(୧) ୪-୬୦, (୨) ୫-୧୨୦, (୩) ୬-୧୨୦, (୪) ୭-୩୪୦
(କ) ୧ (ଖ) ୨ (ଗ) ୩ (ଘ) ୪

୬. ଯଦି D 'ବିୟୋଗ', A 'ଗୁଣନ', B 'ହରଣ', C 'ମିଶାଣ' ହୁଏ, ତେବେ ୧୫B୩A୫C୧୦D୪= ?
(କ)୧୮ (ଖ) ୩୧ (ଗ) ୪୧ (ଘ) ୨୧

୭. ଶୂନ୍ୟସ୍ଥାନରେ କେଉଁଟି ରହିବ ?
ab_cc_abb_cc_bbc_c
(କ) bccba (ଖ) bcaba (ଗ) bccac (ଘ) abcca

୮. ଗୋଟିଏ ଶ୍ରେଣୀରେ ଅନୁପର ସ୍ଥାନ ଉପରୁ ୨୦ତମ ଏବଂ ତଳୁ ୧୦ତମ ଅଟେ । ଶ୍ରେଣୀରେ କେତେ ଜଣ ପିଲା ଅଛନ୍ତି ?
(କ) ୨୮ (ଖ) ୨୯ (ଗ) ୩୦ (ଘ) ୩୧

୯. Calf ଯଦି Cow ସହ ଜଡ଼ିତ, ତେବେ Cub କାହା ସହ ଜଡ଼ିତ ?
(କ) Lioness (ଖ) Cat (ଗ) Goat (ଘ) Dog

୧୦. ଡକ୍ଟର : ନର୍ସ :: ଫଲୋଅର୍ : ?
(କ) ଏମ୍ପ୍ଲୋଏର (ଖ) ଲିଡର (ଗ) ମ୍ୟାନେଜର (ଘ) ୱାର୍କର୍

### ଉତ୍ତର

**୧.(ଘ) ୫, (ଗ) ୨୦୨୪, ୩.(ଘ) ଭାଷା ହିଁ ଭବିଷ୍ୟତ, ୪.(ଖ) ୨୦୨୭, ୫.(ଘ) ୬୭୯୮, ୬.(ଗ) ପ୍ରଥମ ଓ ଦ୍ୱିତୀୟ, ୭.(ଖ) ୨୪, ୮.(କ) ଦେବୀ ପ୍ରସନ୍ନ ପଟ୍ଟନାୟକ, ୯.(ଖ) ବରମୁଣ୍ଡା, ୧୦.(ଗ) ୨୦୧୫**

**୧.(ଖ) ୭, ୨.(ଖ) UVVIHE, ୩.(ଘ) ଝିଆରୀ, ୪.(ଘ) ୭୫, ୫.(ଘ) ୪, ୬.(ଖ) ୩୧, ୭.(ଗ) bccac, ୮.(ଖ) ୨୯, ୯.(କ) Lioness, ୧୦.(ଖ) ଲିଡର**



ଆଳସ୍ୟ, ଅଧିରତା ଓ ଭୟରୁ ନୈରାଶ୍ୟର ଜନ୍ମ ।

## ଇତିହାସ

୧.ଗାନ୍ଧିଜୀ କେଉଁଠାରେ ପ୍ରଥମେ ସତ୍ୟାଗ୍ରହର ପ୍ରୟୋଗ କରିଥିଲେ ?
(କ) ଭାରତ (ଖ) ଦକ୍ଷିଣ ଆଫ୍ରିକା
(ଗ) ଇଂଲଣ୍ଡ (ଘ) ଜାପାନ

୨.ମରହଟ୍ଟାମାନେ କେଉଁ ଭାଷାକୁ ଓଡ଼ିଶାର ରାଜଭାଷା ରୂପେ ମାନ୍ୟତା ଦେଇଥିଲେ ?
(କ) ଓଡ଼ିଆ (ଖ) ସଂସ୍କୃତ
(ଗ) ପାର୍ସୀ (ଘ) ପାଲି

୩. ୧୯୨୫ରେ କଟକଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?
(କ) କଳ୍ପତରୁ ମିଶ୍ର (ଖ) ଗୋପବନ୍ଧୁ ଦାସ
(ଗ) ବିକ୍ରମଦେବ ବର୍ମା (ଘ) କଳ୍ପତରୁ ଦାସ

୪. କେଉଁଟିକୁ 'ଆଜାଦ ଗୋମାନ୍ତକ ଦଳ' ଦଖଲ କରିଥିଲା ?
(କ) ଦାଦ୍ରା (ଖ) ନଗର ହାବେଳି
(ଗ) ଗୋଆ (ଘ) କରାଇକଲ

୫.ହୁଇଲର ଦ୍ୱୀପ କେଉଁ ରାଜ୍ୟରେ ଅବସ୍ଥିତ ?
(କ) ପଶ୍ଚିମବଙ୍ଗ (ଖ) ଆନ୍ଧ୍ରପ୍ରଦେଶ
(ଗ) ଓଡ଼ିଶା (ଘ) ତାମିଲନାଡୁ

୬.ପାରାଦ୍ୱୀପ ଫସ୍‌ଫେଟ୍ ଲିମିଟେଡ୍ ସାରକାରଖାନା କେଉଁ ମସିହାରେ ପାରାଦ୍ୱୀପରେ ପ୍ରତିଷ୍ଠା କରାଯାଇଥିଲା ?
(କ) ୧୯୭୧ (ଖ) ୧୯୮୧
(ଗ) ୧୯୮୮ (ଘ) ୧୯୭୮

୭.ପ୍ରତ୍ୟକ୍ଷ ଗଣତନ୍ତ୍ର କେଉଁ ଦେଶରେ ପ୍ରଚଳିତ ଥିଲା ?
(କ) ଗ୍ରୀସ୍ (ଖ) ରୋମ୍
(ଗ) ଇଟାଲୀ (ଘ) ଜାପାନ

୮. ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?
(କ) ଭୁବନେଶ୍ୱର (ଖ) ବ୍ରହ୍ମପୁର
(ଗ) କଟକ (ଘ) ପୁରୀ

୯. ରୋନାଲ୍ଡ ବ୍ରାଉନ୍ ଯୁକ୍ତରାଷ୍ଟ୍ର ଆମେରିକାର କେଉଁ ପଦବୀରେ ଥିଲେ ?
(କ) ବାଣିଜ୍ୟ ସଚିବ (ଖ) ଅର୍ଥ ସଚିବ
(ଗ) ସ୍ୱାସ୍ଥ୍ୟ ସଚିବ (ଘ) ବାଣିଜ୍ୟକର ସଚିବ

୧୦. କିଏ ଲର୍ଡ଼ କର୍ଜନଙ୍କୁ ପ୍ରଭାବିତକରି ଓଡ଼ିଶା ଗ୍ରସ୍ତରେ ଆସିଥିଲେ ?
(କ) ଉତ୍କଳମଣୀ (ଖ) ବ୍ୟାସକବି
(ଗ) ଉତ୍କଳଗୌରବ (ଘ) ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ

## ବାଣିଜ୍ୟ

୧.ବ୍ରାଣ୍ଡ ଗାର୍ଡିଆନଶିପ୍ ଇଣ୍ଡେକ୍ସ ୨୦୨୪ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧକ୍ଷ ମୁକେଶ ଅମ୍ବାନୀ ସମସ୍ତ ଭାରତୀୟଙ୍କ ମଧ୍ୟରେ କେଉ ସ୍ଥାନରେ ରହିଛନ୍ତି ?
(କ) ପ୍ରଥମ (ଖ) ଦ୍ୱିତୀୟ (ଗ) ତୃତୀୟ (ଘ) ଚତୁର୍ଥ

୨.ଆଦାନୀ ଗ୍ରୁପ ଦ୍ୱାରା ସର୍ବବୃହତ ତମ୍ବା କାରଖାନା କେଉଁଠାରେ ଖୋଲିବ ?
(କ) ଓଡ଼ିଶା (ଖ) ଗୁଜରାଟ (ଗ) ରାଜସ୍ଥାନ (ଘ) ହରିୟାନା

୩.ଭାରତୀୟ ରିଜର୍ଭ ବ୍ୟାଙ୍କ କଟକଣା ଲଗାଇବା ପରେ କେବେଠାରୁ ପେଟିଏମ୍ ପେମେଣ୍ଟ ବ୍ୟାଙ୍କର ପ୍ରାୟ ସମସ୍ତ ସେବା ବନ୍ଦ ହୋଇଯିବ ?
(କ) ଫେବୃଆରୀ ୨୦ (ଖ) ଫେବୃଆରୀ ୨୫
(ଗ) ଫେବୃଆରୀ ୨୯ (ଘ) ମାର୍ଚ୍ଚ ୧

୪.ମୋବାଇଲ ଫୋନ୍ ଉତ୍ପାଦନରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଉପରେ ଲାଗୁ କରାଯାଇଥିବା ୧୫ ପ୍ରତିଶତ କଷ୍ଟମ ଡ୍ୟୁଟି କେତେ ପ୍ରତିଶତ ହ୍ରାସ ପାଇଛି ?
(କ) ୧୨ (ଖ) ୯ (ଗ) ୧୪ (ଘ) ୧୦

୫.କେଉଁ ରାଜ୍ୟ ଆର୍ଥିକ ରୂପରେ ସବୁଠାରୁ ଅସୁସ୍ଥ ରାଜ୍ୟ ଅଟେ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଏକ ଯାଚିକାର ଜବାବ ରଖିଛନ୍ତି ?
(କ) କେରଳ (ଖ) ଆସାମ (ଗ) ପଞ୍ଜାବ (ଘ) ତେଲଙ୍ଗାନା

୬.୨୦୨୩-୨୪ରେ ଭାରତରେ ଚିନିର ବାର୍ଷିକ ଉତ୍ପାଦନ ପ୍ରାୟ କେତେ ପ୍ରତିଶତ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି ?
(କ) ୪ (ଖ) ୫ (ଗ) ୬ (ଘ) ୭

୭.ଆମାଜନ୍‌ର ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଜାନୁଆରୀ ୨୦୨୫ ମଧ୍ୟରେ କେତେ ସେୟାର ବିକ୍ରି କରିବେ ?
(କ) ୫ କୋଟି (ଖ) ୭ କୋଟି (ଗ) ୧୦ କୋଟି (ଘ) ୧ କୋଟି

୮.କେଉଁ ଦେଶ ଭାରତର ମୋଟ ସୁନା ଆମଦାନୀରେ ପ୍ରମୁଖ ସ୍ରୋତ ?
(କ) ଦକ୍ଷିଣ ଆଫ୍ରିକା (ଖ) ଋଷ (ଗ) ସାଉଦି ଆରବ (ଘ) ସ୍ୱିଜରଲ୍ୟାଣ୍ଡ

୯.ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ନିଜ ଅର୍ଥ ବ୍ୟବସ୍ଥାକୁ ସମ୍ଭାଳିବା ଲାଗି ଚୀନ୍‌କୁ କେତେ ଡଲାର ସହାୟତା ମାଗିଛି ?
(କ) ୨୦୦ କୋଟି (ଖ) ୫୦୦ କୋଟି
(ଗ) ୧୦୦୦ କୋଟି (ଘ) ୫୦୦୦ କୋଟି

୧୦.ଫୁଡ୍ ଆଣ୍ଡ ଗ୍ରୋସରୀ ଡେଲିଭରି କମ୍ପାନି 'ସ୍ୱିଗି' ଖୁବ୍ ଶୀଘ୍ର ନିଜର କେତେ କର୍ମଚାରୀଙ୍କୁ ଛଟେଇ କରିପାରେ ?
(କ) ୪% (ଖ) ୫% (ଗ) ୬% (ଘ) ୭%

### ଉତ୍ତର

**୧.(ଖ)ଦକ୍ଷିଣ ଅଫ୍ରିକା, ୨.(ଗ) ପାର୍ସୀ, ୩.(ଘ) କଳ୍ପତରୁ ଦାସ, ୪.(ଖ) ନଗରହାବେଳି, ୫.(ଗ) ଓଡ଼ିଶା, ୬.(ଖ) ୧୯୮୧, ୭.(କ) ଗ୍ରୀସ୍, ୮.(କ) ଭୁବନେଶ୍ୱର, ୯.(କ) ବାଣିଜ୍ୟ ସଚିବ, ୧୦.(ଗ) ଉତ୍କଳଗୌରବ**

**୧.(କ) ପ୍ରଥମ, ୨.(ଖ) ଗୁଜରାଟ, ୩.(ଗ) ଫେବୃଆରୀ ୨୯, ୪.(ଘ) ୧୦ ପ୍ରତିଶତ, ୫.(କ) କେରଳ, ୬.(କ) ୪, ୭.(କ) ୫ କୋଟି, ୮.(ଘ) ସ୍ୱିଜରଲ୍ୟାଣ୍ଡ, ୯.(କ) ୨୦୦ କୋଟି, ୧୦.(ଗ) ୬%**

## ଅର୍ଥନୀତି

୧.ଭାରତର ଅର୍ଥନୀତି ୨୦୨୪ରୁ ୨୦୩୧ ପର୍ଯ୍ୟନ୍ତ କେତେ ହାରରେ ଗତି କରିବ ବୋଲି ଅନ୍ତରୀଣ ବଜେଟରେ ଦର୍ଶାଯାଇଛି ?
(କ) ୬.୧% (ଖ) ୭.୧% (ଗ) ୬.୭% (ଘ) ୭.୬%

୨.ଦେଶରେ କେତେ ମହିଳା ସରକାରଙ୍କ 'ଲକ୍ଷପତି ଦିଦି ଯୋଜନା'ର ଲାଭ ପାଇପାରିବେ ?
(କ) ୧ କୋଟି (ଖ) ୨ କୋଟି (ଗ) ୨.୫ କୋଟି (ଘ) ୩ କୋଟି

୩.କେତେ କୃଷକ 'ପିଏମ କିଷାନ ସମ୍ପଦ ଯୋଜନା' ଦ୍ୱାରା ଲାଭ ପାଇଛନ୍ତି ?
(କ) ୩୮ ଲକ୍ଷ (ଖ) ୪୦ ଲକ୍ଷ (ଗ) ୪୨ ଲକ୍ଷ (ଘ) ୪୫ ଲକ୍ଷ

୪.ବଜେଟର ପ୍ରତିରକ୍ଷା ଖର୍ଚ୍ଚ ୧୧.୧ ପ୍ରତିଶତ ବୃଦ୍ଧି ପାଇବା ପରେ ଏହା ମୋଟ ଘରୋଇ ଉତ୍ପାଦ (ଜିଡିପି)ର କେତେ ପ୍ରତିଶତ ହେବ ?
(କ) ୩.୪% (ଖ) ୩.୫% (ଗ) ୪% (ଘ) ୫%

୫.ଚଳିତ ବର୍ଷ ଜାନୁୟାରୀ ୨୯ ସୁଦ୍ଧା ଦେଶରେ ପ୍ରାୟ କେତେ ପ୍ୟାନ୍-ଆଧାର ନମ୍ବର ସଂଯୋଗୀକରଣ କରାଯାଇନାହିଁ ?
(କ) ୮.୫ କୋଟି (ଖ) ୧୧.୪୮ କୋଟି
(ଗ) ୧୬.୫ କୋଟି (ଘ) ୧୭ କୋଟି

୬.୨୦୨୨-୨୩ରେ ଓଡିଶା ରାଜ୍ୟରେ ମୁଣ୍ଡପିଛା ଆୟରେ ଉଲ୍ଲେଖନୀୟ କେତେ ବୃଦ୍ଧି ପାଇଛି ?
(କ) ୧୫% (ଖ) ୧୬.୯% (ଗ) ୧୭.୪% (ଘ) ୧୮.୧%

୭.ଅଟଳ ପେନସନ ଯୋଜନାରେ ପେନସନ ପାଇବା ଲାଗି ଅତି କମ୍‌ରେ କେତେ ବର୍ଷ ଯାଏ ଟଙ୍କା ରଖିବାକୁ ପଡ଼ିଥାଏ ?
(କ) ୧୫ (ଖ) ୨୦ (ଗ) ୨୫ (ଘ) ୩୦

୮.ଅର୍ଥ ମନ୍ତ୍ରଣାଳୟ ସୁନା, ରୁପା ଏବଂ ମୂଲ୍ୟବାନ୍ ଧାତୁ ମୁଦ୍ରା ଉପରେ ଆମଦାନୀ ଶୁଳ୍କକୁ ୧୦ ପ୍ରତିଶତରୁ କେତେ ପ୍ରତିଶତକୁ ବୃଦ୍ଧି କରିଛନ୍ତି ?
(କ) ୧୧% (ଖ) ୧୨% (ଗ) ୧୩% (ଘ) ୧୫%

୯.ଏକଦା ଦେଶର ସବୁଠାରୁ ମୂଲ୍ୟବାନ ଷ୍ଟାର୍ଟଅପ କୁହାଯାଉଥିବା 'ବାଇଜୁ' ୨୦୨୨ ଆର୍ଥିକ ବର୍ଷରେ କେତେ ଟଙ୍କା କ୍ଷତି ସହିଛି ?
(କ) ୨୦୬୫ କୋଟି (ଖ) ୮୨୪୫ କୋଟି
(ଗ) ୫୧୩୬ କୋଟି (ଘ) ୯୯୯୯ କୋଟି

୧୦.ଭାରତୀୟ ଜୀବନ ବୀମା ନିଗମ ଲଞ୍ଚ କରିଥିବା କ୍ରେଡିଟ୍ କାର୍ଡରେ କେତେ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ବୀମା ସୁରକ୍ଷା ପ୍ରଦାନ କରାଯାଉଛି ?
(କ) ୫ ଲକ୍ଷ (ଖ) ୭ ଲକ୍ଷ (ଗ) ୧୦ ଲକ୍ଷ (ଘ) ୧୧ ଲକ୍ଷ

## କ୍ରୀଡ଼ା

୧.୨୦୨୪ର ଅଷ୍ଟ୍ରେଲିଆନ ଓପନ୍ ଟେନିସରେ ପୁରୁଷ ସିଂଗଲ୍ସ ଚାମ୍ପିଆନ ହୋଇଥିବା ୟାନିକ୍ ସିନର କେଉଁ ଦେଶର ଖେଳାଳି ?
(କ) ଫ୍ରାନ୍ସ (ଖ) ଇଟାଲୀ (ଗ) ଜର୍ମାନୀ (ଘ) ସ୍ପେନ୍

୨. ୨୦୧୪ର ଅଷ୍ଟ୍ରେଲିଆନ ଓପନ୍ ଫାଇନାଲରେ ୟାନିକ୍ ସିନର କାହାକୁ ପରାସ୍ତ କରି ଚାମ୍ପିଆନ ହୋଇଛନ୍ତି ?
(କ) ନୋଭାକ୍ ଡ୍ୟୋକୋଭିଚ୍ (ଖ) ଆଲେକଜାଣ୍ଡାର୍ ଜ୍ୱେରଭ୍
(ଗ) ଆନ୍ଦ୍ରେ ରୁବ୍‌ଲେଭ୍ (ଘ) ଡାନିଲ୍ ମେଡଭେଡେଭ

୩.୨୦୨୪ର ଅଷ୍ଟ୍ରେଲିଆନ ଓପନ୍‌ରେ ମହିଳା ସିଂଗଲ୍ସ ଚାମ୍ପିଆନ ହୋଇଥିବା ଆର୍ୟାନା ସାବାଲେଙ୍କା କେଉଁ ଦେଶର ଖେଳାଳି ?
(କ) ବେଲାରୁଷ (ଖ) ରୁଷ (ଗ) ୟୁକ୍ରେନ୍ (ଘ) ପୋଲାଣ୍ଡ

୪.୨୦୨୪ ଅଷ୍ଟ୍ରେଲିଆନ ଓପନ୍‌ର ଡବଲ୍ସ ଚାମ୍ପିଆନ ହୋଇ ଭାରତର ରୋହନ ବୋପାନ୍ନା ବୟସ୍କ ଗ୍ରାଣ୍ଡସ୍ଲାମ ଚାମ୍ପିଆନ ହେବାର ରେକର୍ଡ କରିଛନ୍ତି। କେତେ ବୟସରେ ସେ ଏହି କୃତିତ୍ୱ ହାସଲ କରିଛନ୍ତି ?
(କ) ୪୧ (ଖ) ୪୨ (ଗ) ୪୩ (ଘ) ୪୪

୫.୨୦୨୪ ଅଷ୍ଟ୍ରେଲିଆନ ଓପନ୍‌ରେ ଡବଲ୍ସ ଚାମ୍ପିଆନ ହୋଇଥିବା ରୋହନ ବୋପାନ୍ନାଙ୍କ ଅଷ୍ଟ୍ରେଲୀୟ ଯୋଡ଼ିଦାରଙ୍କ ନାମ କଣ ?
(କ) ମାଥ୍ୟୁ ଏବ୍‌ଡନ୍ (ଖ) ମାଇକେଲ୍ ଭେନସ୍
(ଗ) ମାକ୍ସ ପୁର୍ସେଲ୍ (ଘ) ଜନ୍ ପିଅର୍ସ

୬. ଜାନୁଆରୀ-୨୦୨୪ରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍‌ସର ଷଷ୍ଠ ସଂସ୍କରଣ କେଉଁ ରାଜ୍ୟରେ ଅନୁଷ୍ଠିତ ହୋଇଛି ?
(କ) ଗୋଆ (ଖ) କେରଳ (ଗ) ପଞ୍ଜାବ (ଘ) ତାମିଲନାଡୁ

୭.ଜାନୁଆରୀ ୨୦୨୪ରେ ବ୍ରିସବେନ୍ ଠାରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚରେ ଓ୍ୱେଷ୍ଟଇଣ୍ଡିଜ୍ କେତେ ରନରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ମାଟିରେ ୨୭ବର୍ଷ ପରେ ଟେଷ୍ଟ ବିଜୟ ହାସଲ କରିଛି ?
(କ) ୬ ରନ (ଖ) ୭ ରନ (ଗ) ୮ ରନ (ଘ) ୯ ରନ

୮.୨୦୨୪ ଜୁନିଅର ବିଶ୍ୱକପ କ୍ରିକେଟ କେଉଁ ଦେଶରେ ଖେଳାଯାଉଛି ?
(କ) ବାଂଲାଦେଶ (ଖ) ୟୁ.ଏ.ଇ
(ଗ) ଶ୍ରୀଲଙ୍କା (ଘ) ଦକ୍ଷିଣ ଆଫ୍ରିକା

୯.୨୦୨୪ର କଳିଙ୍ଗ ସୁପର କପ ଫୁଟବଲର ଫାଇନାଲରେ ଓଡ଼ିଶାଏଫ.ସି.କୁ ହରାଇ କେଉଁ ଦଳ ଚାମ୍ପିଆନ ହୋଇଛି ?
(କ) ମୋହନ ବାଗାନ (ଖ) ଇଷ୍ଟବେଙ୍ଗଲ
(ଗ) ମୁମ୍ବାଇ ସିଟୀ (ଘ) ଜାମସେଦପୁର

୧୦.ରାଞ୍ଚି ଠାରେ ଅନୁଷ୍ଠିତ ମହିଳା ହକି ଅଲିମ୍ପିକ୍ କ୍ୱାଲିଫାଇଙ୍ଗ ଟୁର୍ଣ୍ଣାମେଣ୍ଟରେ କେଉଁ ଦେଶ ଚାମ୍ପିଆନ ହୋଇଛି ?
(କ) ଜର୍ମାନୀ (ଖ) ଜାପାନ (ଗ) ଭାରତ (ଘ) ୟୁ.ଏସ.ଏ.

**ଉତ୍ତର**

**୧.(ଗ) ୬.୭%, ୨.(ଘ) ୩ କୋଟି, ୩.(କ) ୩୮ ଲକ୍ଷ, ୪.(କ) ୩.୪%, ୫.(ଖ) ୧୧.୪୮ କୋଟି, ୬.(ଖ) ୧୬.୯%, ୭.(ଖ) ୨୦, ୮.(ଘ) ୧୫%, ୯.(ଖ) ୮୨୪୫ କୋଟି, ୧୦.(କ) ୫ ଲକ୍ଷ**

**୧.(ଖ) ଇଟାଲୀ, ୨.(ଘ) ଡାନିଲ୍ ମେଡଭେଡେଭ, ୩.(କ) ବେଲାରୁଷ, ୪.(ଗ) ୪୩, ୫.(କ)ମାଥ୍ୟୁ ଏବ୍‌ଡନ୍, ୬.(ଘ) ତାମିଲନାଡୁ, ୭.(ଗ) ୮ ରନ, ୮.(ଘ) ଦକ୍ଷିଣ ଆଫ୍ରିକା, ୯.(ଖ) ଇଷ୍ଟବେଙ୍ଗଲ, ୧୦.(କ) ଜର୍ମାନୀ**

## ସାହିତ୍ୟ, କଳା ଓ ସଂସ୍କୃତି

୧. ପ୍ରସିଦ୍ଧ ଇଂରାଜୀ ପୁସ୍ତକ 'ମିଡ୍‌ନାଇଟ ଚିଲଡ୍ରେନ୍'ର ଲେଖକ କିଏ ?
(କ) ରୁଡ଼ିୟାଡ କିପ୍‌ଲିଙ୍ଗ (ଖ) ଆବୁଲ କଲାମ୍ ଆଜାଦ୍
(ଗ) ସଲମାନ୍ ରଶଦି (ଘ) ଡୋମନିକ୍ ଲାପିଏର୍

୨. ଇଂରଜୀରେ ଲିଖିତ ସେର୍‌ଲକ୍ ହୋମ୍ସ କାହାଣୀର ଲେଖକ କିଏ ?
(କ) ଆଗଥା କ୍ରିଷ୍ଟି (ଖ) ଆର୍ଥର କୋନନ୍ ଡୟଲ୍
(ଗ) ଇରଭିନ୍ ୱେଲ୍ସ (ଘ) ଏଦଗର୍ ଆଲେନ୍ ପୋ

୩. କେଉଁ ଦିନ ଆନ୍ତର୍ଜାତିକ ମାତୃଭଷା ଦିବସ ପାଳନ କରାଯାଏ ?
(କ) ୨୧ ଫେବ୍ରୁଆରୀ (ଖ) ୨୨ ଫେବ୍ରୁଆରୀ
(ଗ) ୧୦ ମାର୍ଚ୍ଚ (ଘ) ୧୧ ମାର୍ଚ୍ଚ

୪. କେଉଁ ଭାଷା ପାଇଁ ୧୯୫୨ରେ ତତ୍କାଳୀନ ପାକିସ୍ତାନରେ ହୋଇଥିବା ଆନ୍ଦୋଳନରେ ଶହିଦ ହୋଇଥିବା ବ୍ୟକ୍ତିଙ୍କ ସ୍ମୃତିରେ ବିଶ୍ୱ ମାତୃଭାଷା ଦିବସ ପାଳନ ନିମନ୍ତେ ୟୁନେସ୍କୋ ଦ୍ୱାରା ନିଷ୍ପତ୍ତି ନିଆଯାଇଥିଲା ?
(କ) ବଲୁଚ୍ (ଖ) ସିନ୍ଧୀ (ଗ) ବାଂଲା (ଘ) ସରାୟକୀ

୫. ୨୦୨୪ରେ ଆୟୋଜିତ ୬୯ତମ ଫିଲ୍ମ ଫେୟାର ଆୱାର୍ଡରେ କିଏ ସର୍ବଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଛନ୍ତି ?
(କ) ରଣବୀର କପୂର (ଖ) ରଣବୀର ସିଂହ
(ଗ) ଭିକୀ କୌଶଲ (ଘ) ବବି ଦେଓଲ

୬. ୨୦୨୪ରେ ଆୟୋଜିତ ୬୯ତମ ଫିଲ୍ମ ଫେୟାର ଆୱାର୍ଡରେ କିଏ ସର୍ବଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି ?
(କ) କଙ୍ଗନା ରାଣାୱତ (ଖ) ଦୀପିକା ପାଦୁକୋଣ
(ଗ) ଅନୁଷ୍କା ଶର୍ମା (ଘ) ଆଲିଆ ଭଟ୍ଟ

୭. ୬୯ତମ ଫିଲ୍ମ ଫେୟାର ଆୱାର୍ଡରେ ଲୋକପ୍ରିୟ ଚଳଚିତ୍ର ବର୍ଗରେ କେଉଁଟିକୁ ଶ୍ରେଷ୍ଠ ଚଳଚିତ୍ର ପୁରସ୍କାର ମିଳିଛି ?
(କ) ଆନିମଲ (ଖ) ଟ୍ୱେଲ୍‌ଥ୍ ଫେଲ୍ (ଗ) ଡଙ୍କି (ଘ) ଜୱାନ୍

୮. ୬୯ତମ ଫିଲ୍ମ ଫେୟାର ଆୱାର୍ଡରେ କିଏ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ପଟକଥା ଲେଖକ ଭାବେ ପୁରସ୍କୃତ ହୋଇଛନ୍ତି ?
(କ) ବିଧୁବିନୋଦ ଚୋପ୍ରା (ଖ) ସଞ୍ଜୟ ଲୀଲା ଭନସାଲି
(ଗ) ଅନୁରାଗ କଶ୍ୟପ (ଘ) ବିଶାଲ ଭରଦ୍ୱାଜ

୯. ଅଯୋଧ୍ୟାର ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ସମାରୋହ କେଉଁ ଦିନ ଅନୁଷ୍ଠିତ ହୋଇଥିଲା ?
(କ) ଜାନୁଆରୀ ୧୬ (ଖ) ଜାନୁଆରୀ ୨୦
(ଗ) ଜାନୁଆରୀ ୨୨ (ଘ) ଜାନୁଆରୀ ୨୪

୧୦.ଅଯୋଧ୍ୟାର ରାମ ମନ୍ଦିରରେ ପ୍ରାଣପ୍ରତିଷ୍ଠା ହୋଇଥିବା ରାମଲାଲାଙ୍କ ମୂର୍ତ୍ତିକୁ ନିର୍ମାଣ କରିଥିବା ଶିଳ୍ପୀଙ୍କ ନାମ କଣ ?
(କ) ଚନ୍ଦ୍ରକାନ୍ତ ସୋମପୁରା (ଖ) ସତ୍ୟନାରାୟଣ ପାଣ୍ଡେ
(ଗ) ଗଣେଶ ଭଟ୍ଟ (ଘ) ଅରୁଣ ଯୋଗୀରାଜ

## ଭୂଗୋଳ

୧. ଓଡ଼ିଶାର କେଉଁ ଜିଲ୍ଲାରେ କୃଷ୍ଣ କର୍ପାସ ମୃତ୍ତିକା ଦେଖାଯାଏ ?
(କ) କୋରାପୁଟ (ଖ) କଳାହାଣ୍ଡି (ଗ) ବୌଦ୍ଧ (ଘ) କଟକ

୨. ଭାରତରେ ସଂକଟାପନ୍ନ ପ୍ରାଣୀମାନଙ୍କ ସଂଖ୍ୟା କେତେ ?
(କ) ୧୦୦ରୁ ଅଧିକ (ଖ) ୧୦୦ରୁ କମ୍
(ଗ) ୨୦୦ରୁ ଅଧିକ (ଘ) ୩୦୦ରୁ ଅଧିକ

୩. କେଉଁଟି ପୃଥିବୀର ସର୍ବାଧିକ ବୃଷ୍ଟିପାତ ଅଞ୍ଚଳ ଅଟେ ?
(କ) ଦିଗବୋଇ (ଖ) ମାଇସିନରାମ୍
(ଗ) ନହରକାଟିଆ (ଘ) ସିଂଲନ୍

୪.ଶିଳ୍ପ କ୍ଷେତ୍ରରେ କେଉଁ ଲୌହପିଣ୍ଡକୁ ଅଧିକ ବ୍ୟବହାର କରାଯାଏ ?
(କ) ମ୍ୟାଗ୍ନେଟାଇଟ୍ (ଖ) ହେମାଟାଇଟ୍
(ଗ) ଲିମୋନାଟାଇଟ୍ (ଘ) ସିଡେରାଇଟ୍

୫.ଚୂନପଥର କେତୋଟି ଖଣିଜରେ ତିଆରି ହୋଇଥାଏ ?
(କ) ୧ (ଖ) ୨ (ଗ) ୩ (ଘ) ୪

୬.ଭାରତରେ କେତେଗୋଟି ପରମାଣୁ ଶକ୍ତି କେନ୍ଦ୍ର ଅଛି ?
(କ) ୫ (ଖ) ୬ (ଗ) ୮ (ଘ) ୧୨

୭. ପୃଥିବୀରେ ଉତ୍ପାଦିତ ସମୁଦାୟ ଚାହାର ଶତକଡ଼ା କେତେ ଭାଗ ଭାରତରେ ଉତ୍ପାଦିତ ହୋଇଥାଏ ?
(କ) ୩୦ (ଖ) ୩୫ (ଗ) ୪୦ (ଘ) ୪୫

୮. ବିଜୁଳି କେତେ ପ୍ରକାର ଅଟେ ?
(କ) ୨ (ଖ) ୩ (ଗ) ୪ (ଘ) ୫

୯. କେଉଁଟି ଉଦାରୀକରଣ ନୀତିର ଅନ୍ତର୍ଗତ ନୁହେଁ ?
(କ) ଲାଇସେନ୍ସ ଫି ଛାଡ଼ (ଖ) ଏକଚାଟିଆ ବାଣିଜ୍ୟ
(ଗ) ଟ୍ୟାକ୍ସ ଉଚ୍ଛେଦ (ଘ) ବହୁରାଷ୍ଟ୍ରୀୟ କମ୍ପାନୀକୁ ସ୍ୱାଧୀନତା

୧୦. ଗ୍ରାମାଞ୍ଚଳରେ ଜଣେ ସାଧାରଣ ବ୍ୟକ୍ତି ପାଇଁ ଦୈନିକ ସର୍ବନିମ୍ନ କେତେ କ୍ୟାଲୋରୀ ଖାଦ୍ୟସାର ଆବଶ୍ୟକ ?
(କ) ୨୧୦୦ (ଖ) ୪୨୦୦
(ଗ) ୨୪୦୦ (ଘ)୧୨୦୦

### ଉତ୍ତର

**୧.(ଗ) ସଲମାନ୍ ରଶଦି, ୨.(ଖ) ଆର୍ଥର କୋନନ୍ ଡୟଲ, ୩.(କ) ୨୧ ଫେବ୍ରୁଆରୀ, ୪.(ଗ) ବାଂଲା, ୫.(କ) ରଣବୀର କପୂର, ୬.(ଘ) ଆଲିଆ ଭଟ୍ଟ, ୭.(ଖ) ଟ୍ୱେଲ୍‌ଥ୍ ଫେଲ୍, ୮.(କ) ବିଧୁବିନୋଦ ଚୋପ୍ରା, ୯.(ଗ) ଜାନୁଆରୀ ୨୨, ୧୦.(ଘ) ଅରୁଣ ଯୋଗୀରାଜ**

**୧.(ଗ) ବୌଦ୍ଧ, ୨.(କ) ୧୦୦ରୁ ଅଧିକ, ୩.(ଖ) ମାଇସିନରାମ୍, ୪.(ଖ) ହେମାଟାଇଟ୍, ୫.(କ) ୧, ୬.(ଗ) ୮, ୭.(କ) ୩୦, ୮.(ଖ) ୩, ୯.(ଖ) ଏକଚାଟିଆ ବାଣିଜ୍ୟ, ୧୦.(ଗ) ୨୪୦୦**

## ରାଷ୍ଟ୍ରଶାସନ ବ୍ୟବସ୍ଥା

୧. ରାଷ୍ଟ୍ରପତି କାହା ନିକଟକୁ ତାଙ୍କର ଇସ୍ତଫା ପତ୍ର ପଠାଇଥାନ୍ତି ?
(କ) ଉପ ରାଷ୍ଟ୍ରପତି (ଖ) ପ୍ରଧାନ ମନ୍ତ୍ରୀ
(ଗ) ସ୍ୱରାଷ୍ଟ୍ର ମନ୍ତ୍ରୀ (ଘ) ଅର୍ଥ ମନ୍ତ୍ରୀ

୨. କେନ୍ଦ୍ର ମନ୍ତ୍ରୀମଣ୍ଡଳରେ କେତୋଟି ସ୍ତର ବା ପାହ୍ୟା ରହିଛି ?
(କ) ୫ (ଖ) ୪ (ଗ) ୩ (ଘ) ୨

୩. ନଗର ନିଗମର ମୁଖ୍ୟଙ୍କୁ କ'ଣ କୁହାଯାଏ ?
(କ) ଚେୟାରମ୍ୟାନ (ଖ) ମେୟର
(ଗ) କାଉନସିଲର (ଘ) ସଭାପତି

୪. ଉନବିଂଶ ଶତାବ୍ଦୀରେ ପ୍ରଥମେ କେଉଁ ଦେଶରେ ରାଜନୈତିକ ଦଳ ସୃଷ୍ଟି ହୋଇଥିଲା ?
(କ) ଇଂଲଣ୍ଡ (ଖ) ଆମେରିକା (ଗ) ଭାରତ (ଘ) ଆୟରଲ୍ୟାଣ୍ଡ

୫. ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା କରିବାରେ କାହାର ଉଦ୍ୟମ ବେଶ୍ ପ୍ରଶଂସନୀୟ ?
(କ) ମହାତ୍ମାଗାନ୍ଧୀ (ଖ) ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍
(ଗ) ସୁଭାଷ ବୋଷ (ଘ) ଉମେଶ ଚନ୍ଦ୍ର ବାନାର୍ଜୀ

୬. ମୂଳ ସମ୍ବିଧାନରେ କେତୋଟି ମୌଳିକ ଅଧିକାର ସନ୍ନିବେଶିତ ହୋଇଥିଲା ?
(କ) ୬ଟି (ଖ) ୭ଟି (ଗ) ୧୦ଟି (ଘ) ୧୧ଟି

୭. ଭାରତରେ ନିର୍ବାଚନ ଆୟୋଗ କେଉଁ ମସିହାରୁ ସୃଷ୍ଟି ହୋଇଅଛି ?
(କ) ୧୯୪୬ (ଖ) ୧୯୪୭ (ଗ) ୧୯୪୯ (ଘ) ୧୯୫୦

୮. ଓଡ଼ିଶାରେ କେତୋଟି ରାଜସ୍ୱ ମଣ୍ଡଳ ରହିଛି ।
(କ) ୫ (ଖ) ୪ (ଗ) ୩ (ଘ) ୨

୯. ଭାରତରେ କେତୋଟି ଲୋକସଭା ନିର୍ବାଚନ ମଣ୍ଡଳୀ ରହିଛି ।
(କ) ୫୪୭ (ଖ) ୫୪୫ (ଗ) ୫୨୦ (ଘ) ୫୨୫

୧୦. ଓଡ଼ିଶାରେ ଗୋଟିଏ ଗ୍ରାମପଞ୍ଚାୟତରେ ସର୍ବନିମ୍ନ କେତୋଟି ୱାର୍ଡ଼ ରହିପାରିବ ?
(କ) ୧୧ଟି (ଖ) ୧୨ଟି (ଗ) ୧୩ଟି (ଘ) ୧୪ଟି

## କମ୍ପ୍ୟୁଟର ଶିକ୍ଷା

୧. କମ୍ପ୍ୟୁଟର ସିଷ୍ଟମର ମସ୍ତିଷ୍କ କିଏ ?
(କ) ALU (ଖ) Memory (ଗ) CPU (ଘ) Control Unit

୨. Artificial Intelligence ପାଇଁ କେଉଁ କମ୍ପ୍ୟୁଟର ଭାଷା ବ୍ୟବହାର କରାଯାଏ ?
(କ) Fortan (ଖ) Prolog (ଗ) C (ଘ) Cobol

୩. ଗୋଟିଏ ରିମୋଟ କମ୍ପ୍ୟୁଟରକୁ କାହା ମାଧ୍ୟମରେ ସଂଯୋଗ କରାଯାଇପାରିବ ?
(କ) Device (ଖ) Dial up
(ଗ) Diagnostic (ଘ) Logic Circuit

୪. କାହାର ବ୍ୟବହାର ବିନା କି-ବୋର୍ଡ଼ ବ୍ୟବହାର ଦ୍ୱାରା ତା'ର କାର୍ଯ୍ୟ କରାଯାଇପାରିବ ?
(କ) Joystick (ଖ) Light Pen (ଗ) Mouse (ଘ) Touch

୫. କେଉଁ ପ୍ରିଣ୍ଟର୍ ଲେଜର ବିମ୍ ଏବଂ ଇଲେକ୍ଟ୍ରୋ ଫଟୋଗ୍ରାଫିର ମିଶ୍ରଣ ?
(କ) ଲେଜର ପ୍ରିଣ୍ଟର୍ (ଖ) ଲାଇନ ପ୍ରିଣ୍ଟର୍
(ଗ) ଡଟ୍ ମାଟ୍ରିକ୍ସ (ଗ) ଡେଜି ହୁଇଲ୍

୬. ଏକ ସେକେଣ୍ଡର ବିଲିୟନକୁ କ'ଣ କୁହାଯାଏ ?
(କ) ମିଲି ସେକେଣ୍ଡ୍ (ଖ) ମାଇକ୍ରୋ ସେକେଣ୍ଡ୍
(ଗ) ନାନୋ ସେକେଣ୍ଡ୍ (ଘ) ପିକୋ ସେକେଣ୍ଡ୍

୭. ଡିଜିଟାଲ୍ କମ୍ପ୍ୟୁଟରର କଣ୍ଟ୍ରୋଲ ୟୁନିଟ୍‌କୁ କ'ଣ କୁହାଯାଏ ?
(କ) Clock (ଖ) Nerve Centre (ଗ) ICs (ଘ) କୌଣସଟି ନୁହେଁ

୮. କମ୍ପ୍ୟୁଟରର ମୁଖ୍ୟ ମେମୋରୀ କ'ଣ ?
(କ) Primary & Secondary (ଖ) Random & Sequential
(ଗ) ROM & RAM (ଘ) କୌଣସଟି ନୁହେଁ

୯. ପ୍ରଥମ ଡିଜିଟାଲ ଇଲେକ୍ଟ୍ରିକ୍ କମ୍ପ୍ୟୁଟର କ'ଣ ଥିଲା ?
(କ) ଇଲେକ୍ଟ୍ରୋନିକ୍ ଭାଲଭ୍ (ଖ) ଭାକ୍ୟୁମ୍ ଟିୟୁବ୍
(ଗ) ଟ୍ରାଜିଷ୍ଟର (ଘ) ସେମି କଣ୍ଡକ୍ଟର

୧୦. ସଙ୍ଗୀତ ଏବଂ ପ୍ରୋଗ୍ରାମିଂ ପାଇଁ କେଉଁ କମ୍ପ୍ୟୁଟର ବ୍ୟବହାର ହେଉଥିଲା ?
(କ) ELLIAC (ଖ) ENIAC
(ଗ) UNVAC (ଘ) କୌଣସଟି ନୁହେଁ

**ଉତ୍ତର**

**୧.(କ) ଉପ ରାଷ୍ଟ୍ରପତି, ୨.(ଗ) ୩, ୩.(ଖ) ମେୟର, ୪.(ଖ) ଆମେରିକା, ୫.(ଖ) ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍, ୬.(ଖ) ୭ଟି, ୭.(ଗ) ୧୯୪୯, ୮.(ଗ) ୩, ୯.(ଖ) ୫୪୫, ୧୦.(କ) ୧୧ଟି**

**୧.(ଗ) CPU, ୨.(ଖ) Prolog, ୩.(ଖ) Dial up, ୪.(ଗ) Mouse, ୫.(କ) ଲେଜର ପ୍ରିଣ୍ଟର୍, ୬.(ଗ) ନାନୋ ସେକେଣ୍ଡ୍, ୭.(ଖ) Nerve Centre, ୮.(ଗ) ROM & RAM, ୯.(କ) ଇଲେକ୍ଟ୍ରୋନିକ ଭାଲଭ୍, ୧୦.(କ) ELLIAC**



ଆତ୍ମାର ବଡ ଶତ୍ରୁ ହେଉଛି ଆଳସ୍ୟ ।

## ସାଧାରଣ ବିଜ୍ଞାନ

୧. ରେଟିନୋ ବ୍ଲାଷ୍ଟୋମା କେଉଁ ପ୍ରକାର ଆଖିରୋଗ ?
(କ) ଆଖିରେ ପରଳ ମାଡି ଦେଖା ନଯିବା (ଖ) ଅନ୍ଧାରକଣା ରୋଗ
(ଗ) ଆଖିରୁ ଅନବରତ ଲୁହ ଝରିବା
(ଘ) ୪-୫ ବର୍ଷ ଶିଶୁମାନଙ୍କଠାରେ ଦେଖାଯାଉଥିବା ଏକ ପ୍ରକାର ଆଖିର କ୍ୟାନସର

୨.ଆଲୋପେସିଆ କ'ଣ ?
(କ) ଶିଶୁମାନଙ୍କ ଠାରେ ଦେଖାଯାଉଥିବା ଏକ ପ୍ରକାର ଚର୍ମରୋଗ
(ଖ)ଯୁବା ବୟସରୁ କେଶ ଝଡିବା ବା ଧଳା ପଡିଯିବା ସମସ୍ୟା
(ଗ) ବୟସ୍କଙ୍କଠାରେ ଦେଖାଯାଉଥିବା ଏକପ୍ରକାର ହୃଦରୋଗ
(ଘ) ଶୀତଋତୁରେ ଦେଖାଯାଉଥିବା ଏକ ପ୍ରକାର ଚର୍ମ ଆଲର୍ଜି

୩. କେଉଁଟି ଇସୋଫେଗାଲ ଉଫ୍ଲକ୍ସ ବା GERD ରୋଗର ଲକ୍ଷଣ ନୁହେଁ ?
(କ) ଏକ୍ସାଇ ସୋଫିଜିକାଲ (ଖ) ଟିପିକାଲ (ଗ) ସ୍କୋଆରଙ୍ଗ (ଘ) ଏଟିପିକାଲ

୪.ଇଲେକଟ୍ରନ୍ କିଏ ଆବିଷ୍କାର କରିଥିଲେ ?
(କ) ଜେ. ଜେ. ଥମସନ (ଖ) ଅରନେଷ୍ଟ ରଦ ରଫୋର୍ଡ
(ଗ) ଜେମ୍ସ ଚାଜଓ୍ୱିକ୍ (ଘ) ଗୋଲଡ୍ ଷ୍ଟେଇନ୍

୫.କେଉଁ ଓଡ଼ିଆ ପଦାର୍ଥ ବିଜ୍ଞାନୀ ବିଶ୍ୱବିଖ୍ୟାତ ପରମାଣୁ ବିଜ୍ଞାନୀ ଏନରିକୋ ଫର୍ମିଙ୍କ ଅଧୀନରେ ଗବେଷଣା କରୁଥିଲେ ?
(କ) ଡ଼. ଶିବପ୍ରସାଦ ମିଶ୍ର (ଖ) ଡ଼. ତ୍ରିଲୋଚନ ପ୍ରଧାନ
(ଗ) ଡ଼. ବିଭୁତି ଭୂଷଣ ଦେଓ (ଘ) ଡ଼. ଲକ୍ଷ୍ମୀଧର ଶତପଥୀ

୬. ଭାରତୀୟ ବିଜ୍ଞାନ କଂଗ୍ରେସ ସଂଘର ମୁଖ୍ୟାଳୟ କେଉଁଠାରେ ଅବସ୍ଥିତ ?
(କ) ମୁମ୍ବାଇ (ଖ) କୋଲକାତା (ଗ) ଚେନ୍ନାଇ (ଘ) ହାଇଦ୍ରାବାଦ

୭. ମେଣ୍ଡେଲିଭଙ୍କ ପର୍ଯ୍ୟାୟ ସାରଣୀରେ କେତୋଟି ପର୍ଯ୍ୟାୟ ଓ କେତୋଟି ସାରଣୀ ଥିଲା ?
(କ) ୭, ୯ (ଖ) ୭,୧୬ (ଗ) ୮,୧୮ (ଘ) ୭,୧୮

୮. ସୋଡ଼ିଅମ ବିଦ୍ୟୁତ ପରିବହନ କରିଥାଏ। କାରଣ -
(କ) ଏହାର ବହିସ୍ଥ କକ୍ଷରେ ଗୋଟିଏ ଇଲେକଟ୍ରନ୍ ରହିଛି
(ଖ) ଏହା ଏକ ନରମ ଧାତୁ
(ଗ) ଏଥିରେ ଭ୍ରାମ୍ୟମାଣ ଇଲେକଟ୍ରନ୍ ଗୁଡିଏ ରହିଥାଏ
(ଘ) ଏହା ଜଳ ସହ ପ୍ରତିକ୍ରିୟା କରି ଉଦ୍‌ଜାନ ଗ୍ୟାସ ତ୍ୟାଗ କରିଥାଏ

୯.ସୁସ୍ଥଲୋକର ମୂତ୍ରରେ କେଉଁଟି ନଥାଏ ?
(କ) ଜଳ (ଖ) ୟୁରିଆ (ଗ) ଗ୍ଲୁକୋଜ (ଘ) ସୋଡ଼ିଅମ କ୍ଲୋରାଇଡ଼

୧୦.ଲେମ୍ବୁ ଜାତୀୟ ଉଦ୍ଭିଦର ବୈଜ୍ଞାନିକ ନାମ କ 'ଣ ?
(କ) ସାଇଟ୍ରସ ରେଟିସ୍କୁଲେଟ (ଖ) ଲିଟମସ ଲାଇକେନ
(ଗ) ସାଇଟ୍ରସ ଲମୋନ (ଘ) ଲିମୋନ ଡ୍ରେଗନ

## ଗଣିତ

୧. ୨୦$\sqrt{୩}$ ଉଚ୍ଚତା ବିଶିଷ୍ଟ ଏକ ଗଛ ଛାଇର ଦୈର୍ଘ୍ୟ ୨୦ ମିଟର ହେଲେ ସୂର୍ଯ୍ୟଙ୍କ କୌଣିକ ଉନ୍ନତିର ପରିମାଣ କେତେ ?
(କ) ୩୦° (ଖ) ୪୫° (ଗ) ୬୦° (ଘ) ୯୦°

୨. ଦୁଇଟି ଉନ୍ନ ସମକୋଣୀ ସମଦ୍ୱିବାହୁ ତ୍ରିଭୁଜଙ୍କ କର୍ଣ୍ଣଦ୍ୱୟର ଦୈର୍ଘ୍ୟ ଯଥାକ୍ରମେ ୧୬ ସେ.ମି ଓ ୯ ସେ.ମି. ହେଲେ ଅନ୍ୟବାହୁ ଦ୍ୱୟର ଅନୁପାତ ସ୍ଥିର କର ?
(କ) **୧୬:୯** (ଖ) **୪:୩** (ଗ) **୯:୧୬** (ଘ) **୨:$\sqrt{୩}$**

୩. $x^2+7x-60=0$ ସମୀକରଣର
(କ) ବିଜଦ୍ୱୟ ସମାନ (ଖ) ବିଜଦ୍ୱୟ ବାସ୍ତବ ଓ ଅସମାନ
(ଗ) ବାସ୍ତବ ବୀଜ ନାହିଁ (ଘ) ବିଜଦ୍ୱୟ ଅବାସ୍ତବ ଓ ସମାନ

୪. ସମବାହୁ ତ୍ରିଭୁଜ ପାଇଁ କେଉଁ ସିଦ୍ଧାନ୍ତ ଭୁଲ୍ ଅଟେ ?
(କ) ପ୍ରତ୍ୟେକ ବାହୁର ମାପ ସମାନ (ଖ) ପ୍ରତ୍ୟେକ କୋଣର ପରିମାଣ ୬୦°
(ଗ) ପ୍ରତ୍ୟେକ କୋଣ ସମକୋଣ (ଘ) ଉଚ୍ଚତା ଭୂମିକୁ ସମଦ୍ୱିଖଣ୍ଡ କରେ

୫. ଏକ ବିନ୍ଦୁରେ ସର୍ବାଧିକ କେତେ ମାପ ପରିମାଣର କୋଣ ଅଙ୍କନ କରାଯାଇପାରିବ ?
(କ) ଅସଂଖ୍ୟ (ଖ) ୯୦° (ଗ) ୧୮୦° (ଘ) ୩୬୦°

୬. ନିମ୍ନସ୍ଥ କେଉଁଟି ଗାଣିତିକ ପ୍ରଗତି (AP) ଶ୍ରେଣୀଭୁକ୍ତ ନୁହେଁ ?
(କ) ୨,୪,୮,୧୬ (ଖ) ୧୩,୧୯,୨୫,୩୧
(ଗ) ୧୨,୧୫,୧୮,୨୧ (ଘ) -୩୮,-୩୩,-୨୮,-୨୩

୭. ନିମ୍ନସ୍ଥ କେଉଁ ଗଣିତଜ୍ଞ ଗ୍ରୀକ୍ ସଭ୍ୟତାର ନୁହନ୍ତି ?
(କ) ଆର୍କମେଡିସ (ଖ) ଯାତି ଭର୍ଷଭ (ଗ) ପିଥା ଗୋରସ (ଘ) ୟୁକ୍ଲିଡ୍

୮. ଚତୁର୍ଦ୍ଦଶ ଶତାବ୍ଦୀର କେଉଁ ଖ୍ୟାତନାମା ଗଣିତଜ୍ଞ ପ୍ରସିଦ୍ଧଗ୍ରନ୍ଥ 'ଗଣିତ କୌମୁଦୀ' ରଚନା କରିଥିଲେ ?
(କ) ଶଙ୍କର ନାରାୟଣ (ଖ) ମହାବୀର
(ଗ) ଦ୍ୱିତୀୟ ଆର୍ଯ୍ୟଭଟ୍ଟ (ଘ) ନାରାୟଣ ପଣ୍ଡିତ

୯. 'ଯଜୁର୍ବେଦ ସଂହିତା' ରେ ୧୦ ର ୧୨ ଘାତ ($୧୦^{୧୨}$)ସଂଖ୍ୟାକୁ ଭାଷାରେ କ'ଣ ଉଲ୍ଲେଖ ଅଛି ?
(କ) ଅର୍ବୁଦ (ଖ) ସମୁଦ୍ର (ଗ) ପରାର୍ଦ୍ଧ (ଘ) ଅନ୍ତ

୧୦. ଗଣିତ ଗବେଷଣା ପାଇଁ ଓଡିଶା ସରକାରଙ୍କ ଅଧୀନସ୍ଥ 'ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ'ର ପ୍ରଥମ ଅଧକ୍ଷ କେଉଁ ଓଡ଼ିଆ ଗଣିତଜ୍ଞ ହୋଇଥିଲେ ?
(କ) ଡ଼. ଗୋକୁଳାନନ୍ଦ ଦାସ (ଖ) ଡ଼. ତ୍ରିବିକ୍ରମ ପତି
(ଗ) ଡ଼. ଦୀପ୍ତି ରଥ (ଘ) ଡ଼. ରାମନାରାୟଣ ମହାପାତ୍ର

**ଉତ୍ତର**

**୧.(ଘ) ୪- ୫ ବର୍ଷ ଶିଶୁମାନଙ୍କଠାରେ ଦେଖାଯାଉଥିବା ଏକ ପ୍ରକାର ଆଖିର କ୍ୟାନସର, ୨.(ଖ) ଯୁବା ବୟସରୁ କେଶ ଝଡିବା ବା ଧଳା ପଡିଯିବା ସମସ୍ୟା, ୩.(ଗ) ସ୍କୋଆରଙ୍ଗ, ୪.(କ) ଜେ. ଜେ. ଥମସନ, ୫.(ଖ) ଡ଼. ତ୍ରିଲୋଚନ ପ୍ରଧାନ, ୬.(ଖ) କୋଲକାତା, ୭.(କ) ୭,୯ ୮.(ଗ) ଏଥିରେ ଭ୍ରାମ୍ୟମାଣ ଇଲେକଟ୍ରନ୍ ଗୁଡିଏ ରହିଥାଏ, ୯.(ଗ) ଗ୍ଲୁକୋଜ, ୧୦.(ଗ) ସାଇଟ୍ରସ ଲମୋନ**

**୧.(ଗ) ୬୦°, ୨.(କ) ୧୬:୯, ୩.(ଗ) ବାସ୍ତବ ବୀଜ ନାହିଁ, ୪.(ଗ) ପ୍ରତ୍ୟେକ କୋଣ ସମକୋଣ, ୫.(ଘ) ୩୬୦°, ୬.(କ) ୨,୪,୮,୧୬, ୭.(ଖ) ଯାତି ଭର୍ଷଭ, ୮.(ଘ) ନାରାୟଣ ପଣ୍ଡିତ, ୯.(ଗ) ପରାର୍ଦ୍ଧ, ୧୦.(ଖ) ଡ଼. ତ୍ରିବିକ୍ରମ ପତି**

# ପର୍ବପର୍ବାଣୀ

## ଫେବୃୟାରୀ

(ମକର ଦି୧୮ନ-କୁମ୍ଭ ଦି୧୭ନ)

(ମାଘ କୃଷ୍ଣ ଷଷ୍ଠୀ-ଫାଲଗୁନ କୃଷ୍ଣ ପଞ୍ଚମୀ)

ତା୦୨. ଅଷ୍ଟକା ଶ୍ରାଦ୍ଧ
ତା୦୬. ଷଟ୍‌ତିଳା ଏକାଦଶୀ ଓ ହଳ ନିଷେଧ
ତା୦୮. ରଟନ୍ତୀ ଚତୁର୍ଦ୍ଦଶୀ ଉପବାସ, ରଟନ୍ତୀ କାଳିକା ପୂଜା, ସବେ- ମେରାଜ (ପୂର୍ବରାତ୍ରି), ଶିବଚତୁର୍ଦ୍ଦଶୀ ଉପବାସ, ବେଢ଼ା ପରିକ୍ରମା ଓ ଶରଣ ଆରମ୍ଭ
ତା୦୯. ତ୍ରିବେଣୀ ଅମାବାସ୍ୟା, ମା'ବିରଜା ଦେବୀଙ୍କ ଜନ୍ମୋତ୍ସବ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ
ତା୧୦. ଶ୍ରୀ ଜୀଉଙ୍କ ପଦ୍ମ ବେଶ
ତା୧୧. ଚନ୍ଦ୍ରଦର୍ଶନ ଓ ପୂଜା
ତା୧୨. ଶରଣ ଶେଷ
ତା୧୩. କୁମ୍ଭ ସଂକ୍ରାନ୍ତି, ବରଦା ଚତୁର୍ଥୀ ଓ ହଳ ନିଷେଧ
ତା୧୪. ସରସ୍ୱତୀ ପୂଜା, ଶ୍ରୀ ପଞ୍ଚମୀ ଓ ବସନ୍ତୋତ୍ସବ
ତା୧୬. ମାଘ ସପ୍ତମୀ, (କୋର୍ଣାକ) ଚନ୍ଦ୍ରଭାଗା ତୀର୍ଥେ ସ୍ନାନ, ଭୀଷ୍ମାଷ୍ଟମୀ ଓ ଶ୍ରୀମନ୍ଦିରରେ ଜଗତସିଂହପୁର ମହାପୁରୁଷ ବୃନ୍ଦାବନନାଥ ଦାସଙ୍କ ଜନ୍ମୋତ୍ସବ
ତା୨୦. ଭୈମୀ ଏକାଦଶୀ (ବଡ଼) ଉପବାସ, ବ୍ୟାସ ସରୋବର ମେଳା, ବରାହ ଦ୍ୱାଦଶୀ ଓ ହଳ ନିଷେଧ
ତା୨୨. ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ଶିବଚତୁର୍ଦ୍ଦଶୀ ଉପବାସ
ତା୨୩. ଅଗ୍ନ୍ୟୁତ୍ସବ ଓ ଯୋରନ୍ଦା ମେଳା
ତା୨୪. ମାଘ ପୂର୍ଣ୍ଣିମା, ମାଘ ବ୍ରତ ସମାପନ, ଶ୍ରୀମନ୍ଦିରରେ ଗଜ ଉଦ୍ଧାରଣ ବେଶ, ଚନ୍ଦ୍ରପୂଜା ଓ ଉପବାସ
ତା୨୬. ସବେ-ବରାତ୍ (ପୂର୍ବରାତ୍ରି)

## ମାର୍ଚ୍ଚ

(କୁମ୍ଭ ଦି୧୮ନ-ମୀନ ଦି୧୮ନ)

(ଫାଲଗୁନ କୃଷ୍ଣ ମଳ ପଞ୍ଚମୀ-ଚୈତ୍ର କୃଷ୍ଣ ଷଷ୍ଠୀ)

ତା୦୬. ସ୍ମାର୍ତ୍ତ-ସମ୍ମତ (ପଙ୍କୋଦ୍ଧାର) ତ୍ରିସ୍ପର୍ଶା ଏକାଦଶୀ ଉପବାସ, ଶରଣ ପଞ୍ଚକ ଆରମ୍ଭ
ତା୦୭. ବୈଷ୍ଣବ ସମ୍ମତ ବିଜୟା ଏକାଦଶୀ
ତା୦୮. ସ୍ମାର୍ତ୍ତ-ସମ୍ମତ ମହାଶିବ ରାତ୍ରି (ଜାଗର)
ତା୦୯. ବୈଷ୍ଣବ ସମ୍ମତ ମହାଶିବ ରାତ୍ରି, ଶିବଚତୁର୍ଦ୍ଦଶୀ ଉପବାସ, ଚନ୍ଦ୍ରକ୍ଷୟ, ନିଶିପାଳନ
ତା୧୦. ଅମାବାସ୍ୟା, ସୂର୍ଯ୍ୟମହତୀ, ଗୋସହସ୍ରୀ ସ୍ନାନ ଓ ଶରଣ ପଞ୍ଚକ ଶେଷ
ତା୧୧. ଦ୍ୱିତୀୟା ଚନ୍ଦ୍ରଦର୍ଶନ ପୂଜା ଓ ଉପବାସ
ତା୧୨. ରମଜାନ ମାସ ଆରମ୍ଭ
ତା୧୩. ମାସନ୍ତ, ମାସିକ ବିନାୟକ ଚତୁର୍ଥୀ
ତା୧୪. ମୀନ ସଂକ୍ରାନ୍ତି, ଗୁରୁ ପଞ୍ଚମୀ ବ୍ରତ ଓ ହଳ ନିଷେଧ
ତା୧୭. ଅନ୍ନପୂର୍ଣ୍ଣା ଅଷ୍ଟମୀ
ତା୧୯. ଶ୍ରୀମନ୍ଦିରେ ଫଗୁ ଦଶମୀ, ଶ୍ରୀ ଜୀଉଙ୍କର ଚାଚେରୀ ବେଶ ଓ ଦୋଳ ଯାତ୍ରା ଆରମ୍ଭ
ତା୨୦. ପାପନାଶିନୀ (ଆମର୍ଦ୍ଦକୀ) ଏକାଦଶୀ ଓ ପାପନାଶିନୀ ସ୍ନାନ
ତା୨୧. ସମଦିବାରାତ୍ର, ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ
ତା୨୨. ଶକାବ୍ଦ ୧୯୪୬ ଆରମ୍ଭ
ତା୨୩. ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା
ତା୨୪. ବରାହ ଦୋଳ, ରାଜାଗ୍ନି, ଓଲକଣା ମେଲଣ, ଦଣ୍ଡନୃତ୍ୟ ଆରମ୍ଭ ଓ ପୂର୍ଣ୍ଣିମା ଚନ୍ଦ୍ରପୂଜା
ତା୨୫. ଦୋଳ ପୂର୍ଣ୍ଣିମା, ଶ୍ରୀଚୈତନ୍ୟ ଦେବଙ୍କର ଜନ୍ମୋତ୍ସବ ଓ ଶ୍ରୀଜୀଉଙ୍କର ରାଜା ବେଶ
ତା୨୬. ହୋଲି ଉତ୍ସବ
ତା୨୯. ଗୁଡ୍ ଫ୍ରାଇଡେ
ତା୩୦. ପଞ୍ଚୁଦୋଳ
ତା୩୧. ସ୍କନ୍ଦ ଷଷ୍ଠୀ ବ୍ରତ

# ମୁଖ୍ୟ ଦିବସ

## ଫେବୃୟାରୀ

ତା୦୧. ଭାରତୀୟ ତଟରକ୍ଷୀ ବାହିନୀ ଦିବସ
ତା୦୨. ବିଶ୍ୱ ଆର୍ଦ୍ରଭୂମି ଦିବସ
ତା୦୪. ବିଶ୍ୱ କର୍କଟ ଦିବସ, ଶ୍ରୀଲଙ୍କା ଜାତୀୟ ଦିବସ
ତା୦୫. ସନ୍ଥ ରବିଦାସ ଜନ୍ମ ଦିବସ
ତା୦୬. ମହିଳା ଶୋଷଣ ବିରୁଦ୍ଧରେ ଅନ୍ତର୍ଜାତୀୟ ଦିବସ, ଜାମ୍ମୁ-କାଶ୍ମୀର ଜାତୀୟ ଦିବସ
ତା୦୭. ଅନ୍ତର୍ଜାତୀୟ ବିକାଶ ସପ୍ତାହ
ତା୧୦. ବିଶ୍ୱ ଡାଲି ଜାତୀୟ ଶସ୍ୟ ଦିବସ
ତା୧୧. ଅନ୍ତର୍ଜାତୀୟ ବିଜ୍ଞାନରେ ମହିଳା ଏବଂ ବାଳିକା ଦିବସ
ତା୧୨. ଜାତୀୟ ଉତ୍ପାଦକ ଦିବସ
ତା୧୩. ସରୋଜିନୀ ନାଇଡୁଙ୍କ ଜୟନ୍ତୀ, ବିଶ୍ୱ ରେଡିଓ ଦିବସ
ତା୧୪. ପୁଲୱାମା ଆକ୍ରମଣ ବାର୍ଷିକୀ ଦିବସ, ଭାଲେଣ୍ଟାଇନ ଦିବସ
ତା୧୫. ଅନ୍ତର୍ଜାତୀୟ ଶିଶୁ କର୍କଟ ଦିବସ
ତା୧୫. ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଜୟନ୍ତୀ
ତା୧୮-୨୭. ତାଜ୍ ମହୋତ୍ସବ (ଆଗ୍ରା)
ତା୧୯. ଛତ୍ରପତି ଶିବାଜୀ ମହାରାଜ ଜୟନ୍ତୀ
ତା୨୦. ବିଶ୍ୱ ସାମାଜିକ ନ୍ୟାୟ ଦିବସ
ତା୨୧. ଆନ୍ତର୍ଜାତୀୟ ମାତୃଭାଷା ଦିବସ
ତା୨୪. କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ଏକ୍ସାଇଜ୍)ଦିବସ
ତା୨୭. ବିଶ୍ୱ ଏନ.ଜି.ଓ. ଦିବସ
ତା୨୮. ଜାତୀୟ ବିଜ୍ଞାନ ଦିବସ

## ମାର୍ଚ୍ଚ

ତା୦୧. ଶୂନ୍ୟ ଭେଦଭାବ ଦିବସ, ବିଶ୍ୱ ନାଗରିକ ସୁରକ୍ଷା ଦିବସ
ତା୦୨. କର୍ମଚାରୀ ପ୍ରଶଂସା ଦିବସ
ତା୦୩. ବିଶ୍ୱ ବନ୍ୟଜନ୍ତୁ ଦିବସ, ବିଶ୍ୱ ଶ୍ରବଣ ଦିବସ
ତା୦୪. ଜାତୀୟ ସୁରକ୍ଷା ଦିବସ
ତା୦୫. ପଞ୍ଚାୟତିରାଜ ଦିବସ, ବିଜୁ ପଟ୍ଟନାୟକ ଜୟନ୍ତୀ
ତା୦୬. ଜାତୀୟ ଦନ୍ତ ଚିକିତ୍ସକ ଦିବସ
ତା୦୮. ଅନ୍ତର୍ଜାତୀୟ ମହିଳା ଦିବସ
ତା୧୦. ସି.ଆଇ.ଏସ.ଏଫ. ସ୍ଥାପନା ଦିବସ
ତା୧୨. (ଦ୍ୱିତୀୟ ବୁଧବାର)ଧୂମପାନ ନିରୋଧ ଦିବସ
ତା୧୩. (ଦ୍ୱିତୀୟ ଗୁରୁବାର)ବିଶ୍ୱ କିଡନୀ ଦିବସ
ତା୧୪. ବିଶ୍ୱ ପାଇ( $\pi$ ) ଦିବସ, ଅନ୍ତର୍ଜାତୀୟ ଗଣିତ ଦିବସ ନଦୀଗୁଡ଼ିକ ପାଇଁ ଅନ୍ତର୍ଜାତୀୟ କାର୍ଯ୍ୟ ଦିବସ
ତା୧୫. ବିଶ୍ୱ ଖାଉଟି ଅଧିକାର ଦିବସ
ତା୧୬. ଜାତୀୟ ଟିକାକରଣ ଦିବସ
ତା୧୮. ଗୋଳାବାରୁଦ କାରଖାନା ଦିବସ (ଭାରତ)
ତା୧୯. ବିଶ୍ୱ ନିଦ ଦିବସ
ତା୨୦. ଅନ୍ତର୍ଜାତୀୟ ସୁଖ ଦିବସ, ବିଶ୍ୱ ଘରଚଟିଆ ଦିବସ
ତା୨୧. ବିଶ୍ୱ କବିତା ଦିବସ, ଅନ୍ତର୍ଜାତୀୟ ଜଙ୍ଗଲ ଦିବସ, ୱାର୍ଲ୍ଡ ଡାଉନ୍ ସିଣ୍ଡ୍ରୋମ୍ ଡେ
ତା୨୨. ବିଶ୍ୱ ଜଳ ଦିବସ, ବିହାର ପ୍ରଦେଶ ଦିବସ
ତା୨୩. ସହିଦ ଦିବସ (ଭଗତ ସିଂ, ସୁଖଦେବ ଏବଂ ରାଜଗୁରୁ ଫାଶୀ ଦିବସ), ବିଶ୍ୱ ପାଣିପାଗ ଦିବସ
ତା୨୪. ବିଶ୍ୱ ଯକ୍ଷ୍ମା ଦିବସ
ତା୨୭. ବିଶ୍ୱ ରଙ୍ଗମଞ୍ଚ (ଥିଏଟର) ଦିବସ







ଆମରିସତ୍ୟ'ର ଆଜୀବନ ସଦସ୍ୟମାନେ (ବାମରୁ) ବିଭୂପ୍ରସାଦ ହରିଚନ୍ଦନ (ପ୍ରାଥମିକ ଶିକ୍ଷକ, ଖୋରଧା), ସଂଗ୍ରାମ ମହାନ୍ତି (ପ୍ରାଥମିକ ଶିକ୍ଷକ, ଯାଜପୁର) ଏବଂ ଆଶୀଷ କୁମାର ରାୟ (ମାଧ୍ୟମିକ ଶିକ୍ଷକ, ଖୋରଧା) ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୩-୨୪'ରେ ସମ୍ମାନୀତ ହୋଇଥିବାରୁ ଆମରିସତ୍ୟ ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ






'ଆମରିସତ୍ୟ' ପରିବାରର ବନ୍ଧୁମିଳନ - ଜାନୁଆରୀ ୨୮,୨୦୨୪
(ଜାଗୁଲାଇପାଟଣା ଜଗନ୍ନାଥ ମନ୍ଦିର, ରଣପୁର ଜଗନ୍ନାଥ ମନ୍ଦିର ଓ ମଣିନାଗ, କୋଟଗଡ଼ ପାର୍କ)

Volume - 14 ● Issue No. 8 ● Monthly ● February - 2024 ● Pages - 36 ● RNI Regn. No. ODI/ODI/2010/350521 ● Postal Regd. No. PURI-33/2022-24




Printed & Published by Dr. Prasanna Kumar Jena Owned by "AMARISATYA", M-1/5, Mukunda Prasad Housing Board Colony, Post - P. N. College, Dist - Khordha, Printed at Webline, D2/19, Mancheswar Industrial Estate, BBSR-10, Published From - "AMARISATYA", Mukunda Prasad Housing Board Colony, Post - P. N. College, Dist - Khordha, Pin - 752057

Editor : Dr. Prasanna Kumar Jena

Founder : Dr. Pramod Chandra Dash